

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com



ବାଲେଶ୍ୱର ■ ଶନିବାର ୦୬ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 MAY 2023
Vol.No. 34 ■ No. 118 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଶା ଗସ୍ତରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି: ମହାପ୍ରଭୁଙ୍କୁ କଲେ ଦର୍ଶନ

ପୁରୀ , ୦୫/୦୫ (ନି.ପ୍ର): ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଆଜି ଭୁବନେଶ୍ୱରରେ ପହଂଚିବା ପରେ ଜଷ୍ଟିସ ଚନ୍ଦ୍ରଚୂଡ଼ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଛନ୍ତି । ସେ ଆସନ୍ତାକାଲି କଟକରେ ଏକ ଜାତୀୟ ସମ୍ମିଳନୀରେ ଯୋଗ ଦେଇ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ଆଜି ଭୁବନେଶ୍ୱରରୁ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଥିଲେ । ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ସହ ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ପୁରୀ ଗସ୍ତ କରିଥିଲେ। ଜଷ୍ଟିସ ଚନ୍ଦ୍ରଚୂଡ଼ ଆସନ୍ତାକାଲି କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିସରରେ ‘ଡିଜିଟାଇଜେସନ, ପେପରଲେସ୍ କୋର୍ଟ ଆଣ୍ଡ ଇ-ଇନିସିଏଟିଭି’ ଶୀର୍ଷକ ଜାତୀୟ ସମ୍ମିଳନୀରେ ଯୋଗ ଦେବେ ବୋଲି ଜଣାପଡ଼ିଛି । ଜଷ୍ଟିସ ଚନ୍ଦ୍ରଚୂଡ଼ ଗତ ଫେବୃୟାରୀ ମାସରେ ରାଜ୍ୟର ୧୦ଟି ଜିଲ୍ଲାରେ ‘ଭର୍ଚୁଆଲ ହାଇକୋର୍ଟ’ର ଭର୍ଚୁଆଲ ଉଦଘାଟନ ମଧ୍ୟ କରିଥିଲେ ।

## ସେନା-ଆତଙ୍କବାଦୀ ମୁହାଁମୁହିଁ: ୫ ଯବାନ ସହିଦ

ଶ୍ରୀନଗର,୦୫/୦୫ : ଜାମ୍ମୁ-କାଶ୍ମୀର ରୌଜୋରୀ ସେକ୍ଟରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସହିଦ ଯବାନଙ୍କ ସଂଖ୍ୟା ୫କୁ ବୃଦ୍ଧି । ଏହା ସହିତ ଜଣେ ଅଧିକାରୀଙ୍କ ସମେତ ଅନ୍ୟ ୪ଜଣ ଆହତ ହୋଇଛନ୍ତି । ଶୁକ୍ରବାର ସକାଳେ ସୁରକ୍ଷାବଳ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲା । ଏଥିରେ ୫ଜଣ ଯବାନ ସହିଦ ହୋଇଛନ୍ତି । ସେନା ଅଧିକାରୀଙ୍କ କହିବା ଅନୁଯାୟୀ, ୨୦ ଅପ୍ରେଲରେ ସେନା ଗାଡ଼ିକୁ ହୋଇଥିବା ଆତଙ୍କବାଦୀ ହମଲାରେ ଏହି ଆତଙ୍କୀମାନଙ୍କର ସମ୍ପୃକ୍ତି ରହିଛି । ଆତଙ୍କବାଦୀ ଆକ୍ରମଣରେ ଜଣେ ସେନା ଅଧିକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଜାମ୍ମୁ ସ୍ଥିତି ପ୍ରତିରକ୍ଷା ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ



ଦେବେନ୍ଦ୍ର ଆନନ୍ଦ କହିଛନ୍ତି, ଆଜି ସକାଳୁ ରୌଜୋରୀ ସେକ୍ଟରରେ ଚାଲିଥିବା ଅପରେସନରେ ଆତଙ୍କବାଦୀଙ୍କ ଦ୍ୱାରା ଗୁରୁତର ଭବେ ଆହତ ହୋଇଥିବା ୩ଜଣ ଯବାନଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ମୃତ୍ୟୁ ହୋଇଛି । ଏପର୍ଯ୍ୟନ୍ତ ମୋଟ୍ ୫ଜଣ ଯବାନ ସହିଦ ହୋଇଛନ୍ତି । ଏବେବି ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଛି ବୋଲି କହିଛନ୍ତି । ଇଣ୍ଟରନେଟ୍ ବନ୍ଦ କରିଦିଆଯାଇଛି । ସୂଚନା ଅନୁଯାୟୀ, ସହିଦ ହୋଇଥିବା ୫ଜଣଙ୍କ ମଧ୍ୟରୁ ୪ଜଣ ପାରା ଏସଏଫ ଓ ଜଣେ ରାଷ୍ଟ୍ରୀୟ ରାଇଫଲର ଯବାନ ରହିଛନ୍ତି । ସେହିପରି ଆହତ ହୋଇଥିବା ଅଧିକାରୀ ଜଣଙ୍କ ମେଜର ରାଙ୍କ୍‌ର ବୋଲି ସୂଚନା ରହିଛି । ତାଙ୍କୁ ଉଦମପୁର କମାଣ୍ଡୋ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି । ଆତଙ୍କବାଦୀମାନେ ଏକ ଗୁମ୍ଫା ନିକଟରେ ଆଇଇଡି ବ୍ଲାଷ୍ଟ କରି ଆଖିବୁଜା ଗୁଳି ଚଳାଇଥିଲେ । ଏହି ସୈନ୍ୟ ଅପରେସନରେ ପାରା ଏସଏଫ କମାଣ୍ଡୋ, ରାଷ୍ଟ୍ରୀୟ ରାଇଫଲ୍ ଯବାନ, ସିଆରପିଏଫ ଏବଂ ଜାମ୍ମୁ-କାଶ୍ମୀର ପୋଲିସ ସାମିଲ ରହିଛି ।

## ମଣିପୁରରେ ସ୍ଥିତିକୁ ଆୟତ୍ତ ପାଇଁ ୧୪ କମ୍ପାନି ଅର୍ଦ୍ଧସାମରିକ ବାହିନୀ ମୁତୟନ



ନୂଆଦିଲ୍ଲୀ,୦୫/୦୫ : ମଣିପୁରରେ ଚାଲିଥିବା ଆଦିବାସୀ-ଅଣଆଦିବାସୀ ହିଂସାକୁ ଦମନ କରିବାକୁ ସରକାର ଏପର୍ଯ୍ୟନ୍ତ ୧୪ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ (ଆରଏଏଫ୍, ସିଆରପିଏଫ୍, ବିଏସ୍ଏଫ୍) ବହୁ ସଂଖ୍ୟାରେ ମୁତୟନ କରିଛନ୍ତି । ଏହା ସହିତ ଆହୁରି ଅଧିକ ଅର୍ଦ୍ଧସାମରିକ ବାହିନୀ ପଠାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ହିଂସାଗ୍ରସ୍ତ ଅଂଚଳରୁ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଉଛି । ବର୍ତ୍ତମାନ ସୁଦ୍ଧା ମଣିପୁରରୁ ୧୫ରୁ ୨୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ ୨୩ଟି ସମ୍ବେଦନଶୀଳ ଥାନାକୁ ସୁରକ୍ଷା ବାହିନୀ ଚିହ୍ନଟ କରିଛି ।

▶▶ପୃଷ୍ଠା ୭

## ୭ରେ ଲଘୁଚାପ: ୮ରେ ନେବ ବାତ୍ୟା ରୂପ

### ଲଘୁଚାପ ସୃଷ୍ଟି ପରେ ବାତ୍ୟାର ତୀବ୍ରତା ଓ ଗତିପଥ ସ୍ପଷ୍ଟ ହେବ: ଆଇଏମ୍‌ଡି

ଭୁବନେଶ୍ୱର, ୦୫/୦୫ (ନି.ପ୍ର): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ୪୮ ଘଣ୍ଟା ଅର୍ଥାତ ଶନିବାର ସୁଦ୍ଧା ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହାର ପରବର୍ତ୍ତୀ ୨୪ ଘଣ୍ଟାରେ ଅର୍ଥାତ ୭ ତାରିଖ ଆଡ଼କୁ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଧୀରେ ଧୀରେ ଏହା ଅଧିକ ଘନୀଭୂତ ହୋଇ ୮ ତାରିଖ ସୋମବାର ସୁଦ୍ଧା ଅବପାତର ରୂପ ନେବ । ଏହାପରେ ଅବପାତଟି ଆହୁରି ଘନୀଭୂତ ହେବ ଓ ବାତ୍ୟା ରୂପରେ ଉତ୍ତର ଦିଗରେ କେନ୍ଦ୍ରୀୟ ବଙ୍ଗୋପସାଗର ଆଡ଼କୁ ଗତି କରିବ । ତେବେ ବାତ୍ୟାଟି କେତେ ଘନୀଭୂତ ହେବ, ଏହାର ଗତିପଥ କିଭଳି ରହିବ ଓ ତୀବ୍ରତା କେତେ ରହିବ; ତାହା ଲଘୁଚାପ ସୃଷ୍ଟି ପରେ ଅଧିକ ସ୍ପଷ୍ଟ କହିହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ କୁହାଯାଇଛି ।



ଅନ୍ୟପଟେ ଏବେ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଜାରି ରହିଛି । ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିଥିବା ବେଳେ ବର୍ଷା ମଧ୍ୟ ହେଉଛି । ଶୁକ୍ରବାର ଦିନ ରାଜ୍ୟର ୧୩ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ କାଳବୈଶାଖୀ ବର୍ଷା ହେବ । ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଧା, ନୟାଗଡ଼, ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର ଓ ନବରଙ୍ଗପୁର ଆଦି ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ହେତୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହି ସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆସନ୍ତାକାଲି ପରେ ରାଜ୍ୟରେ କାଳବୈଶାଖୀର ପ୍ରଭାବ କମିବ ।

## ପୁଣି ଆରମ୍ଭ ହେଲା କେଦାରନାଥ ଯାତ୍ରା

ନୂଆଦିଲ୍ଲୀ,୦୫/୦୫ : ଚାରିଧାମ ଯାତ୍ରାକୁ ସୁଗମ କରିବା ତଥା ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ କେଦାରନାଥରେ ଏସଡିଆରଏଫ ମୃତୟନ ହୋଇଛନ୍ତି । କେଦାରନାଥ ମାର୍ଗରେ ଲିନଚୋଲି ଠାରୁ ଭୈରବ ଗ୍ଲେସିଅର ଓ କୁବେର ଗ୍ଲେସିଅର ରେ ପାହାଡରୁ ଅତ୍ୟଧିକ ବରଫ ପଡିବା କାରଣରୁ ବନ୍ଦ ହୋଇଥିବା ରାସ୍ତା ପୁଣି ଖୋଲି ଦିଆ ଯାଇଛି । ଏହା ସହିତ କେଦାରନାଥ ଯାତ୍ରା ପୁଣି ଆରମ୍ଭ ହୋଇଯାଇଛି । ଗୁରବାରଦିନ କେଦାରନାଥ ରାସ୍ତାରେ ଲିନଚୋଲି ଆଗକୁ ଭୈରବ ଗ୍ଲେସିଅର ଓ କୁବେର ଗ୍ଲେସିଅରରେ ଶ୍ରଦ୍ଧାଳୁ ମାନଙ୍କୁ ସୁରକ୍ଷିତ ଭାବରେ ପାରି କରାଯାଉଛି । ତେବେ ପୁଣି ପାହାଡରୁ ବରଫ ଖଣ୍ଡ ଖସି ରାସ୍ତା ବନ୍ଦ ହୋଇଯିବା କାରଣରୁ ଏସଡିଏଫ ଜବାନମାନେ ରାସ୍ତାକୁ ସୁରଖିତ ରଖିବା ପାଇଁ ଏହି ବରଫ ଖଣ୍ଡକୁ ଯୁଦ୍ଧ୍ୟ କାଳିନ ପରିସ୍ତତିରେ କାଟି ସଫା କରିଛନ୍ତି । ଏହା ପରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ରାସ୍ତା ଖୋଲି ଯାଇଥିଲା । ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ସତର୍କତାପୁର୍ବକ ଭାବରେ ପାର କରିବାକୁ ଏଠାରେ ଏସଡିଏଫ୍ ଯବାନମାନେ ମୃତୟନ ହୋଇଛନ୍ତି ।

## ପଶ୍ଚିମ ଜାପାନରେ ଭୂମିକମ୍ପ

ଟୋକିଓ ,୦୫/୦୫ : ପଶ୍ଚିମ ଜାପାନର ଇସିକାବା ପ୍ରାନ୍ତରେ ଶୁକ୍ରବାର ଭୂମିକମ୍ପ ଅନୁଭୂତ ହୋଇଛି । ସ୍ଥାନୀୟ ସମୟ ଅପରାହ୍ନ ୨ଟା ୪୨ ମିନିଟ୍ ?ରେ ଅନୁଭୂତ ହୋଇଥିବା ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୩ ଥିବା ଜଣାପଡିଛି । ତେବେ ଅଧିକାରୀଙ୍କ ଅନୁସାରେ ଏପର୍ଯ୍ୟନ୍ତ ସୁନାମୀକୁ ନେଇ ଚେତାବନୀ ଜାରି ହୋଇ ନାହିଁ । ଭୂମିକମ୍ପର ଉତ୍ପତି ସ୍ଥଳ ନାଗୋୟାରୁ ୨୬୨ କିଲୋମିଟର ଦୂର ଉତ୍ତରଦିଗରେ ଭୂ-ପୃଷ୍ଠରୁ ୧୦ କିଲୋମିଟର ଗଭିରତାରେ ଥିଲା ବୋଲି କୁହାଯାଇଛି ।

## ଆଉ ବିଶ୍ୱ ପାଇଁ ସ୍ୱାସ୍ଥ୍ୟ ସଂକଟ ନୁହେଁ କୋଭିଡ୍, କିନ୍ତୁ ବିପଦ ଟଳିନି : ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ନୂଆଦିଲ୍ଲୀ,୦୫/୦୫ :ଗତ ତିନିବର୍ଷ ହେଲା ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇଥିବା କୋଭିଡ୍ ମହାମାରୀ ଆଉ ବିଶ୍ୱ ପାଇଁ ସ୍ୱାସ୍ଥ୍ୟ ସଂକଟ ହୋଇ ରହିନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଘୋଷଣା କରିଛି ଯେ କୋଭିଡ୍ ଆଉ ‘ଗ୍ଲୋବାଲ ହେଲଥ୍ ଏମର୍ଜେନ୍ସି’ ନୁହେଁ । ୨୦୨୦ ଜାନୁଆରି ମାସରେ ହୁ କୋଭିଡକୁ ‘ଗ୍ଲୋବାଲ ହେଲଥ୍ ଏମର୍ଜେନ୍ସି’ ଘୋଷଣା କରିଥିଲା ଓ ତାହାର କିଛି ଦିନ ପରେ ଏହାକୁ ମହାମାରୀ ଘୋଷଣା କରିଥିଲା । ହୁ ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରୋସ ଆଧୋନମ ଗେବ୍ରେସସ କହିଛନ୍ତି, ‘‘ଗତକାଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜରୁରୀକାଳୀନ କମିଟି ୧୫ତମ ଥର ପାଇଁ ବୈଠକ କରିଥିଲା । ଏଥିରେ କୋଭିଡ୍-୧୯କୁ ବିଶ୍ୱରେ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ



ପରିସ୍ଥିତି ପରିସର ବାହାରେ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ମୁଁ କମିଟିର ପରାମର୍ଶକୁ ଗ୍ରହଣ କରିଛି ।’’ ସଂଗଠନ କହିଛି ଯେ ୩୦ ଜାନୁଆରୀ ୨୦୨୦ରେ କୋଭିଡକୁ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରାଯାଇଥିଲା । ତେବେ କରୋନା ଏବେ ବି ବିଶ୍ୱସ୍ୱାସ୍ଥ୍ୟ ପ୍ରତି ବିପଦ ବୋଲି ଡବ୍ଲୁଏଚଓ ସ୍ପଷ୍ଟ କରିଛି । ସଂଗଠନ ଅନୁଯାୟୀ, ଯେତେବେଳେ କରୋନାକୁ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରାଯାଇଥିଲା ।

### ସମ୍ବଲପୁରରେ ବିଜେପି ସଂସଦୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଅଟକାଇବା ଘଟଣା

## ଲୋକସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ବିଜେପି ସାଂସଦ

ଝାରସୁଗୁଡା /ଭୁବନେଶ୍ୱର, ୦୫/୦୫ (ନି.ପ୍ର): ସମ୍ବଲପୁର ହିଂସାକାଣ୍ଡରେ ବିଜେପିର ସଂସଦୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଅଟକାଇବା ଓ ସଂସଦୀୟ କାର୍ଯ୍ୟରେ ବାଧା ସୃଷ୍ଟି କରିବା ମାମଲାରେ ବିଜେପି ସାଂସଦ ଲୋକସଭାରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି । ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଏବଂ ଜିଲ୍ଲା ଏସପି ବି.ଗଙ୍ଗାଧର ତଥା ଅନ୍ୟ ଜିଲ୍ଲା ଅଧିକାରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଅଣାଯାଇଛି । ଅଭିଯୋଗ ପାଇବା ପରେ ଲୋକସଭା ସଚିବାଳୟ ତରଫରୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସଂସଦର ସ୍ୱାଧୀକାର ଓ ନୈତିକତା (ପ୍ରିଭିଲେଜ ଓ ଏଥିକ୍ସ) କମିଟି କେନ୍ଦ୍ର ସରକାରଙ୍କ କାର୍ମିକ, ପେନସନ୍ ଏବଂ ଜନ ଅଭିଯୋଗ ମନ୍ତ୍ରାଳୟ (ଡିଓପିଟି)ର ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଦେଇଛନ୍ତି । ବିଜେପିର ସାଂସଦମାନଙ୍କୁ ଗତିରୋଧ କରିବା ଏବଂ ସଂସଦୀୟ କାର୍ଯ୍ୟ କରିବାରେ ବିରୋଧ କରିବାର କାରଣର ପୂର୍ଣ୍ଣାଙ୍ଗ ରିପୋର୍ଟ ଆସନ୍ତା ୧୫ ଦିନ ଭିତରେ ରାଜ୍ୟ ସରକାରଙ୍କଠାରୁ ସଂଗ୍ରହ କରି ଡିଓପିଟି ମନ୍ତ୍ରାଳୟ ସଂସଦୀୟ ସଚିବାଳୟକୁ ପ୍ରଦାନ କରିବେ । ଏହା ପରେ ସଂସଦୀୟ ସଚିବାଳୟ ଉକ୍ତ ରିପୋର୍ଟ ସହ ଅଭିଯୋଗକୁ ସଂକଳିତ କରି ବାଚସ୍ପତି ମହୋଦୟଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଜେପି ସାଂସଦ ସୁରେଶ ପୂଜାରୀ ଶୁକ୍ରବାର ଝାରସୁଗୁଡାଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଗତ ଏପ୍ରିଲ ୧୨ ଓ ୧୪ ରେ ସମ୍ବଲପୁରଠାରେ ଘଟିଥିବା ହିଂସାକାଣ୍ଡ , ଆଦିବାସୀ ଯୁବକର ହତ୍ୟା ହୋଇଥିଲା । ମୃତକ ପରିବାର ଓ ଆହତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଭେଟିବା ସହିତ ଜିଲ୍ଲା ପ୍ରଶାସନ ଏବଂ ଆରଡିସିଙ୍କ ସହ କଥା ହୋଇ ଘଟଣା ସଂପର୍କରେ ଅବଗତ ହେବାକୁ ଏପ୍ରିଲ ୧୮ ତାରିଖ ଦିନ ବିଜେପି ସଂସଦୀୟ ପ୍ରତିନିଧି ଦଳ ସମ୍ବଲପୁର ଗସ୍ତ କରିବେ ବୋଲି ନିଷ୍ପତି ହୋଇଥିଲା । ମାତ୍ର ଏହି ଅନୁମତିକୁ ହଠାତ୍ ବାତିଲ କରିଦିଆଯାଇଥିଲା । ବିନା କୌଣସି ନିର୍ଦ୍ଦେଶାନାମାରେ ସାଂସଦ ସୁରେଶ ପୁଜାରୀଙ୍କୁ ତାଙ୍କ ସମ୍ବଲପୁରସ୍ଥିତ ବାସଭନରେ ୧୮ ତାରିଖ ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଗୃହବନ୍ଦୀ କରି ରଖିଥିଲେ ସ୍ଥାନୀୟ ପୋଲିସ । ସେହିପରି ପ୍ରତିନିଧି ଦଳରେ ସାମିଲ ହୋଇ ଆସୁଥିବା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶର ଟୁଡୁ, ସାଂସଦ ସୁରେଶ ପୁଜାରୀ, ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡାଙ୍କୁ ମଧ୍ୟ ଝାରସୁଗୁଡା-ସମ୍ବଲପୁର ଜିଲ୍ଲାର ସୀମାନ୍ତବର୍ତୀ ଠେଲକୋଇଲି ଥାନାଠାରେ ଅଟକ ରଖାଯାଇଥିଲା । କର୍ଫ୍ୟୁ କୋହଳ ସମୟରେ ବିନା କୌଣସି ଆଦେଶନାମାରେ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅଟକ ରଖିବା ସେମାନଙ୍କ ଅଧିକାର ହନନ ଓ ପ୍ରତ୍ୟକ୍ଷରେ ସ୍ୱାଧୀକାର ଭଙ୍ଗ । ଏହି ପ୍ରସଙ୍ଗରେ ଗତ ୨୫ ତାରିଖ ଦିନ ସୁରେଶ ପୁଜାରୀ ଏବଂ ୨୭ ତାରିଖ ଦିନ ମିଳିତ ଭାବେ ସୁରେଶ ପୁଜାରୀ, ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡା ସ୍ୱାଧିକାର ଭଙ୍ଗ ହୋଇଥିବା ଦର୍ଶାଇ ଲୋକସଭା ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ସଭାପତି ତଥା ସାଂସଦ ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ମଣିପୁର ସ୍ଥିତିକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ଗସ୍ତ ରଦ୍ଦ କଲେ କେନ୍ଦ୍ର ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୦୫/୦୫ (ନି.ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଣିପୁର ସ୍ଥିତିକୁ ଦୃଷ୍ଟିରେ ରଖି ଶୁକ୍ରବାର କର୍ଣ୍ଣାଟକ ଗସ୍ତ ରଦ୍ଦ କରିଛନ୍ତି । ମଣିପୁରର ସ୍ଥିତି ଉପରେ ସେ ଲଗାତାର ନଜର ରଖିଛନ୍ତି । ଗୃହମନ୍ତ୍ରୀଙ୍କ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଣିପୁର ହିଂସା ଉପରେ ଲଗାତାର ନଜର ରଖିଛନ୍ତି । ମଣିପୁରରେ ଶାନ୍ତି ଓ ସ୍ୱାଭାବିକ୍ ସ୍ଥିତି ଫେରାଇ ଆଣିବା ପାଇଁ ସେ ଶୁକ୍ରବାର ଅଧିକାରୀ ମାନଙ୍କ ସହିତ ବୈଠକ କରିଛନ୍ତି ।

## ହାଇଭୋଲଟେଜ୍ ଡ୍ରାମା ପରେ ଇସ୍ତଫା ପ୍ରତ୍ୟାହାର କଲେ ଶରଦ ପାୱାର: ରହିବେ ଏନସିପି ଅଧ୍ୟକ୍ଷ

ମୁମ୍ବାଇନୂଆଦିଲ୍ଲୀ,୦୫/୦୫ : ମହାରାଷ୍ଟ୍ର ରାଜନୀତିରେ ପୁଣି ଥରେ ଦେଖିବାକୁ ମିଳିଛି ମହାନାଟକ । ହାଇଭୋଲଟେଜ୍ ଡ୍ରାମା ପରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନସିପି)ର ଅଧ୍ୟକ୍ଷ ପଦରୁ ଇସ୍ତଫା ପତ୍ର ପ୍ରତ୍ୟାହାର କଲେ ଶରଦ ପାୱାର । ପାର୍ଟି କମିଟି ବୈଠକରେ ଇସ୍ତଫା ପତ୍ର ନାମଞ୍ଜୁର ହେବାର କିଛି ସମୟ ପରେ ଶରଦ ପାୱାର ଏହି ନିଷ୍ପତ୍ତି ନେଇଛନ୍ତି । ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଶରଦ ପାୱାର କହିଛନ୍ତି, ଇସ୍ତଫା ଦେବାର ନିଷ୍ପତ୍ତି ଘୋଷଣା ପରେ କର୍ମୀ ଏବଂ ଜନତାଙ୍କ ମଧ୍ୟରେ ଅଶାନ୍ତି ବ୍ୟାପି ଥିଲା । ମୋର ପରାମର୍ଶଦାତା ନିଷ୍ପତ୍ତି ଉପରେ ପୁର୍ନବିଚାର କରାଯିବା ଉଚିତ୍ ବୋଲି କହିଥିଲେ । ମୋର ସମର୍ଥକ,



ମହାରାଷ୍ଟ୍ର ଏବଂ ସମଗ୍ର ଦେଶର ରାଜନେତାମାନେ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । ସମସ୍ତ କଥାକୁ ବିଚାରକୁ ନେଇ ମୁଁ ମୋର ଇସ୍ତଫା ପ୍ରତ୍ୟାହାର କରୁଛି ବୋଲି ଏନସିପି ସୁପ୍ରିମୋ ଶରଦ ପାୱାର କହିଛନ୍ତି । ଏହି ଭେଟେରାନ ନେତା କହିଛନ୍ତି, ୧୯୯୯ରେ ସ୍ଥାପିତ ଏନସିପିର ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳିବା ଉପରେ ବିଚାର ପାଇଁ ତାଙ୍କୁ କିଛି ସମୟ ଦରକାର । ଏବେ ସେ ଏକ କମିଟି ଗଠନ କରିବେ ଯେଉଁଥିରେ ଅଜିତ୍ ପାୱାର, ସୁପ୍ରିୟା ସୁଲେ, ପଟେଲ୍ ଏବଂ ଛଗନ ଭୁଜବଲ ସଦସ୍ୟ ରହିବେ । ଏହି କମିଟିରେ ଏନସିପିର ପରବର୍ତ୍ତୀ ଅଧ୍ୟକ୍ଷ ଉପରେ ନିଷ୍ପତ୍ତି ନେବେ । ଏହା ପୂର୍ବରୁ କମିଟିରେ ଏକ ପ୍ରସ୍ତାବ ଗୃହୀତ ହୋଇ ଶରଦ ପାୱାରଙ୍କ ଇସ୍ତଫାକୁ ନାମଞ୍ଜୁର କରାଯାଇଥିଲା । ନିଜ ପୁତୁରା ଅଜିତ୍ ପାୱାର ଏନସିପି ଛାଡ଼ିବା ଏବଂ ବିଜେପିରେ ମିଶିବାର ଖବର ମଧ୍ୟରେ ଶରଦ ପାୱାର ପାର୍ଟି ଅଧ୍ୟକ୍ଷ ପଦରୁ ଇସ୍ତଫା ଘୋଷଣା କରିଥିଲେ । ତେବେ ଶେଷ ମୁହୂର୍ତ୍ତ ଯାଏ ସେ ଏନସିପିରେ ରହିବେ ବୋଲି ଅଜିତ୍ ପାୱାର ସ୍ପଷ୍ଟ କରିଥିଲେ ।

## କାଠମାଣ୍ଡୁ ଯାଉଥିବା ବିମାନ ପାଟନା ଏୟାରପୋର୍ଟରେ ଜରୁରୀ ଅବତରଣ

ପାଟନା, ୦୫/୦୫ (ନି.ପ୍ର): ବାଙ୍ଗଲାଦେଶରୁ ନେପାଳର କାଠମାଣ୍ଡୁ ଯାଉଥିବା ବିମାନକୁ ପାଟନା ବିମାନ ବନ୍ଦରରେ ଜରୁରୀ ଅବତରଣ କରାଯାଇଛି । ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ପାଟନା ଏୟାରପୋଟରେ ବିମାନକୁ ସୁରକ୍ଷିତ ଅବତରଣ କରାଯାଇଛି । ବିମାନରେ ପାଇଲଟ ଏବଂ କ୍ରୁ୍ୟ ସଦସ୍ୟଙ୍କୁ ମିଶାଇ ୭୭ ଜଣ ଯାତ୍ରୀ ଥିଲେ । ବାସ୍ତବରେ, ବାଙ୍ଗଲାଦେଶ ଏୟାରଲାଇନ୍ସର ବିମାନ ନେପାଳର କାଠମାଣ୍ଡୁକୁ ଉଡାଣ ଭରିଥିଲା । କିନ୍ତୁ ମଝିରେ ବିମାନର ବୈଷୟିକ ତ୍ରୁଟି ଦେଖାଦେଇଥିଲା ।

# ନିଶ୍ଚିନ୍ତକୋଇଲି ବ୍ଲକ ଦୁର୍ନୀତିର ଗନ୍ତାଘର : ମନରେଗା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ

ସାଲେପୁର, ୦୫/୦୫ (ନି.ପ୍ର): ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତକର୍ମନିଯୁକ୍ତି ଯୋଜନା (ମନରେଗା)ରେ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଂଚାୟତରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଯାହାଦ୍ୱାରା ଅଭିଯୋଗକାରୀମାନେ ବାଧ୍ୟ ହୋଇ ହୋଇଥିବା ଦୁର୍ନୀତି ସଂକ୍ରାନ୍ତରେ ଲୋକାୟୁକ୍ତଙ୍କୁ ଅବଗତ କରାଇଥିଲେ। ଗତ ୩ ଦିନ ହେବ ଏହି ବ୍ଲକର ନତକାଇ, ତିଳକଣା ଓ ନଗସପୁର ପଂଚାୟତକୁ ଲୋକାୟୁକ୍ତ ଉପନିର୍ଦ୍ଦେଶକ ମାନଗୋବିନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଇଂ. ସଞ୍ଜୟ ସାହୁଙ୍କ ସମେତ ଏକ ଚାରିଜଣିଆ ଦଳ ଆସି ଦୁର୍ନୀତି ହୋଇଥିବା ପ୍ରକଳ୍ପ କାର୍ଯ୍ୟକୁ ତଦନ୍ତ କରିଛନ୍ତି । ଏହି ବ୍ଲକର ନଗସପୁର ପଂଚାୟତ ବିଲିପାଳଦା ଦଳିତ ସାହିରେ ବେଲେଶ୍ୱରୀ ଠାକୁରାଣୀଙ୍କ ଠାରୁ କୃଷ୍ଣ ମଲିକ ଘର ପର୍ଯ୍ୟନ୍ତ ମନେରେଗା ଯୋଜନାରେ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ରାସ୍ତାର ଉନ୍ନତିକରଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ସଂକ୍ରାନ୍ତରେ ସେହି ଗ୍ରାମର କୃଷ୍ଣଚନ୍ଦ୍ର ମଲିକ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଏହି ତିନୋଟି ପ୍ରକଳ୍ପର ହୋଇଥିବା ଦୁର୍ନୀତିକୁ ତଦନ୍ତ କରିବା ପାଇଁ ଲୋକାୟୁକ୍ତ ଦଳ ଆସି ପ୍ରଥମ ପର୍ଯ୍ୟାୟ ତଦନ୍ତ ଆରମ୍ଭ କରିଛି । ନତକାଇ ପଂଚାୟତରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାଘୁଆ ପୋଖରୀ ଓ ବାଙ୍କେଶ୍ୱର ପୋଖରୀ ଉନ୍ନତିକରଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ୱାର୍ଡସଭ୍ୟ ଭକ୍ତବନ୍ଧୁ ପଣ୍ଡା ଅଭିଯୋଗ କରିଥିଲେ । ସେହିପରି ତିଳକଣା ପଂଚାୟତରେ ଲୁଣାନଦୀ ପଠା ତିନି ମୁହାଣୀ ନିକଟରେ ଥିବା ଜୟଗୁରୁ ଆଶ୍ରମ ନିକଟରେ ଏକ ପଡିଆ ସମତୁଲ କରିବା ପାଇଁ ମନରେଗା ଯୋଜନାରେ ୫ଲକ୍ଷ ୧୧ ହଜାର ୩୪୯ ଟଙ୍କାର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସଂକ୍ରାନ୍ତରେ ପ୍ରମୋଦ କୁମାର ସାହୁ ମଧ୍ୟ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ନତକାଇ ପଂଚାୟତର ଦୁଇ ପୋଖରୀ କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରିବା ସହିତ ସ୍ଥାନୀୟ ଲୋକଙ୍କର ବୟାନ ରେକର୍ଡ କରିଥିବା ବେଳେ ଉକ୍ତ କାର୍ଯ୍ୟ ସଂକ୍ରାନ୍ତ ସମସ୍ତ ରେକର୍ଡପତ୍ର ଯାଂଚ କରିଛି । ସେହିପରି ତିଳକଣା ପଂଚାୟତରେ ହୋଇଥିବା ପଡିଆ ଉନ୍ନତିକରଣ କାର୍ଯ୍ୟକୁ ମାପଚୁପ୍ କରିବା ସହିତ ଜବ୍କାର୍ଡଧାରୀ ଓ ସାଧାରଣ ଲୋକଙ୍କର ବୟାନ ରେକର୍ଡ କରି ଫାଇଲ୍ର ଯାଂଚ କରିଛି । ନଗସପୁର ପଂଚାୟତରେ ହୋଇଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ଟିକିନିଖି ତଦନ୍ତ କରିବା ସହିତ ସ୍ଥାନୀୟ ଗ୍ରାମବାସୀ ଓ ଜବ୍କାର୍ଡଧାରୀମାନଙ୍କୁ କାର୍ଯ୍ୟ ସଂକ୍ରାନ୍ତରେ ପଚାରି ତଥ୍ୟ ସଂଗ୍ରହ କରି ରେକର୍ଡପତ୍ର ଯାଂ କରିଛି । ପରସ୍ପର ମଧ୍ୟରେ ଠିକାକାର୍ଯ୍ୟ କରିବା ହେଉ, ପଂଚାୟତ ନିର୍ବାଚନ ସମୟରେ ରହିଥିବା ପୂର୍ବ ଶତ୍ରୁତା ହେଉ କିମ୍ବା ସଂପୃକ୍ତ ରାଜନେତା ଓ ଅଧିକାରୀମାନଙ୍କୁ ହଇରାଣ ହରକତ କରିବାର ଉଦ୍ଦେଶ୍ୟ ରଖି ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଏଭଳି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିବା ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି । ଏହି ତଦନ୍ତ ସମୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଂଜନ ପଣ୍ଡା, କନିଷ୍ଠଯନ୍ତ୍ରୀ ସମତା ଦେବତା, ବିଭୁଦତ ରାଉତରାୟ, ଲିଲିନା ନାୟକ, ଏ.ପି.ଇ.ଓ. ସାଗରିକା ପରିଡା, ସରପଂଚଙ୍କ ପ୍ରତିନିଧି ବିଶ୍ୱନାଥ ପଣ୍ଡା, ବିଜ୍ଞାନ ଚନ୍ଦ୍ର ମଲିକ, ସରପଂଚ ଜୟଦେବ ରାଉତଙ୍କ ସମେତ ବହୁ ଜବକାର୍ଡଧାରୀ ଜନସାଧାରଣ ଉପସ୍ଥିତ ଥିଲେ ।

# ଏମ୍ସ ଭୁବନେଶ୍ୱରରେ ବିରଳ ଗଳା କର୍କଟ ରୋଗର ଅଭିନବ ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୦୫/୦୫ (ନି.ପ୍ର): ବିକିରଣ (ରେଡିଏସନ୍) ଏବଂ କେମୋ ପ୍ରତିରୋଧୀ ବିରଳ ଗଳା କର୍କଟ (ଆଡେନଏଡ୍ ସିଷ୍ଟିକ୍ କାର୍ସିନୋମା) ଭଳି କୌଣସି ବିକଳ୍ପ ଚିକିତ୍ସା ପ୍ରକ୍ରିୟା ନଥିବା ପ୍ରାଣଘାତୀ ରୋଗରୁ ଜଣେ ଯୁବତୀଙ୍କୁ ରକ୍ଷା କରିବାକୁ ଯାଇ ଏମ୍ସ ଭୁବନେଶ୍ୱରର ଯୁବ ଡାକ୍ତର ଗୋଷ୍ଠୀଙ୍କ ଦ୍ୱାରା ଅଭିନବ ଉପାୟରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଛି । ଜଗତସିଂହପୁର ଜିଲ୍ଲାର ୨୫ ବର୍ଷ ବୟସ୍କା ଜଣେ ଯୁବତୀ ପ୍ରାୟ ଏକ ବର୍ଷରୁ ଅଧିକ ହେବ ଏହି ବିରଳ ଗଳା କର୍କଟ ରୋଗରେ ପିଡ଼ୀତ ଥିଲେ। ବାକ୍ ଯନ୍ତ୍ର ଏବଂ ଖାଦ୍ୟନଳୀର ସଂଯୋଗସ୍ଥଳରେ ହୋଇଥିବା ଏହି ଟ୍ୟୁମର ଫଳରେ ଯୁବତୀଜଣଙ୍କ ଶ୍ୱାସକ୍ରିୟା ଏବଂ କଥା କହିବାରେ ଭୀଷଣ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେବେ ବିକିରଣ ଏବଂ କେମୋ ପ୍ରତିରୋଧୀ ଏହି ବିରଳ କର୍କଟରୁ ଉପଶମ ଦେବା ତଥା ତାଙ୍କର ଜୀବନ ରକ୍ଷା କରିବାକୁ ଏମ୍ସ ଭୁବନେଶ୍ୱରର ଇଏନ୍ଟି ଏବଂ ଗ୍ୟାଷ୍ଟ୍ରୋସର୍ଜରୀ ବିଭାଗର ଯୁବଡାକ୍ତରମାନଙ୍କୁ ନେଇ ଗଠିତ ଏକ ଦଶଜଣିଆ ଡାକ୍ତରୀ ଦଳ ପ୍ରାୟ ୧୪ ଘଂଟା ଧରି ଏହି ଅସ୍ତ୍ରୋପଚାର କରିଥିଲେ।

ଇଏନ୍ଟି ବିଭାଗର ବିଶେଷଜ୍ଞ ଡାକ୍ତର ବାକ୍ଯନ୍ତ୍ର(ଭଏସ୍ ବକ୍ସ), ଶ୍ୱାସନଳୀ ଓ ଖାଦ୍ୟନଳୀର ଉପର ଭାଗ ଏବଂ ଥାଇରଏଡ୍ ଗ୍ରନ୍ଥିର କିଛି ଅଂଶ ଅସ୍ତ୍ରୋପଚାର ଦ୍ୱାରା ବାହାର କରିଥିଲେ। ସେହିପରି ଗ୍ୟାଷ୍ଟ୍ରୋସର୍ଜରୀ ବିଶେଷଜ୍ଞ ବୃହଦନ୍ତ୍ର(କୋଲୋନ୍)ର ଏକ ଅଂଶକୁ କାଟି ବାହାର କରିବା ସହିତ ଏହାକୁ ଛାତି ମଧ୍ୟରେ ସ୍ତନ ହାଡ଼(ଷ୍ଟର୍ନମ୍) ତଳେ ଏବଂ ହୃତ୍ ପିଣ୍ଡ ନିକଟରେ ଏକ କୃତ୍ରିମ ଟନେଲ୍ ସୃଷ୍ଟି କରି ଜିଭର ମୂଳ ସହିତ ପାକସ୍ଥଳୀକୁ ସଂଯୋଗ କରିଥିଲେ। ଏହି ପ୍ରକ୍ରିୟା ଦ୍ୱାରା ଯୁବତୀଙ୍କର ଏକ ନୂତନ ଖାଦ୍ୟନଳୀ ସୃଷ୍ଟି କରାଯାଇପାରିଛି। ଏହି ଜଟିଳ ଏବଂ ବିରଳ କର୍କଟ ରୋଗର ଅଭିନବ ଉପାୟରେ ହୋଇଥିବା ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଆଇସିୟୁରେ ରଖାଯାଇଥିଲା। ଅସ୍ତ୍ରୋପଚାରର ଦୁଇ ମାସ ପରେ ଯୁବତୀଜଣଙ୍କ ବର୍ତମାନ ସୁସ୍ଥ ଅନୁଭବ କରିବା ସହିତ ସ୍ୱାଭାବିକ ଭାବେ ଶ୍ୱାସକ୍ରିୟା ସମ୍ପାଦନ କରିବା ଏବଂ ଖାଦ୍ୟ ଗ୍ରହଣ କରୁଛନ୍ତି।

ଏପରି ଯନ୍ତ୍ରଣାଦାୟକ ପ୍ରାଣଘାତୀ କର୍କଟ ରୋଗର ସଫଳ ଅସ୍ତ୍ରୋପଚାରକୁ ନେଇ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମ୍ସ ସର୍ବଦା ଏହିପରି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ସଫଳତାର ସହିତ କରିବା ନେଇ ପ୍ରତିଶ୍ରୁତିବଦ୍ଧ। ଏନେଇ ସମ୍ପୂର୍ଣ୍ଣ ଡାକ୍ତରୀ ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଡ. ବିଶ୍ୱାସ। ଆଗକୁ ମଧ୍ୟ ଏହିପରି ଜୀବନରକ୍ଷାକାରୀ କାର୍ଯ୍ୟ ଜାରି ରଖିବାକୁ ସେ ଉତ୍ସାହିତ କରିଛନ୍ତି। ଇଏନ୍ଟି ବିଭାଗର ସହଯୋଗୀ ପ୍ରଫେସର ଡ. ଦିଲ୍ଲୀପ କୁମାର ସାମଲ, ଗ୍ୟାଷ୍ଟ୍ର୍ୟୋସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡ. ତନ୍ମୟ ଦତ୍ତ, ଜରୁରୀକାଳୀନ ବିଭାଗର (ନିଶ୍ଚେତକ) ସହକାରୀ ପ୍ରଫେସର ଡ. ଅଜିତେଶ ସାହୁ ପ୍ରମୁଖ ଏହି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ବରିଷ୍ଠ ଆବାସିକ ଡାକ୍ତର ଏବଂ ନର୍ସିଂ କର୍ମଚାରୀମାନେ ମଧ୍ୟ ଏହି ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ। ଇଏନ୍ଟି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ କୁମାର ପରିଡ଼ା ଏହି ଅସ୍ତ୍ରୋପଚାରର ନିରୀକ୍ଷଣ କରିଥିଲେ। ଭାରପ୍ରାପ୍ତ ଡିଡିଏ ରଶ୍ମୀ ରଂଜନ ସେଠୀ ଏପରି ସଫଳ ଅସ୍ତ୍ରୋପଚାର ନେଇ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଚକିଆ ଓ ତିନି ଚକିଆ ଯାନ ବିତରଣ

କେନ୍ଦୁଝର , ୦୫/୦୫ (ନି.ପ୍ର): ଦିବ୍ୟାଙ୍ଗ ମଣିଷର ସାମଗ୍ରିକ ବିକାଶ ଏବଂ ଏକ ସୁସ୍ଥ ସୁନ୍ଦର ଜୀବନ ବିତାଇବାର ପ୍ରୟାସ କୁ ସାକର କରିବା ପାଇଁ ଜିଲ୍ଲା ପ୍ରଶାସନ , କେନ୍ଦୁଝର ପକ୍ଷରୁ ଭିନ୍ନ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ପଦ କ୍ଷେପ ଗ୍ରହଣ କରାଯାଇଛି । ଏହି ଅବସରରେ ଗୁରୁବାର ଦିନ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ସହଯୋଗରେ ଭିନ୍ନକ୍ଷମ ବାକ୍ତିବିଶେଷଙ୍କର ସଶକ୍ତି କରଣ ଓ ଜୀବନ ଜୀବିକାର ସହଜମାଧ୍ୟମ କରିବା , ଗମନାଗମନ ର ସୁବିଧା , ବିଦ୍ୟାଳୟରେ ପଢୁଥିବା ଶିକ୍ଷାନିବାସ ଙ୍କ ପାଇଁ ମୋବିଲିଟି ସପୋର୍ଟ ପାଇଁ ଶାରୀରିକ ଭିନ୍ନକ୍ଷମଙ୍କୁ ତିନିଚକିଆ ଯାନ ବଂଟନ କରାଯାଇଛି । ଏହି ଅବସରରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଫେବୃୟାରୀ ୧୩ ତାରିଖର ଘୋଷଣାନାମା ଅନୁଯାୟୀ ଜିଲ୍ଲାର ୯୮ ଜଣ ଶାରିରୀକ ଅକ୍ଷମ ବ୍ୟକ୍ତିଙ୍କୁ ତିନିଚକିଆ ଯାନ ବଂଟନ କରାଯାଇଛି । ସମାରୋହରେ ଅଧ୍ୟକ୍ଷତା କରିଥିବା ଜିଲ୍ଲାପାଳ ଆଶିଷ ଠାକରେ ଡି.ଏମ.ଏଫ. ମାଧ୍ୟମରେ ଭିନ୍ନକ୍ଷମ ମାନଙ୍କ ପାଇଁ ଦିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ । ଭିନ୍ନକ୍ଷମଙ୍କର ଜୀବନଧାରଣରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତାରେ ହ୍ରାସ , ଗମନଗାମନର ସୁବିଧା , ରୋଜଗାରରେ ବୃଦ୍ଧି ଏବଂ ସାମଗ୍ରିକ ଉନ୍ନତି , ନିଜର ଅର୍ଥନୈତିକ ବୃଦ୍ଧି ଉପେ ଆସ୍ଥା ପ୍ରକଟ କରିଥିଲେ । ଡି.ଏମ.ଏଫ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସ୍ୱାତ ଭାଷଣ ଦେଇଥିଲେ । ଏବଂ ବିଭାଗ ଦ୍ୱାରା ଦିଆଯାଉଥିବା ଭିନ୍ନକ୍ଷମଙ୍କ ପାଇଁ ଯୋଜନାର ପଦ କ୍ଷେପ ଉପରେ ଆଲୋଚନା କରିଥିଲେ । ଶେଷରେ ପ୍ରତ୍ୟେକ ହିତାଧିକାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସେମାନଙ୍କର ଗାଡିର ଚାବି ହସ୍ତାନ୍ତର କରାଯାଇଥିଲା । ଏବଂ ପତାକା ଦେଖାଇ ସେମାନଙ୍କର ଯାତ୍ରାର ଶୁଭାରମ୍ଭ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ତୃତୀୟ ପର୍ଯ୍ୟାୟରେ ଜିଲ୍ଲାର ୪୩ ଗୋଟି ୫-ଟି ରୂପାନ୍ତରଣ ହାଇସ୍କୁଲର ଲୋକାର୍ପଣ

ସୁବର୍ଣ୍ଣପୁର, ୦୫/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଛଅଗୋଟି ବ୍ଲକର ୪୩ଟି ୫-ଟି ରୂପାନ୍ତରଣ ହାଇସ୍କୁଲର ଲୋକାର୍ପଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୧ଟି ୫-ଟି ହାଇସ୍କୁଲ ଲୋକାର୍ପିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାର ବିଭିନ୍ନ ବ୍ଲକରେ ୪୧ଟି ୫-ଟି ହାଇସ୍କୁଲ ରୂପାନ୍ତରଣର ଲୋକାର୍ପଣ ହୋଇସାରିଛି। ଆଜି ମୁଖ୍ୟମନ୍ତ୍ରୀ ଭିଡିଓ କନଫରେସିଂ ଜରିଆରେ ସୋନପୁର ବ୍ଲକ ସାଗରପାଲି ଗଙ୍ଗାଧର ମେହେର ହାଇସ୍କୁଲ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୪୩ଗୋଟି ୫-ଟି ରୂପାନ୍ତରଣ ହାଇସ୍କୁଲର ଲୋକାର୍ପଣ କରାଯାଇଛି। ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୁଜାରୀ ଯୋଗଦାନ କରି ୫-ଟି ଉପକ୍ରମରେ ରୂପାନ୍ତରିତ ହାଇସ୍କୁଲ ରାଜ୍ୟର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିଥିବାବେଳେ ଏହା ଆଗାମୀ ପୀଢ଼ିଙ୍କୁ ବଳିଷ୍ଠ ମାର୍ଗଦର୍ଶନ କରିବା ସହିତ ରାଜ୍ୟରେ ନବ ସୃଜନ ସୃଷ୍ଟି କରିବ ବୋଲି ନିଜ ଉଦବୋଧନ ରେ କହିଥିଲେ, ସେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଦୂରଦର୍ଶୀ ପଦକ୍ଷେପ ନିମନ୍ତେ ଜିଲ୍ଲାବାସୀଙ୍କ ତରଫରୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଦେବାସହ ୫-ଟି ସଚିବ ଶ୍ରୀ ଭି କେ ପାଣ୍ଡିଆନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟତମ ଅତିଥିଭାବେ ବିଧାୟକ ବୀରମହାରାଜପୁର ଶ୍ରୀଯୁକ୍ତ ପଦ୍ମନାଭ ବେହେରା ଯୋଗଦେଇ ମଂଚାସୀନ ଥିବାବେଳେ ସାଗରପାଲି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ କୁମାରୀ ବର୍ଷା ସାହୁ ୫-ଟି ହାଇସ୍କୁଲ ରୂପାନ୍ତରଣରେ ନିଜର ଅନୁଭୂତି ସହ ଭବିଷ୍ୟତ ଗଠନ ର ଇଚ୍ଛା କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ସହ ଭାବବିନିମୟ କରି ଖୁସିବ୍ୟକ୍ତ କରିଥିଲେ। ଜିଲ୍ଲା ୫-ଟି ନୋଡାଲ ଅଧିକାରୀ ଅଭିଳାଷ ପୁରୋହିତଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି ସମାରୋହରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡାଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକର ଅଧ୍ୟକ୍ଷ ଅଧ୍ୟକ୍ଷା, ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ, ସମସ୍ତ ବିଡ଼ିଓ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମତେ ଛାତ୍ରଛାତ୍ରୀ ଅଭିଭାବକ ବୃନ୍ଦ, ବିଭିନ୍ନ ହାଇସ୍କୁଲର ପରିଚାଳନା କମିଟି କର୍ମକର୍ତା, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସିଧାସଳଖ ଭିଡିଓ କନଫରେନସିଂ ଜରିଆରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରି ଖୁସି ବ୍ୟକ୍ତ କରିଥିଲେ। ଗାଁ ମାନଙ୍କରେ ଏଭଳି ଉନ୍ନତମାନର ବିଦ୍ୟାଳୟ ପାଇଁ ଅଂଚଳବାସୀ ବେଶ୍ ଖୁସୀ ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ୫ଟି ସଚିବଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ସମାଜସେବୀ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ସଭା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୦୫/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଉତ୍କଳ ସମ୍ମିଳନୀ ପକ୍ଷରୁ କେନ୍ଦ୍ରାପଡାର ଇତିହାସ ଲେଖକ ପ୍ରତାପ ରାୟଙ୍କର ଶ୍ରାଦ୍ଧ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତିକମିଟି ପକ୍ଷରୁ ଆୟୋଜିତ ଏହି ଶ୍ରାଦ୍ଧ ସଭାରେ କମିଟିର ଆବାହକ ସୁଦର୍ଶନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ଼ଃ ବାସୁଦେବ ଦାସ, ସମାଜସେବୀ ଇଂ ମୁରଲୀଧର ସେଠୀ, ରଞ୍ଜୁଲତା ମହାପାତ୍ର, ଡ଼ଃ ସର୍ବେଶ୍ୱର ସେ, ସାରଥୀ ଚନ୍ଦ୍ର କାନୁନଗୋ, ମଦନ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାୟଙ୍କର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଜେଇଇ ମେନ୍‌ରେ ଆଦର୍ଶ ବିଦ୍ୟାଳୟର ସଫଳତା ନେଇ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୦୫/୦୫ (ନି.ପ୍ର): ଜେଇଇ ମେନ୍ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ୫୪ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବାବେଳେ ୨୧ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏହି ସଫଳତା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳକଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସିବିଏସ୍ଇ ପାଠ୍ୟକ୍ରମ ଅନୁଯାୟୀ ରାଜ୍ୟର ଗ୍ରାମାଂଚଳ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଏହି ମହତ୍ୱାକାଂକ୍ଷୀ ପଦକ୍ଷେପ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗ୍ରାମାଂଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ସହ ମେଧାବୀ ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ବୃଦ୍ଧି କରିଛି ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ସଫଳତା ପାଇଁ ୫-'ଟି' ସଚିବ ଭି.କେ. ପାଣ୍ଡିଆନ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ୍ ଅଭିନନ୍ଦନ ଜଣାଇଛନ୍ତି । ଗତବର୍ଷ ତୁଳନାରେ ଚଳିତ ବର୍ଷ ପରୀକ୍ଷା ଫଳ ଖୁବ୍ ଉତ୍ସାହଜନକ ବୋଲି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ଜଣାଇଛନ୍ତି ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ବିକାଶ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୦୫/୦୫ (ନି.ପ୍ର): ଅଲଚିକି ଲିପିର ଉଦ୍ଭାବକ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୧୦ କୋଟି ଟଙ୍କା ମଂଜୁର କରିଛନ୍ତି । ସାନ୍ତାଳି ସମାଜ ଓ ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ସର୍ବଜନ ବିଦିତ। ପଣ୍ଡିତ ମୁର୍ମୁ ଅଲଚିକି ଲିପି ଉଦ୍ଭାବନ କରି ସାନ୍ତାଳି ସମାଜର ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିଯାଇଛନ୍ତି । ସାନ୍ତାଳି ଲିପି ଏକ ବିଜ୍ଞାନ ସମ୍ମତ ଲିପି ଭାବରେ ମଧ୍ୟ ସ୍ୱୀକୃତି ପାଇଛି। ସାନ୍ତାଳି ଭାଷାରେ ଅଲିଚିକି ଲିପିରେ ସେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି । ତାଙ୍କର କାଳଜୟୀ କୃତୀ ପାଇଁ ସେ କେବଳ ସାନ୍ତାଳି ସମାଜ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ସ୍ମରଣୀୟ ହୋଇ ରହିଛନ୍ତି । ସାନ୍ତାଳି ସମାଜ ପାଇଁ ତାଙ୍କର ମହାନ ଅବଦାନ ତାଙ୍କୁ ସବୁବେଳେ ପୂଜନୀୟ କରି ରଖିଛି । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିରେ ରାଜ୍ୟ ସରକାର ବାରିପଦା ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି । ସାନ୍ତାଳି ଜାତି ପ୍ରତି ପଣ୍ଡିତ ମୁର୍ମୁଙ୍କ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ତାଙ୍କ ଜୟନ୍ତୀ ବୁଦ୍ଧ ପୂର୍ଣ୍ଣିମାକୁ ମଧ୍ୟ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨ ଓ ୩ ଦୁଇ ଦିନ ଧରି ମୟୁରଭଂଜ ଗସ୍ତରେ ଯାଇଥିବା ବେଳେ ଦାଣ୍ଡବୋସ ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପରିଦର୍ଶନ କରିଥିଲେ ଏବଂ ବାରିପଦାସ୍ଥିତ ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ମଧ୍ୟ ଯାଇଥିଲେ । ତାଙ୍କ ସ୍ମୃତି ପୀଠର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସେ ସାନ୍ତାଳି ଭାଇଭଉଣୀଙ୍କ ସହ ଆଲୋଚନା ବେଳେ ଶ୍ରୀ ପାଣ୍ଡିଆନ ପ୍ରତିଶୃତି ଦେଇଥିଲେ। ତଦନୁଯାୟୀ ସେଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ଅଂଚଳର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଯୋଜନାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି । ତଦନୁଯାୟୀ ଦାଣ୍ଡବୋସ-କାପିବୁରୁ ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସମାଧୀ ପୀଠର ବିକାଶ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଆଉ ୭୫ ଲକ୍ଷ ଟଙ୍କା ଖର୍ଚ୍ଚରେ ସେଠାରେ ଧ୍ୟାନକେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏତଦ୍‌ବ୍ୟତୀତ କାପିବୁରୁର ପାଚେରୀ ଓ ସଂଯୋଗ ରାସ୍ତାର ବିକାଶ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ଥିବାବେଳେ, ସେଠାରେ ଏକ ଅଡିଟୋରିମ ଓ ଗବେଷଣା କେନ୍ଦ୍ର ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଠାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ଡର୍ମିଟୋରୀ ଓ ଅନ୍ୟାନ୍ୟ ସୁବିଧା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। କାପିବୁରୁର ସୌନ୍ଦର୍ଯ୍ୟକରଣ ଓ ସ୍ୱାଗତତୋରଣ ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଦାଣ୍ଡବୋସ, ବିଦୁ ଚାନ୍ଦାନ ବାହାଗାଳର ବିକାଶ ତଥା ମାରାଙ୍ଗ-ଆହାରା ପୁଷ୍କରିଣୀ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏତଦ୍‌ବ୍ୟତୀତ ପାନୀୟ ଜଳ, ବିଦ୍ୟୁତକରଣ ପାଇଁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର କରାଯାଇଛି । ୫-ଟି ଉପକ୍ରମରେ ଏ ସମସ୍ତ କାର୍ଯ୍ୟ ପୂର୍ତ ବିଭାଗ ଦ୍ୱାରା ସଂପାଦନ କରାଯିବ। ଖୁବଶୀଘ୍ର କାମ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କ ଦୁଇଦିନିଆ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର , ୦୫/୦୫ (ନି.ପ୍ର): ଭୁବନେଶ୍ୱର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କ ଦୁଇଦିନିଆ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭାଗୀୟ ବିବିଧ କାର୍ଯ୍ୟକ୍ରମ ଯଥା: ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ବାଲେଶ୍ୱର ଶଙ୍ଖାରୀସ୍ଥିତ ପଦ୍ମଭୂଷଣ ମନୋଜ ଦାସ ସ୍ମାରକୀ ପ୍ରକଳ୍ପ, ଭଦ୍ରକ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, କଟକର ଉତ୍କଳ ଗାନ୍ଧୀ ସ୍ମାରକନିଧି, ଖୋର୍ଦ୍ଧା କେନ୍ଦୁଲୀସ୍ଥିତ ଶ୍ରୀଜୟଦେବ ପୀଠ, ପୁରୀ ଜିଲ୍ଲା ସୁଆଣ୍ଡୋରେ ଉତ୍କଳମଣି ଗୋପବନ୍ଧୁ ଦାସ ସ୍ମାରକୀ ପ୍ରକଳ୍ପ, ଜିଲ୍ଲା ପାଠାଗାର ତଥା ଅନ୍ୟାନ୍ୟ ବିଭାଗୀୟ ପାଠାଗାର ପରିଚାଳନା, ଜିଲ୍ଲା ସଂସ୍କୃତି ପରିଷଦ/ ତଥା ଜିଲ୍ଲା ସାଂସ୍କୃତିକ ପାଣ୍ଠି ବିନିଯୋଗ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ, ଆଦର୍ଶ ବରପୁତ୍ର ଗ୍ରାମ, ଓଡ଼ିଶାର ଐତିହ୍ୟ କୀର୍ତିରାଜିର ସଂରକ୍ଷଣ, ବିଭାଗ ଅଧିନରେ ପରିଚାଳିତ ରାଜ୍ୟ ଏକାଡେମୀଙ୍କ ପକ୍ଷରୁ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି କର୍ମଶାଳାରେ ଯୋଗଦେଇ ନିଜ ସଂସ୍କୃତିକୁ ଭଲପାଇବା ସହ ତାହାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ଦିଗରେ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ବିଭାଗର କାର୍ଯ୍ୟକୁ ନିଷ୍ଠାର ସହ ସଫଳ ଭାବରେ କାର୍ଯ୍ୟକାରୀ କରିବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶିକା ଆରତୀ ସାହୁ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଅର୍ଥ ପରାମର୍ଶଦାତା ତଥା ଉପଶାସନ ସଚିବ ଶ୍ରୀମତୀ ପଦ୍ମଜ୍ୟୋତି ସାହୁ, ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଏକାଡେମୀର ସଚିବ, ରାଜ୍ୟ ପ୍ରନିତତ୍ୱ ସଂସ୍ଥାର ଅଧୀକ୍ଷକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଦୁଇଦିନିଆ କର୍ମଶାଳାରେ ଯୋଗଦେଇଥିଲେ ।

# ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ଓ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଦର୍ଶନ କଲେ ଜିଲ୍ଲାପାଳ

ସାଲେପୁର, ୦୫/୦୫ (ନି.ପ୍ର): କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟାନି ଗୁରୁବାର ଦିନ ତାଙ୍କ ପତ୍ନୀ ଓ କନ୍ୟାଙ୍କ ସହିତ ଆସି ନେମାଳସ୍ଥିତ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦପୀଠକୁ ଯାଇ ମହାପୁରୁଷଙ୍କୁ ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଥିଲେ । ପୀଠକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ଓ ମହାପୁରୁଷଙ୍କ ନାମରେ ଥିବା ଜାଗାର ଚିହ୍ନଟ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଚଇନି ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କ ସହିତ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ତହସିଲଦାର ଦିଲ୍ଲୀପ କୁମାର ନାୟକ, ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ, ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀ, ପୂର୍ବତନ ଜିଲ୍ଲାପରିଷଦସଭ୍ୟ ଅଚ୍ୟୁତାନନ୍ଦ ଦାସ, ସାନ୍ତନୁ ପୂଝାରୀ, ବିନୟ ଦାସ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା,ସରପଂଚଙ୍କ ପ୍ରତିନିଧି ଅମୀୟ ପ୍ରସାଦ ମହାନ୍ତି,ଟ୍ରଷ୍ଟ କର୍ମଚାରୀ ଶରତ ମଲିକ, କେଶବ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନେମାଳଗସ୍ତ ପରେ ଜିଲ୍ଲାପାଳ ଘନ ଘନ ମହାପୁରୁଷଙ୍କ ପୀଠକୁ ଆସୁଥିବାରୁ ଏହି ପୀଠରେ ବ୍ୟାପକ ଉନ୍ନତି କରଣ କାର୍ଯ୍ୟକ୍ରମ କରାଯିବ ବୋଲି ଜନସାଧାରଣମାନେ ଆଶା ପୋଷଣ କରୁଛନ୍ତି । ସେହିପରି ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କୁ ଦର୍ଶନ କରିଛନ୍ତି ଜିଲ୍ଲାପାଳ ଶ୍ରୀ ଚଇନି । ଏହି ଅବସରରେ ଶ୍ରୀଜୀଉଙ୍କ ନିକଟରେ ଯଥାରୀତି ପୂଜାର୍ଚ୍ଚନା କରିବା ସହିତ ନୂତନ ବସ୍ତ୍ର ପ୍ରଭୁ ବଳଭଦ୍ର, ଭଗିନୀ ସୁଭଦ୍ରା, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ଲାଗି କରିଛନ୍ତି ।

# ଆମ ସାହି ଆମ ଯାତ୍ରା ଆମ ସେବା ବୈଠକ ଅନୁଷ୍ଠିତ

ପୁରୀ, ୦୫/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ଯୁବଶକ୍ତି ଦ୍ୱାରା ଆୟୋଜିତ ଓ ପୋଲିସକୁ ସହଯୋଗ କରିବା ପାଇଁ ଆମ ସାହି ଆମ ଯାତ୍ରା ଆମ ସେବା ନାମରେ ସଂଗଠନ କରାଯାଇ ରଥଯାତ୍ରୀଙ୍କୁ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ସହଯୋଗ କରାଯିବ । ଶ୍ରୀମନ୍ଦିର ଚାରିପଟେ ଥିବା ସାହି ମାନଙ୍କର ସ୍ୱେଚ୍ଛାସେବୀ ଯୁବକମାନଙ୍କୁ ଯେଉଁମାନଙ୍କ ନାମରେ କୌଣସି ଥାନାରେ ଅପରାଧିକ ମାମଲା ନଥିବ ସେମାନଙ୍କୁ ଏକ ସଂଗଠନ ଗଢାଯାଇ ରଥଯାତ୍ରାରେ ସହଯୋଗ କରିବେ । ଏହାସହ ପ୍ରତି ସାହିକୁ ପ୍ରବେଶ ଓ ପ୍ରସ୍ଥାନ କରୁଥିବା ସାହି ଲୋକମାନଙ୍କୁ ଚିହ୍ନଟ କରିବେ । ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ଏସପି କେ ବିଶାଲ ସିଂହ କହିଛନ୍ତି । ଏ ସମ୍ପର୍କରେ ଟାଉନଥାନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଏସପି ମିହିର ପଣ୍ଡା, ସହରର ସବୁ ଥାନାର ଆଇଆଇସି, ଶ୍ରୀମନ୍ଦିର ପ୍ରଶାସନର କର୍ମକର୍ତା ଓ ସାହି ସ୍ୱେଚ୍ଛାସେବୀ ଯୁବକମାନେ ଯୋଗ ଦେଇଥିଲେ ।

## ଓଜନ ବଢ଼ାଇବା ସହ ଚର୍ମ ସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍



ଚକ୍ଲେଟ୍, ଚିପ୍ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍ଲେଟ୍, ବିସ୍କିଟ୍, ଚିପ୍ସ, ମିଲ୍କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

## ପର୍ବତ ଧାରରେ ବ୍ୟାକ୍‌ଫ୍ଲିପ୍

ପର୍ବତ ଧାରରେ ଜଣେ ବ୍ୟକ୍ତିଙ୍କ ବ୍ୟାକ୍‌ଫ୍ଲିପ୍ ଭିଡିଓ ସୋସିଆଲ୍ ମିଡିଆ ୟୁଜର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛି । ତାଙ୍କର ଏ ପ୍ରକାର ମୂର୍ଖାମି ସମସ୍ତଙ୍କୁ ଚକିତ କରିଛି । ବ୍ୟବସାୟୀ ହର୍ଷ ଗୋଏଙ୍କା ନିଜ ଟ୍ୱିଟର୍ ଆକାଉଣ୍ଟରେ ୧୪ ସେକେଣ୍ଡର ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ଏବେ ସୁଦ୍ଧା ୬୭ ହଜାରରୁ ଅଧିକ ଥର ଦେଖାଯାଉଛି । ଭିଡିଓରେ ବ୍ୟକ୍ତି ଜଣକ ଏକ ବନ୍ଧୁର ପର୍ବତର ଠିକ୍ ଧାରରେ ଠିଆ ହୋଇ ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ ଷ୍ଟଣ୍ଟ ଦେଖାଇଛନ୍ତି । ଏହାକୁ ସେ ଖୁବ୍ ସହଜରେ କରିଛନ୍ତି । ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ କରିବା ପରେ ସେ କ୍ୟାମେରାକୁ ଚାହିଁ ବିଜୟ ସଙ୍କେତ ଦେଇଛନ୍ତି । ତାଙ୍କର ଏହି ଷ୍ଟଣ୍ଟ ପ୍ରଶଂସାଯୋଗ୍ୟ କିମ୍ବା ମୂର୍ଖତା ଭାବେ ବିବେଚନା କରାଯିବା ଉଚିତ, ତାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ହର୍ଷ ଗୋଏଙ୍କା କ୍ୟାପ୍‌ସନ ଲେଖିଛନ୍ତି । କିନ୍ତୁ ଭିଡିଓଟି ନକାରାତ୍ମକ ଭାବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ହର୍ଷ ଗୋଏଙ୍କାଙ୍କ କମେଣ୍ଟ ବିଭାଗରେ ୟୁଜର୍ ଏଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପଇଁ ବ୍ୟକ୍ତି ଜଣଙ୍କୁ ନିନ୍ଦା କରିଛନ୍ତି । ଭିଡିଓ ପ୍ରସ୍ତୁତି ଲାଗି ଜୀବନକୁ ବିପଦରେ ପକାଇଥିବାରୁ ଲୋକେ ତାଙ୍କୁ ଗାଳି କରୁଛନ୍ତି । ଷ୍ଟଣ୍ଟଟି ସଫଳ ହେଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଭାବେ ମୂର୍ଖାମି ବୋଲି କିଛି ୟୁଜର୍ ପ୍ରତିକ୍ରିୟା ଦେଇଛନ୍ତି । ଏହା ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଅନ୍ୟ କିଛି କହିଛନ୍ତି ।

# ଆସ ପିଇବା ମସଲା ଚା'

ପାଣି ବ୍ୟତୀତ ଲୋକେ ଆଉ ଯାହା ଅଧିକ ପିଅନ୍ତି, ତାହା ହେଉଛି ଚା' । ପୂର୍ବେ ଏହାକୁ ଔଷଧ 'କ୍ୱାଥ' ବା 'କାଢ଼ା' ରୂପେ ପିଆ ଯାଉଥିଲା । ଏହି ପରି ଖରା ଓ ବର୍ଷାର ମିଶ୍ରିତ ଋତୁରେ, ସ୍ୱାସ୍ଥ୍ୟ ରକ୍ଷାକାରୀ ଜଡ଼ିବୁଟୀ ମିଶିଥିବା ମସଲା ଚା' ପିଇବା ଅତ୍ୟନ୍ତ ଉପାଦେୟ । ସାଧାରଣ ଚା' ଅନେକ ସମୟରେର ବିଭିନ୍ନ ପ୍ରକାରର ସ୍ୱସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ଗୋଟିଏ ହେଉଛି- ଅମ୍ଳ ବୃଦ୍ଧି । ଏଣୁ ସାଧାରଣର ଚା' ପରିବର୍ତ୍ତେ ଆୟୁର୍ବେଦୀୟ ଚା' ବା 'ହର୍ବାଲ୍ ଟି' ପିଇଲେ ତାହା ଶରୀରକୁ ଫୂର୍ତ୍ତି ଦେବା ସହିତ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ବଢ଼ାଇବାରେ ସାହାଯ୍ୟ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏପରି ଋତୁରେ 'ବ୍ୟାକ୍ଟେରିଆ' ବା 'ଭାଇରସ୍' ଦ୍ରୁତ ଗତିରେ ବଢ଼ିଥାନ୍ତି । ଫଳରେ ଏହା ସଂକ୍ରମଣ ବା 'ଏଲର୍ଜୀ' ଆଦିର କାରଣ ହୋଇଥାଏ । ଏଣୁ ଏହି ସଂକ୍ରମଣ ପାଇଁ ସତର୍କ ରହିବା ଏକ ପ୍ରତିଷେଧାତ୍ମକ ଆବଶ୍ୟକତା । ଏହି ଜଡ଼ିବୁଟୀ ମିଶା ଆୟୁର୍ବେଦୀୟ ଚା' ବା ମସଲା ଚା' ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଫଳରେ ଶରୀର ସଂକ୍ରମଣ ବିରୋଧରେ ଲଢ଼େଇ କରିପାରେ । ସାଧାରଣ ଭାବରେ କେବଳ ଲବଙ୍ଗ ଚା' ପିଇଲେ କଫଜ ସଂକ୍ରମଣରୁ ରକ୍ଷା ମିଳିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସର୍ଦ୍ଦି, କଫ, କାଶ ଆଦି ଥଣ୍ଡା ରୋଗର ପ୍ରତିଷେଧକ ହିସାବରେ ପେୟ ବା ଚା'ର ଅବତାରଣା ଏଠାରେ କରାଯାଉଛି ।



### ମସଲା ଚା' :

ଏହି ଚା ପାଇଁ କ୍ଷୀର ଓ ଚିନି ଦରକାର ପଡ଼େନାହିଁ । ଗୋଲମରିଚ, ଅଳେଇଚ ବା ଗୁଜୁରାତି, ଲବଙ୍ଗ, ଡାଲଚିନି ଆଦିର ଚୂର୍ଣ୍ଣରେ ଏହା ପ୍ରସ୍ତୁତ କରାଯାଏ । ବିଶେଷ କରି ଶ୍ୱସନ-ସଂସ୍ଥାନର ସଂକ୍ରମଣ ଯଥା, କାଶ, ଥଣ୍ଡା, ଜ୍ୱର ଆଦି ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ । ପୋଦିନା ଚା' : ଏହା 'ଆଣ୍ଟି ଅକ୍ସିଡାଣ୍ଟ' ବା ବିଷାକ୍ତ ଉପାଦାନ ବିରୋଧୀ ଗୁଣରେ ଭରପୂର । ଏହା ମଧ୍ୟ ଭରପୂର । ଏହା ମଧ୍ୟ ଉତ୍କୃଷ୍ଟ ପାଚନକାରୀ । ଏହି ଚା' ପିଇବା ଦ୍ୱାରା ମାନସିକ ଅବସାଦ ବା ଚିନ୍ତା ଆଦି ଦୂର ହୋଇଥାଏ । ଯଷ୍ଟିମଧୁ ଚା' : ଯଷ୍ଟିମଧୁ ବା ଯାଠି ମହୁ, ଧନ୍ୱନ୍ତରୀ (ଲେମନ୍ ଗ୍ରାସ୍) ଓ ଅଦା, ପୁଦିନା ମିଶା ଚା' ଶରୀରକୁ ଯଥେଷ୍ଟ ଶକ୍ତି ପ୍ରଦାନ ସହିତ ସ୍ଫୂର୍ତ୍ତି ଦିଏ ଓ ସଂକ୍ରମଣ ବିରୋଧରେ ଲଢ଼େଇ କରେ ।

### ଗୋଲାପ ଚା' :

ଗୋଲାପ ଫୁଲ ଅତି ସହଜରେ ମିଳିଥାଏ । ଏହାର ପାଖୁଡ଼ା ସହିତ ଲବଙ୍ଗ, ଅଳେଇଚ, ଗୋଲମରିଚ ଆଦି ମିଶାଇ ଉତ୍ତମ ଚା' ପ୍ରସ୍ତୁତ କରାଯାଇପାରେ । ଏହାଦ୍ୱାରା ଶରୀରର ଗରମ ବା ଦାହ ହ୍ରାସ ହୋଇ ଜ୍ୱରର ଉପଶମ ଘଟେ ଥଣ୍ଡା, କାଶ ଓ ସର୍ଦ୍ଦି ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ ।



### ଅଦା-ହଳଦୀ ଚା' :

ସାଧାରଣତଃ ଅଦା ଓ ହଳଦୀ ଏକ ଉତ୍ତମ ସମ୍ମିଶ୍ରଣ । ଏଣୁ ଏଥିରେ ତିଆରି ଚା' ଶରୀରର ବିଷାକ୍ତ ଉପାଦାନଗୁଡ଼ିକୁ ନଷ୍ଟକରି ଦିଏ । ଅଦା ପେଟର ଆମଦୋଷ ଓ ହଳଦୀ ରକ୍ତ ତଥା ଶ୍ୱସନ ସଂସ୍ଥାନଗତ ବିଷାକ୍ତଦୋଷକୁ ନଷ୍ଟ କରେ । ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।



ତେବେ ଏ ବାବଦରେ କେତୋଟି ସତର୍କତା ରହିଛି । ତାହା ହେଉଛି- କୌଣସି ପ୍ରକାରର ଆୟୁର୍ବେଦୀୟ ଚା' ବା ମସଲା ଚା'କୁ ଆଲୁମିନିୟମ୍ ବାସନରେ ପ୍ରସ୍ତୁତ ନ କରିବା ଉଚିତ । ଏହାକୁ ବହୁତ ସମୟ ମଧ୍ୟ ସୁଝାଇବା ଉଚିତ ନୁହେଁ । ଖାଦ୍ୟ ସହିତ ବା ଖାଦ୍ୟ ଗ୍ରହଣ ପରେ ଏବଂ ରାତିରେ ଶୋଇବା ପୂର୍ବରୁ ଏପରି ଚା' ପିଇବା ଆଦୌ ଉଚିତ ନୁହେଁ । କେବଳ ସକାଳେ ଓ ସଂଧ୍ୟାରେ, ଖାଲି ପେଟରେ ଏହି ଚା' ପିଇବା ଲାଭଦାୟକ ହୋଇଥାଏ ।

# ସଫା ରଖନ୍ତୁ ବିୟୁଟି ପ୍ରଡକ୍ଟସ୍

### ମେକଅପ୍ ବ୍ରଶ୍

ମେକଅପ୍ ପାଇଁ ବ୍ୟବହୃତ ବ୍ରଶ୍‌କୁ ସଫା କରିବା ଜରୁରୀ । ବ୍ରଶ୍ ଏବଂ ସ୍ୱଞ୍ଜକୁ ସଫା କରିବା ପାଇଁ ଏକ ବଡ଼ ପାତ୍ରରେ ପାଣି ନିଅନ୍ତୁ । ସେହି ପାଣିରେ ବ୍ରଶ୍ ଏବଂ ସ୍ୱଞ୍ଜ ଭିଜାଇ କିଛି ସମୟ ଛାଡ଼ି ଦିଅନ୍ତୁ । ତା' ପରେ ସଫା ପାଣିରେର ଧୋଇ ନିଅନ୍ତୁ । ଦେଖିବେ ଆପଣଙ୍କ ବ୍ରଶ୍‌ରେ ପୁଣି ପୂର୍ବ ରଙ୍ଗ ଫେରି ଆସିବ । ଯଦି ଅଧିକ ମଇଳା ହୋଇଥାଏ ବୋଲି ଭାବୁଥିବେ ତେବେ ପାଣରିରେ ସାମାନ୍ୟ ଲିକ୍ୟୁଇଡ୍ ଡିଟରଜେଣ୍ଟ ମିଶାଇ ଦେବେ ।

### ଫେସ୍ ପାଉଡର ପ୍ୟାଲେଟ୍ସ

ମେକଅପ୍ କରିବା ସମୟରେ କିଛି କିଛି ପାଉଡର ପ୍ୟାଲେଟ୍ ଉପରେ ପଡ଼ିଯାଇଥାଏ । ଏହାକୁ ସଫା କରିବା ପାଇଁ ଗୋଟିଏ ସ୍ପ୍ରେ ବୋତଲରେ ସାନିଟାଇଜର ଭରି ନିଅନ୍ତୁ । ଏହାକୁ ପ୍ୟାଲେଟ୍ ଉପରେ ସ୍ପ୍ରେ କରନ୍ତୁ । ଏହା ପରେ କଟନ୍ ସାହାଯ୍ୟରେ ସଫା କରି ନିଅନ୍ତୁ ।

### ମେକଅପ୍ ପେନସିଲ୍ ଏବଂ ସାର୍ପନର

ମେକଅପ୍ ପେନସିଲ୍ ଏବଂ ସାର୍ପନରକୁ ସଫା କରିବାକୁ ହେଲେ ଏହାକୁ ଆଲକହଲ୍ ଥିବା ଏକ ପାତ୍ରରେ ବୁଡ଼ାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଏହା ପରେ କଟନ ପ୍ୟାଡ୍ ସାହାଯ୍ୟରେ ସଫା କରନ୍ତୁ । ଏହି କଟନ୍ ପ୍ୟାଡ୍‌ରେ ଆପଣ ପେନ୍‌ସିଲ୍‌କୁ ମଧ ସଫା କରିପାରିବେ । ସଫା କରିବା ପରେର କିଛି ସମୟ ଖରାରେ ରଖନ୍ତୁ ।



### ଲିକ୍ୱିଡ୍ ଫାଉଣ୍ଡେସନ

ଫାଉଣ୍ଡେସନ ବୋତଲ ଏବଂବ ନୋଜଲ୍‌କୁ ସଫା କରିବା ଜରୁରୀ । ଏହାକୁ ସଫା ରଖିବା ପାଇଁ ଆଲକହଲ୍ ଭିଜା କଟନ୍‌ର ବ୍ୟବହାର କରନ୍ତୁ । ଯଦି ଆଲକହଲ୍ ଭିଜା କଟନ୍ ପାଖରେ ନାହିଁ ସ୍ୱଞ୍ଜରେ ସାନିଟାଇଜର ଲଗାଇ ବ୍ୟବହାର କରିପାରିବେ ।

### ଲିପଷ୍ଟିକ୍

ମହିଳାଙ୍କର ମେକଅପ୍ ସାମଗ୍ରୀର ସବୁଠୁ ଅଧିକ ପସନ୍ଦର ଜିନିଷ ହେଉଛି ଲିପଷ୍ଟିକ । ଲିପଷ୍ଟିକ ସଫା କରିବା ପାଇଁ ଆଇସୋପ୍ରୋପିଲ ଆଲକହଲ୍ ବ୍ୟବହାର କରିପାରିବେ । ଏହା ବ୍ୟତୀତ ଜରୁରି କଥା ଯେ ଆପଣଙ୍କ ଲିପଷ୍ଟିକ୍‌କୁ ଅନ୍ୟ କାହାସହିତ ସେୟାର କରନ୍ତୁ ନାହିଁ ।

# ସକାଳେ ଆଇସ୍‌କ୍ରିମ୍ ଖାଉଥିବା ବ୍ୟକ୍ତି ଅଧିକ ସ୍ମାର୍ଟ



ଟୋକିଓର କ୍ୟୋରିନ୍ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ଯେଉଁମାନେ ସକାଳେ ଜଳଖିଆରେ ଆଇସ୍‌କ୍ରିମ୍ ଖାଆନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ସ୍ମାର୍ଟ । ମନକୁ ଜାଗ୍ରତ କରିବାରେ ଆଇସ୍‌କ୍ରିମ୍‌ର ପ୍ରଭାବ ରହିଛି । ସକାଳେ ବିଛଣା ଛାଡ଼ିବା ସଙ୍ଗେସଙ୍ଗେ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଏକ ପ୍ରକାର ଝଟ୍‌କା ଲାଗେ । ଫଳରେ ଏହା ସକ୍ରିୟ ହୋଇଯାଏ । ଏହା ଦ୍ୱାରା ମାନସିକ ଦକ୍ଷତା ବଢ଼ିଥାଏ । ମସ୍ତିଷ୍କକୁ ତାହା ସେହି ସ୍ତରକୁ ନେଇଯାଏ ଯାହା ଦିନସାରା ଜଣକୁ ସତର୍କ ରଖେ । ଏଭଳି ଏକ ଅସାଧାରଣ ଅଧ୍ୟୟନକୁ ପ୍ରମାଣ କରିବା ପାଇଁ ଏହି ୟୁନିଭର୍ସିଟିର ଗବେଷକମାନେ କିଛି ପରୀକ୍ଷା କରିଥିଲେ । କେତେକ ପ୍ରତିଯୋଗୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିଥିଲେ । ଗୋଟିଏ ଦଳକୁ ସକାଳେ ଉଠିବା ମାତ୍ରେ ଆଇସ୍‌କ୍ରିମ୍ ଖାଇବାକୁ ଦିଆଗଲା । ଅଧ୍ୟୟନ ଅନୁସାରେ, ସକାଳେ ଆଇସ୍‌କ୍ରିମ୍ ଖାଇଥିବା ବ୍ୟକ୍ତି ଦିନସାରା ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଅନ୍ୟ ଦଳଠାରେ ସେଭଳି କିଛି କାର୍ଯ୍ୟକଳାପ ପରିଲକ୍ଷିତ ହେଲାନାହିଁ । ମସ୍ତିଷ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବାରୁ ଥଣ୍ଡା ଆଶଙ୍କା ଦେଖାଦେଇପାରେ ବୋଲି କିଛି ଗବେଷକ ଏହି ଅଧ୍ୟୟନକୁ ଚ୍ୟାଲେଞ୍ଜ କରିଛନ୍ତି । ଏହାଛଡ଼ା ମାତ୍ରାଧିକ ସର୍କରା ଶରୀର ପାଇଁ ହାନିକାରକ ବୋଲି କେତେକ ମତ ଦେଇଛନ୍ତି ।

# କାର୍ଗୋ ଟ୍ରାଉଜର

ନବେ ଦଶକର ଫ୍ୟାଶନ ଏବେ ଫେରିଆସିଛି । ଅଧିକାଂଶ ଝିଅ ଏମିତି ଫ୍ୟାଶନ ଜାରି କରିବାର ଦେଖିବାକୁ ମିଳୁଛି । କାର୍ଗୋ ପ୍ୟାଣ୍ଟ ଆଜି ବି ଟ୍ରେଣ୍ଡ୍‌ରେ ରହିଛି । ଏହି ପ୍ୟାଣ୍ଟ ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥାଏ । ଏହାକୁ ବିଭିନ୍ନ ପ୍ରକାର ଷ୍ଟାଇଲରେ ପିନ୍ଧିହେବ । ଅଫିସ୍ ହେଉ ବା ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍‌କୁ ପରଫେକ୍ଟ ଲୁକ୍ ଦେଇଥାଏ କାର୍ଗୋ ପ୍ୟାଣ୍ଟ ।



**ଅଫିସ୍ :**
ଅଫିସ୍ ପାଇଁ ନ୍ୟାରୋ କାର୍ଗୋ ପ୍ୟାଣ୍ଟ ବହୁତ ଭଲ । ଏହା ଷ୍ଟାଇଲିଶ୍ ଲାଗିବା ସହିତ ଫର୍ମାଲ୍ ଲୁକ୍ ଦେଇଥାଏ । ଏହି ପ୍ୟାଣ୍ଟ ତଳପଟୁ ନ୍ୟରୋ ହୋଇଥାଏ ଏବଂ ଏହାର ସାଇଡ୍‌ରେ ସିଙ୍ଗଲ୍ ପକେଟ୍ ରହିଥାଏ । ଯାହା ପରଫେକ୍ଟ କାର୍ଗୋ ଲୁକ୍ ଦେଇଥାଏ । ଅଫିସ୍ ପାଇଁ ଲାଇଟ୍ ସ୍ୟାଡୋ କାର୍ଗୋ ଟ୍ରାଉଜର ନିଅନ୍ତୁ । ଏହି ଟ୍ରାଉଜର ସହିତ ହ୍ୱାଇଟ୍ ସାର୍ଟ ଟିମଅପ୍ କରନ୍ତୁ ।

**ଟ୍ରାଭେଲ :**
ଟ୍ରାଭେଲ ସମୟରେ ଆମେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ପୋଷାକ ପିନ୍ଧୁ । କିନ୍ତୁ ଏହା ଆମ ପାଇଁ ଆରାମଦାୟକ ହୋଇନଥାଏ । ସେଥିପାଇଁ ଟ୍ରାଭେଲ କରିବା ବେଳେ ଏମିତି ପୋଷାକ ହେବା ଦରକାର ଯାହା ଷ୍ଟାଇଲିଶ୍ ଦେଖାଯିବା ସହିତ ଆରାମଦାୟକ ହୋଇଥିବ । ଟ୍ରେକିଙ୍ଗ ପାଇଁ ମିଲିଟାରି ଡିଜାଇନର୍ କାର୍ଗୋ ପ୍ୟାଣ୍ଟ ପିନ୍ଧି ପାରିବେ । ଏହା କୁଲ୍ ଲୁକ୍ ଦେଇଥାଏ । ଏହା ସହିତ ଆପଣଙ୍କ ମନପସନ୍ଦର କୌଣସି ଟି-ସାର୍ଟ ପିନ୍ଧି ପାରିବେ । ଟ୍ରାଭେଲିଂ ବେଳେ ଆରାମ ଲାଗିବା ସହିତ ଟ୍ରାଭେଲିଂର ମଜା ନେଇ ପାରିବେ ।

**ଡେଟ୍ :**
ଡେଟ୍‌ରେ ଝିଅଙ୍କୁ ଷ୍ଟାଇଲିଶ୍ ପୋଷାକ ଦରକାର । ହେଲେ ଅନେକ ସମୟରେ ସେମାନେ କମ୍ଫର୍ଟ କଥା ଭୁଲି ଯାଆନ୍ତି । ଏମିତିରେ ଡେଟ୍‌ରେ ମଜା ଫିକା ପଡ଼ିଯାଏ । ତେଣୁ କମ୍ଫର୍ଟେବଲ ଓ ଷ୍ଟାଇଲିଶ ପୋଷାକ ପିନ୍ଧିବା ଦରକାର । କାର୍ଗୋ ପ୍ୟାଣ୍ଟ ଡେଟିଂ ପାଇଁ ପରଫେକ୍ଟ । ଷ୍ଟାଇଲିଶ୍ ଲୁକ୍ ପାଇଁ ସ୍କିନ୍‌ଫିଟ୍ କାର୍ଗୋ ପ୍ୟାଣ୍ଟ ସହିତ କ୍ରପ୍ ଟପ୍ ପିନ୍ଧିପାରିବେ । ପସନ୍ଦ ଅନୁଯାୟୀ ସୁଜ୍ କିମ୍ବା ହାଇ ହିଲ୍ ପିନ୍ଧିପାରିବେ ।

**ହ୍ୟାଙ୍ଗଆଉଟ୍ :**
ସାଙ୍ଗମାନଙ୍କ ସହ ହ୍ୟାଙ୍ଗଆଉଟ୍ ପାଇଁ ଯାଉଥିଲେ ଏଭରଗ୍ରୀନ୍ ଡେନିମ୍‌ର କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଏହା ଫ୍ୟାଶନେବଲ ଲୁକ୍ ଦେଇଥାଏ । ଏହା ସହିତ ଟପ୍, ଟି-ସାର୍ଟ କିମ୍ବା ଡେନିମ୍ ଜ୍ୟାକେଟ୍ ମ୍ୟାଚ କରିପାରିବେ । ଡେନିମ୍ ସହିତ କୌଣସି ବି ଟପ୍‌କୁ ମ୍ୟାଚ କରି ଫଙ୍କି ଲୁକ୍ ଆଣିପାରିବେ । ଅନ୍ୟଙ୍କଠାରୁ ଭିନ୍ନ ଦିଶିବେ ।

**ଜିମ୍ :**
କାର୍ଗୋ ପ୍ୟାଣ୍ଟ ଜିମ୍‌ରେ ମଧ ପିନ୍ଧି ହେବ । ଆରାମଦାୟକ ହୋଇଥିବାରୁ ସହଜରେ ଏକ୍ସରସାଇଜ କରି ହୁଏ । ଅଧିକାଂଶ ଜିମ୍ ଟ୍ରାଉଜର ପ୍ୟାଣ୍ଟ ସେପ୍‌ରେ ତିଆରି ହୋଇଥାଏ । ଯେଉଁଥିପାଇଁ ଏହାକୁ ପିନ୍ଧି ଏକ୍ସରସାଇଜ କରିବାକୁ ଝିଅମାନେ ଅସହଜ ମନେ କରନ୍ତି । କିନ୍ତୁ କାର୍ଗୋ ପ୍ୟାଣ୍ଟ ପିନ୍ଧିଲେ ସେପରି କୌଣସି ଅସୁବିଧା ନଥାଏ । ଏହାର ଫାବ୍ରିକ୍ ମୋଟା ହୋଇଥାଏ । ଜିମ୍ ପାଇଁ ମଲ୍ଟି ପକେଟ୍ ଥିବା କାର୍ଗୋ ପ୍ୟାଣ୍ଟ ନିଅନ୍ତୁ । ଜିନିଷ ରଖିବାରେ ସହଜ ହୁଏ । କଟନ୍ ଫାବ୍ରିକର କାର୍ଗୋ ଟ୍ରାଉଜର ଜିମ୍ ପାଇଁ ଭଲ ।

# ବାରାକୁଡ଼ା

ବାରାକୁଡ଼ା ଏକ ସାମୁଦ୍ରିକ ମାଛ । ଏହା ମଣିଷର ଖାଦ୍ୟ । ବିଶ୍ୱର ସମସ୍ତ ନାତିଶୀତୋଷ୍ଣ ଓ ବିଷୁବ ମଣ୍ଡଳୀୟ ସମୁଦ୍ରରେ ମୋଟି କୋଡ଼ିଏ ପ୍ରଜାତିର ବାରାକୁଡ଼ା ଦେଖାଯାଆନ୍ତି । ଏହା ମାଂସାହାରୀ ମାଛ । ଶରୀର ସୁଦୀର୍ଘ ଓ ସରୁଆ । ଲମ୍ୱରେ ଚାରିରୁ ଛଅ ଫୁଟ୍ ଯାଏ ବଢ଼େ । ଶରୀରର ତୁଳନାରେ ଏହାର ପାଟି ବଡ଼, ମାଢ଼ି ଲମ୍ବା ଓ ଦାନ୍ତଗୁଡ଼ିକ ଭାରି ମୁନିଆ । କେତେକ ପ୍ରଜାତିର ବାରାକୁଡ଼ା ଏକୁଟିଆ ଶିକାର କରନ୍ତି ଏବଂ ଆଉ କେତେକ ଦଳରେ । ଅନ୍ୟ ସାମୁଦ୍ରିକ ମାଛ ବାରାକୁଡ଼ାରେ ମୁଖ୍ୟ ଖାଦ୍ୟ । ଏହା ହିଂସ୍ର ପ୍ରକୃତିର । ମଣିଷକୁ ମଧ୍ୟ ଆକ୍ରମଣ କରିବାକୁ ପଛାଏ ନାହିଁ । ବାରାକୁଡ଼ା ଆକ୍ରମଣରେ ଡାଇଭିଂ କରୁଥିବା ମଣିଷଙ୍କ ଜୀବନ ଯାଇଥିବାର ବହୁ ନଜିର ଅଛି । ଗୋଆ, କର୍ଣ୍ଣାଟକ ଓ କେରଳର ଅଧିକାଂଶ ଉପକୂଳବର୍ତ୍ତୀ ସହରରେ ଅନେକ ଭୋଜନାଳୟରେ ବାରାକୁଡ଼ା ମାଛ ତିଆରି ସ୍ୱତନ୍ତ୍ର ଖାଦ୍ୟ ପରିବେଷଣ କରାଯାଏ । ଏହି ମାଛ ପ୍ରସ୍ତୁତ ଖାଦ୍ୟ ବେଶ ସ୍ୱାଦିଷ୍ଟ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପାୱାରଙ୍କ ପାୱାର...

ଶରଦ ପାୱାର– ଜାତୀୟତାବାଦୀ କଂଗ୍ରେସ ଦଳ (ଏନ୍‌ସିପି)ର ସଭାପତି, ଯାହାଙ୍କର ମଙ୍ଗଳବାର ଦିନ ନିଜ ପଦରୁ ଇସ୍ତଫା ପ୍ରଦାନ ଓ ପରେ ଏ ବିଷୟରେ ସେ ପୁନର୍ବିଚାର କରିବେ ବୋଲି କହିବା ନେଇ ବେଶ୍ କିଛିଦିନ ହେବ ଚର୍ଚ୍ଚା ଚାଲିଛି, ତାହା ବିଗତ ପାଞ୍ଚ ଦଶନ୍ଧି ଭିତରେ ଅସଂଖ୍ୟ ଥର ଭାରତୀୟ ରାଜନୀତିରେ ଉଠି ଆସିଥିବା ପ୍ରଶ୍ନଟିକୁ ପୁଣିଥରେ ଉଠାଇ ଦେଇଛି ; ଆଉ ଏହା ହେଉଛି ପାୱାର ଅର୍ଥାତ୍ କ୍ଷମତା ବା ସାମର୍ଥ୍ୟର ପ୍ରଶ୍ନ । ତାଙ୍କର ଏପରି ଘୋଷଣା କେବଳ ତାଙ୍କ ଦଳ ଏସିପିର ସଦସ୍ୟମାନଙ୍କ ଭିତରେ ଭାବଗତ ଉଲ୍ଲାସକୁ ବାହାରକୁ ଆଣିନାହିଁ, ସବୁ ରାଜନୀତିକ ଦଳଙ୍କ ପାଇଁ ଏହା ଏକ ବିସ୍ମୟ ଭାବ ସୃଷ୍ଟି କରିଛି, କାରଣ ତାଙ୍କର ଭୂମିକା କେବଳ ସେ ଯେଉଁ ପଦରେ ରହିଛନ୍ତି, ତା'ରି ଭିତରେ ସୀମିତ ରହିନାହିଁ, ବରଂ ରାଷ୍ଟ୍ରୀୟ ଓ ରାଜ୍ୟ ରାଜନୀତିର ବିଭିନ୍ନ ସଂଗଠନମାନଙ୍କୁ ଏହା ସଂଚରିତ ହୋଇଛି । ସେଥିପାଇଁ ଭିନ୍ନ ଭିନ୍ନ ସଂଗଠନମାନଙ୍କ ପାଇଁ ତାଙ୍କ ଇସ୍ତଫାର ଅର୍ଥ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ ଆଉ ସେଥିପାଇଁ ଏହାର କାରଣ ଭାବରେ ବିଭିନ୍ନ ପ୍ରକାରର କଥା ଉଠୁଛି- ଯେ ସେ ଜାତୀୟ ରାଜନୀତିରେ ଏକ ବଡ଼ ଭୂମିକା ନିର୍ବାହ କରିବାକୁ ଚାହାନ୍ତି, ଯେ ସେ ତାଙ୍କ ପୁତୁରା ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କୁ ଉଚ୍ଚାଭିଳାଷକୁ ପଣ୍ଡ କରିଦେବା ଚାହାନ୍ତି, ସେ ତାଙ୍କ ଝିଅ ତିନି ଥର ସାଂସଦ ହୋଇଥିବା ସୁପ୍ରିୟା ସୁଲେଙ୍କୁ ରାଜନୀତିରେ ଆଗକୁ ଆଣିବାକୁ ଚାହାନ୍ତି । କିନ୍ତୁ ପାୱାର, ଯିଏକି ଭାରତର ସର୍ବାଧିକ ବ୍ୟବହାରବାଦୀ ତଥା ବିଦ୍ରୋହୀ ସ୍ୱଭାବସମ୍ପନ୍ନ ନେତା, ସେ ଏ ପର୍ଯ୍ୟନ୍ତ ତାଙ୍କର ଏପରି ପଦକ୍ଷେପ ନେବା ପଛର ଉଦ୍ଦେଶ୍ୟକୁ ଗୋପନ ରଖୁଛନ୍ତି, ଠିକ୍ ସେମିତି, ଯେମିତି ସେ କରି ଆସିଛନ୍ତି ୧୯୭୮ରେ ତାଙ୍କର ପ୍ରଥମ ବିଦ୍ରୋହଠାରୁ ଏଯାବତ୍ । କିନ୍ତୁ ଘଟଣାର ପୃଷ୍ଠଭୂମିରେ ଏକା ସମୟରେ ଘଟିଥିବା ତିନିଗୋଟି ଘଟଣା ହୁଏତ ତାଙ୍କର ଏପରି ପଦକ୍ଷେପ ନେବା ଦିଗରେ କିଛି ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇପାରେ । ପ୍ରଥମ ଏବଂ ସର୍ବାଧିକ ସୁସ୍ପଷ୍ଟ ଘଟଣାଟି ହେଉଛି ଶ୍ରୀଯୁକ୍ତ ପାୱାରଙ୍କ ପୁତୁରା ଅଜିତ୍ ପାୱାରଙ୍କୁ ନେଇ ଉଠିଥିବା ଗୁଜବ– ଅଜିତ୍ ଦଳରେ ବିଭାଜନ ଘଟାଇ ତାଙ୍କ ପଟେ ଥିବା ସଦସ୍ୟମାନଙ୍କ ସହିତ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ)ରେ ଯୋଗ ଦେବେ । ବିଗତ କିଛି ସପ୍ତାହ ହେବ ଏକଥା ଜୋରସୋର୍‌ରେ ଚର୍ଚ୍ଚା ହୋଇ ଆସୁଛି, ଯଦିଓ ନିଜେ ଅଜିତ୍ ସ୍ପଷ୍ଟ ଶବ୍ଦରେ ନହେଲେ ସୁଦ୍ଧା ଏହାକୁ ଏକ ଗୁଜବ ଏବଂ ଏଥିରେ କିଛି ସତ୍ୟତା ନଥିବା କହିଛନ୍ତି । ତେବେ ଏପରି ଏକ ଗୁଜବ ପ୍ରଚାରିତ ହେବା ପରେ ଇସ୍ତଫା ପ୍ରଦାନ କରି ଶ୍ରୀଯୁକ୍ତ ପାୱାର ଦଳରେ ତାଙ୍କର ସ୍ଥିତିକୁ ଅଧିକ ମଜଭୁତ କରିବାର ଉଦ୍ୟମ କରିଛନ୍ତି– ଠିକ୍ ଯେମିତି ଏକଦା କରିଥିଲେ ଶିବସେନା ଉପରେ ନିଜର ହାତମୁଠାକୁ ଟାଣ କରିବା ପାଇଁ ବାଲ୍ ଥାରେ- ଏବଂ ସେ ଦର୍ଶାଇ ପାରିଛନ୍ତି ଯେ ଏବେ ବି ଦଳର ତୃଣମୂଳ ସ୍ତରର କର୍ମୀମାନଙ୍କ ଭିତରେ ତାଙ୍କର ଲୋକପ୍ରିୟତା ଓ ବିଶ୍ୱସ୍ତତା ବଜାୟ ରହିଛି । ଯଦି ପ୍ରକୃତରେ ଦଳ ଭିତରେ ବିଭାଜନ ଘଟାଇବା ନିମନ୍ତେ କିଛି ଉଦ୍ୟମ ହେଉଥାଏ, ତା'ହେଲେ ଏହା ଯେ କେହି ବି କରିବା ପୂର୍ବରୁ ତାଙ୍କ ପାଇଁ ଏକାଧିକ ଥର ଚିନ୍ତା କରିବାକୁ ଖୋରାକ ଯୋଗାଇବ । ଇସ୍ତଫା ପ୍ରଦାନ ପରେ ଯଦିଓ ସେ କହିଛନ୍ତି ଯେ ରାଜନୀତିରୁ ସନ୍ନ୍ୟାସ ନେବେନାହିଁ, ତଥାପି ଏସିପିର ଦୈନନ୍ଦିନ କାର୍ଯ୍ୟକଳାପଗୁଡ଼ିକୁ ଶ୍ରୀଯୁକ୍ତ ପାୱାର ପରିଚାଳନା ନକଲେ ବି ଦଳର ନେତୃତ୍ୱ ଯିଏ ନେବେ, ତାଙ୍କ ଉପରେ ସମସ୍ତଙ୍କର ଆଖି ରହିବ । ତେଣୁ ସକ୍ରିୟ ରାଜ୍ୟ ରାଜନୀତିରୁ ନିଜକୁ ଓହରାଇ ନେବା ପରେ ଏମ୍‌ଏ କିପରି ବିନା ଆଘାତରେ କାର୍ଯ୍ୟ କରି ପାରିବ, ତାହା ଦେଖିବା ଅବଶ୍ୟ କଷ୍ଟକର ହେବ । ୧୯୯୯ ବା ୨୦୦୪ରେ ଯେମିତି ସେ କରିଥିଲେ, ଠିକ୍ ସେମିତି ଏବେ ଶ୍ରୀଯୁକ୍ତ ପାୱାର ହୁଏତ ତାଙ୍କ ପାଇଁ ଦିଲ୍ଲୀରେ ଏକ ବଡ଼ ଭୂମିକା ରହିଥିବାର ସମ୍ଭାବନାକୁ ଦେଖୁଥାଇ ପାରନ୍ତି ଏବଂ ତାହା ହୁଏତ ତାଙ୍କୁ ମହାରାଷ୍ଟ୍ର ରାଜନୀତିର ନିତିଦିନିଆ ଜଞ୍ଜାଳରୁ ମୁକ୍ତ ହେବାକୁ ଅନୁପ୍ରେରିତ କରୁଥାଇ ପାରେ । ସେ ହୁଏତ ୨୦୦୪ରେ ଯେମିତି ବାମପନ୍ଥୀ ନେତା ହରକିଷନ୍ ସିଂହ ସୁରଜିତ୍ ବାମପନ୍ଥୀ ଏବଂ କଂଗ୍ରେସକୁ ଏକାଠି କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ, ସେମିତି ବିଜେପି ବିରୋଧରେ କରିବାକୁ ଚିନ୍ତା କରୁଥାଇ ପାରନ୍ତି । ହେଲେ ୨୦୨୪ ନିର୍ବାଚନ ପାଇଁ ଏବେ ମଧ୍ୟ ବିଜେପିର ପଲା ଭାରି ଅଛି ଏବଂ ବିରୋଧୀମାନଙ୍କ ଏକତା ମଞ୍ଚ ବା ମେଣ୍ଟର କୌଣସି ପ୍ରକାରର ଛବି ଆଖପାଖରେ କେଉଁଠି ଦୃଶ୍ୟମାନ ହେଉନାହିଁ । ଆଗରୁ ଦେଖାଯାଇ ଆସିଛି ଯେ ଶ୍ରୀଯୁକ୍ତ ପାୱାରଙ୍କ ଯୋଜନାକୁ ନେଇ କୌଣସି ପ୍ରକାରର କଳ୍ପନା ଜଳ୍ପନା କରିବା ବୃଥା, ଠିକ୍ ସେମିତି ତାଙ୍କ ମନରେ କ'ଣ ଅଛି, ତାହା ଏବେ କହିବା ସମ୍ଭବ ନୁହେଁ । କେବଳ ସମୟ ହିଁ ଏହାର ଉତ୍ତର ପ୍ରଦାନ କରି ପାରିବ । ବର୍ତ୍ତମାନ ପାଇଁ କେବଳ ଏତିକି କୁହାଯାଇପାରେ ଯେ ଦୀର୍ଘ ଛଅ ଦଶନ୍ଧି ଧରି ଭାରତୀୟ ରାଜନୀତିରେ ହଟଚମଟ ଖେଳାଇ ଆସିଥିବା ଏହି ଭୀଷ୍ମ ପିତାମହ ତାଙ୍କ ହାତମୁଠାରେ ଭବିଷ୍ୟତ ପାଇଁ କିଛି ଗୋଟାଏ ଅବଶ୍ୟ ଲୁଚାଇ ରଖିଥିବା ମନେ ହେଉଛନ୍ତି ।

# ତ୍ରିସ୍ତରୀୟ ଅପରେସନ ଟୁପାକ

## ସୌମେନ୍ଦ୍ର ଜେନା



ପାକ୍ ସରକାରଙ୍କ ଭାରତ ବିରୋଧୀ ଛାୟାଯୁଦ୍ଧ ଅପରେସନ ଟୁପାକକୁ ତିନୋଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥାଏ । ପ୍ରଥମ ପର୍ଯ୍ୟାୟଟି ୧୯୭୦ରୁ ୧୯୮୮କୁ ଧରାଯାଇଥାଏ । ବଙ୍ଗଳାଦେଶ ଯୁଦ୍ଧପରେ ଆଇଏସ୍‌ଆଇ ଯୋଜନାରେ ଜେକେଏଲ୍‌ଏଫ ନାମରେ ସନ୍ତ୍ରାସବାଦୀ ଗୋଷ୍ଠୀ ସ୍ଥାପନ କରାଯାଇଥିଲା । ଏହି ଦଶନ୍ଧିରେ ହଲ୍‌କାଇ ଆହବେ ଇସଲାମୀରୁ ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା ଜନ୍ମ ହୋଇଥିଲା । ଏହି ସମୟରେ ଭାରତରେ ଷ୍ଟୁଡେଣ୍ଟସ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି) ନାମରେ ସଂଗଠନ କାର୍ଯ୍ୟାରମ୍ଭ କରିଥିଲା । ଏହି ଦଶନ୍ଧିରେ ଜାମ୍ମୁ-କାଶ୍ମୀରର ଷ୍ଟୁଡେଣ୍ଟସ ଇସଲାମିକ ଅର୍ଗାନାଇଜେସନ ଗଢାଯାଇ ପରେ ଜମାତେ ଇସଲାମୀ ପାକିସ୍ତାନର ଛାତ୍ରଶାଖା ଇସଲାମୀ ଜମିଆତ-ଇ-ତଲାବାରେ ମିଶିଯାଇଥିଲା । ଆଇଏସ୍‌ଆଇର ଘୁଲାମ ନବି ଫାୟି ଜାମ୍ମୁ -କାଶ୍ମୀରରେ ପରିଚିତ ନାମ ଥିଲା । ସେହି ୭୦ ଦଶକରେ ବଙ୍ଗଳାଦେଶରେ ଜମାତର ଛାତ୍ରଶାଖା ଇସଲାମିକ ଛାତ୍ର ଶିବିର ଗଠନ କରାଯାଇଥିଲା । ଆସୋସିଏସନ୍ ଅଫ୍ ପାକିସ୍ତାନୀ ଡିସେଣ୍ଟ ଇନ୍ ନର୍ଥ ଆମେରିକା (ଅପନା) ୧୯୭୭ରେ ଗଢାଯାଇଥିଲା । ଏହି ଦଶନ୍ଧିରେ ଅନେକଗୁଡିଏ ପ୍ରମୁଖ ସଂଗଠନମାନ ଗଢା ହୋଇଥିଲେ ।

ଏଥିରେ ଅନ୍ୟଏକ ବିଷୟ ଲକ୍ଷ୍ୟ କରିବାର କଥା ହେଲା ଯେ ଯେଉଁମାନେ ଏହିସବୁ ସଂଗଠନ ଗଢିଥିଲେ ସେମାନେ ପରବର୍ତ୍ତୀ କାଳରେ ସେମାନଙ୍କ ପରିବାରବର୍ଗଙ୍କୁ ସେଥିରେ ସାମିଲ କରି ନେତୃତ୍ୱକୁ ନିଜ ହାତରେ ରଖିବାଲାଗି ଚେଷ୍ଟା କଲେ । ଉଦାହରଣ ସ୍ୱରୂପ ସାଉଣ୍ଡ ଭିଜନ ଏବଂ ଜେଏଫ୍‌ଏର ପ୍ରତିଷ୍ଠାତା ଅବଦୁଲ ମାଲିକ ମୁଜାହିଦ ୭୦ଦଶକରେ ଜମିଆତ ଇ-ତଲାବାର ଅଧ୍ୟକ୍ଷ ରହିଥିଲେ । ସିମିର ପ୍ରତିଷ୍ଠାତା ମହମ୍ମଦ ଅବଦୁଲ୍ଲା ସିଦ୍ଦିକୀ ଜେଏଫ୍‌ଏ ସହିତ ସଂପୃକ୍ତ ଥିଲା । ମହମ୍ମଦ ଅୟୁବ ଠାକୁରର ପୁଅ ମୁଜାମ୍ମିଲ ଏବେ କାଶ୍ମୀରର ମଶାଲଧାରୀ ସାଜିଛି । ନିକଟ ଅତୀତରେ ଜାତିସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କାଶ୍ମୀରୀଙ୍କ ବୈଠକରେ ଭାରତର ମହିଳା ପ୍ରତିନିଧି ଯୋଗ ଦେଇଥିଲା ବେଳେ ଅୟୁବ ଠାକୁର ସେମାନଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା । କାଶ୍ମୀରର ବିକାଶଧାରା ଏବଂ ଜନ ଜୀବନର ଉନ୍ନତି ବିଷୟରେ ଜାତିସଂଘରେ ଆଲୋଚନା ହେଲାବେଳେ ପାକ୍ ସମର୍ଥିତ ଅୟୁବ ଗୋଷ୍ଠୀ ସବୁବେଳେ ଭ୍ରାନ୍ତି ସୃଷ୍ଟି କରିବାକୁ ପ୍ରୟାସ କରିଥାନ୍ତି ।

ଅପରେସନ ଟୁପାକର ଦ୍ୱିତୀୟ ପର୍ଯ୍ୟାୟର ସମୟ କହିଲେ ୧୯୮୦ରୁ ୧୯୯୦କୁ ବୁଝାଇଥାଏ । ଏହି ସମୟରେ ପାକ୍ ଓ ଭାରତରୁ ଅଲଗା ହେବାକୁ ଜାମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ ଆହ୍ୱାନ ଦେଇଥିଲା । ପାକ୍‌ର ରାଜନେତା ଏବଂ ମାନବତାବାଦୀମାନେ ପାକ୍‌ର କାଶ୍ମୀର ନୀତିକୁ କେନ୍ଦ୍ର କରି ସେହି ଆହ୍ୱାନକୁ ସମର୍ଥନ ଜଣାଇଥିଲେ । ସେମାନଙ୍କ ମତବ୍ୟକ୍ତର ଅଧିକାର, ମାନବାଧିକାରର ସୁରକ୍ଷା ସେ ପର୍ଯ୍ୟନ୍ତ ଠିକ୍ ଥିଲା, ଯେ ପର୍ଯ୍ୟନ୍ତ ସେମାନେ ପାକ୍‌ର ନୀତିକୁ ସମର୍ଥନ କରୁଥିଲେ । ଆମେରିକା, ୟୁରୋପ ଏବଂ ଭାରତରେ ଥିବା ସେମାନଙ୍କ ସମର୍ଥକଙ୍କୁ ସମର୍ଥନ କରୁଥିଲେ । କାଶ୍ମୀରୀ ଲୋକଙ୍କର କିଛି ମତ ନଥିଲା କି ସେମାନେ ସନ୍ତ୍ରାସବାଦକୁ ବିରୋଧ ମଧ୍ୟ କରୁନଥିଲେ । ଜେକେଏଲଏଫର କାର୍ଯ୍ୟ ପାକ୍‌କୁ ସହାୟକ ନହେବା ଯୋଗୁ ସେମାନେ ବିକଳ୍ପର ଅନ୍ୱେଷଣ କଲେ । ତେଣୁ ୧୯୮୦ ପରେ ଅନ୍ୟ ଏକ ଗୋଷ୍ଠୀ ଲସ୍କର-ଇ-ତୈବା ଏବଂ ହିଜବୁଲ ମୁଜାହିଦୀନ ପାକ୍ ସରକାରଙ୍କ ଯୋଜନାରେ ମୁଣ୍ଡ ଟେକିଲା । ଏହି ସମୟରେ ଅନେକଗୁଡିଏ ସଂଗଠନ ରାତାରାତି ମୁଣ୍ଡ ଟେକିଲେ । ସମସ୍ତଙ୍କର ଗୋଟିଏ ମୁଖ୍ୟ ଗୋଷ୍ଠୀ ସହ ସଂପର୍କ ରହିଥିଲା । ଜଷ୍ଟିସ୍ ଫର୍ ଅଲ୍‌ର ମୂଳ ସଂଗଠନ 'ଦି ସାଉଣ୍ଡ ଭିଜନ' ୧୯୮୮ରେ ଜମାତର ଆଇସିଏନ୍‌ଏ ବା ଇସଲାମିକ କାଉନସିଲ ଅଫ୍ ନର୍ଥ ଆମେରିକା ଦ୍ୱାରା ଆରମ୍ଭ କରାଯାଇଥିଲା । ୧୯୮୯ରେ 'ଦି ମେସେଜ୍ ଇଣ୍ଟରନେସନାଲ' ପତ୍ରିକା ଆରମ୍ଭ ହୋଇଥିଲା । ସେମିତି ୧୯୯୦ରେ ଆଇଏସ୍‌ଆଇର ଆର୍ଥିକ ସହାୟତା ଲାଭ କରୁଥିବା ମହମ୍ମଦ ଅୟୁବ ଠାକୁର ଏବଂ ଘୁଲାମ ନବି ଫାୟିଙ୍କ ଦ୍ୱାରା ୱର୍ଲଡ କାଶ୍ମୀର ଫ୍ରିଡମ୍ ମୁଭମେଣ୍ଟ ଏବଂ କାଶ୍ମୀର ଆମେରିକାନ କାଉନସିଲ ଗଠିତ ହୋଇଥିଲା ।

ଅପରେସନ ଟୁପାକ୍‌ର ତୃତୀୟ ପର୍ଯ୍ୟାୟ ୨୦୧୦ରୁ ଅଦ୍ୟାବଧି ଜାରି ରହିଛି । ୨୦୧୧ରେ ଦୁଇଟି ପ୍ରମୁଖ ଘଟଣା ଘଟିଥିଲା । ଭାରତ ସରକାର ୨୦୧୧-୨୦୧୭ ମଧ୍ୟରେ ବିଦେଶୀ ଦାନ ଗ୍ରହଣ ଆଇନର ଉଲ୍ଲଂଘନକୁ କେନ୍ଦ୍ର କରି ପ୍ରାୟ ୧୮,୮୬୮ ସ୍ୱେଚ୍ଛାସେବୀ ସଂଗଠନର ମାନ୍ୟତାକୁ ବାତିଲ କରିଥିଲେ । ଆଇନକୁ ବଳବତ୍ତର କରିବା ଯୋଗୁ ସହାୟତା ରାଶି ୨୦୧୫-୧୬ରେ ୧୭୭୭୩ କୋଟିରୁ ହ୍ରାସ ପାଇ୨୦୧୬-୧୭ରେ ୧୧୨୭୪ କୋଟିକୁ ଖସିଆସିଥିଲା । ଦ୍ୱିତୀୟ ଘଟଣାଟି ହେଲା ପାକ୍ ସିନେଟ୍ ୩ ଅକ୍ଟୋବର ୨୦୧୬ରେ ଏକ ରିପୋର୍ଟ ପ୍ରକାଶ କଲେ ଯେ କାଶ୍ମୀର ସଂକ୍ରାନ୍ତରେ ବିଦେଶରେ ଯେପରି ଭାରତ ବିରୋଧୀ ମନୋଭାବ ସୃଷ୍ଟି ହେବ ସେଥିପାଇଁ ଯେତେ ସବୁ ଲବି ଫାର୍ମ ରହିଛି ସେମାନଙ୍କୁ କାର୍ଯ୍ୟରେ ଲଗାଯିବ । ଫଳସ୍ୱରୂପ୨୦୧୬-୧୯ ମଧ୍ୟରେ ଅନେକଗୁଡିଏ ସଂଗଠନ କାଶ୍ମୀର ନାମରେ ଛତୁ ଫୁଟିଲା ପରି ବ୍ରିଟେନ ଓ ଆମେରିକା ମଧ୍ୟରେ ମୁଣ୍ଡ ଟେକିଲେ । ୨୦୧୫-୧୬ରେ ଦକ୍ଷିଣ ଏସିଆ ମାମଲାରେ ଅନେକ ଗୋରା ବିଶେଷଜ୍ଞ ଦେଖାଦେଲେ । ଅଡ୍ରେ ଟ୍ରୁସ୍‌କେ ନାମକ ଜଣେ ଅଧ୍ୟାପିକା ୨୦୧୫ରେ ଆଉରଙ୍ଗଜେବ ବିଷୟରେ ତାଙ୍କ ପୁସ୍ତକ ପ୍ରକାଶ କରାଇଲେ । ୨୦୧୬ରେ ଭାରତକୁ ଟାର୍ଗେଟ କରି ସିଜେ ୱାରେଲମାନ ନାମକ ଜଣେ ବ୍ୟକ୍ତି ପ୍ରଚଣ୍ଡ ଭାରତ ବିରୋଧୀ ପ୍ରଚାର ଚଳାଇଲେ । ସେମିତି ଡାନିଏଲେ ଖାଁ ନାମରେ ଅନ୍ୟ ଜଣେ କାଶ୍ମୀରୀ ବିଶେଷଜ୍ଞ ଭାବେ ୨୦୧୬ରେ ବାହାରି ପଡିଲେ । ପାକ୍‌ର ଗୋରୀ ରାଷ୍ଟ୍ରଦୂତ ସିନ୍ଥିଆ ଡି.ରିଚି ମଧ୍ୟ ୨୦୧୬ରେ ଭାରତ ବିରୋଧୀ ପ୍ରଚାରରେ ଲାଗିପଡିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ବୈଶାଖ ପୂର୍ଣ୍ଣିମା

## ଜୟଶ୍ରୀ ପଟ୍ଟନାୟକ



ପ୍ରଭୁ ଶ୍ରୀ ଜଗନ୍ନାଥ ଯାତ୍ରା ସମୟରେ ଦଶ ଅବତାର ରୂପ ଧାରଣ କରନ୍ତି ବୋଲି ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ । ଯାତ୍ରା ସମୟରେ କୁସୁମ ଲାଗି ବେଳେ ମୀନ ଅବତାର ତୁଳି ଲାଗି ବେଳେ କୁର୍ମ ଅବତାର ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର ଧାରଣ କରନ୍ତି ବୋଲି ଶାସ୍ତ୍ରୀୟ ପ୍ରମାଣ ମିଳେ ସାରଳା ଦାସ ମହାଭାରତରେ ଜଗନ୍ନାଥଙ୍କୁ ବୌଦ୍ଧ ଅବତାର ବୋଲି ବର୍ଣ୍ଣନା କରିଛନ୍ତି ।

ସମାଜରେ ଅନେକ ଧର୍ମ ପ୍ରଚାରକ ମାନେ ବିଭିନ୍ନ ସମୟରେ ଜନ୍ମ ନେଇଥାନ୍ତି । ଯେମିତି ମହମ୍ମଦ ଇସଲାମ ଧର୍ମର ମହାବୀର ଜୈନଧର୍ମର ଓ ଯୀଶୁ ଖ୍ରୀଷ୍ଟିୟାନ ଧର୍ମର ପ୍ରଚାରକ ସେହିପରି ଗୌତମବୁଦ୍ଧ ଥିଲେ ବୌଦ୍ଧଧର୍ମର ପ୍ରଚାରକ । ପ୍ରାଚୀନ ବୌଦ୍ଧ ପାଲିଗ୍ରନ୍ଥ ଓ ଶ୍ରୀମନ୍ଦିର ଗାତ୍ରରୁ ଉଦ୍ଧାର କରାଯାଇଥିବା ଭଗବାନ ବିଷ୍ଣୁଙ୍କର ପ୍ରତିମୂର୍ତ୍ତି ପ୍ରମାଣ କରୁଛନ୍ତି ଯେ ଉଭୟ ବୁଦ୍ଧ ଓ ବିଷ୍ଣୁ ୨୪ ଥର ଲେଖାଏଁ ଅବତାର ଗ୍ରହଣ କରିଛନ୍ତି । ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱ ଚୂଡାରେ ଆସୀନ ବୁଦ୍ଧ, ବିଷ୍ଣୁଙ୍କ ନବମ ଅବତାର ଜଗନ୍ନାଥ ଏବଂ ସଂସ୍କୃତ ଶ୍ରୀମଦ୍ ଭାଗବତର ପ୍ରଥମ ସ୍କନ୍ଧରେ ବର୍ଣ୍ଣିତ ବିଷ୍ଣୁଙ୍କ ୨୧ତମ ଅବତାର ଭାବେ ବିଦ୍ୟମାନ । ସେ ରାମକୃଷ୍ଣଙ୍କ ପରି ଈଶ୍ୱର ନ ଥିଲେ, ମହମ୍ମଦଙ୍କ ପରି ଆଲ୍ଲାଙ୍କ ପ୍ରେରିତ ଦୂତ ନଥିଲେ କି ଯୀଶୁଙ୍କ ପରି ଈଶ୍ୱରପୁତ୍ର ନଥିଲେ । ସେ ଥିଲେ ସତ୍ୟକୁ ଅନୁସରଣ କରୁଥିବା ଜଣେ ମାର୍ଗଦର୍ଶକ ପଥ ପ୍ରଦର୍ଶକ ।

ସେଦିନ ଥିଲା ବୈଶାଖ ପୂର୍ଣ୍ଣିମାର ଦିନ । ଶାକ୍ୟରାଜ୍ୟର ରାଜଧାନୀ କପିଳବାସ୍ତୁର ଲୁମ୍ବିନୀ ନାମକ ସ୍ଥାନରେ ଶାକ୍ୟରାଜ ଶୁଦ୍ଧୋଦନ ଏବଂ ମାତା ମାୟାଦେବୀଙ୍କ କୋଳ ମଣ୍ଡନ କରିଥିଲେ ସିଦ୍ଧାର୍ଥ ୫୬୩ ଖ୍ରୀ.ରେ । ଜନ୍ମର ସାତଦିନ ପରେ ମାତାଙ୍କର ମୃତ୍ୟୁପରେ ସେ ପାଳିତ ହୋଇଥିଲେ ମାଉସୀ ପ୍ରଜାପତି ଗୌତମୀଙ୍କ ଦ୍ୱାରା । ଗୌତମ ପିଲାଦିନରୁ ଥିଲେ ଖୁବ ଏକୁଟିଆ, ନିସଙ୍ଗ ଜୀବନ ତାଙ୍କୁ ଭଲ ଲାଗୁଥିବାର ଦେଖି ପିତା ଶୁଦ୍ଧୋଦନ ଜ୍ୟୋତିଷକୁ ଜାତକ ଦେଖାଇଲେ । କୁଳଗୁରୁ କହିଥିଲେ, 'ଏ ଯଦି ରାଜା ହୁଅନ୍ତି ଦିନେ ରାଜଚକ୍ରବର୍ତ୍ତୀ ହେବେ । ଯଦି ସନ୍ନ୍ୟାସୀ ହୁଅନ୍ତି ତେବେ ସେ ହେବେ ଜ୍ଞାନୀ, ଓ ବୈରାଗୀ ।' ରାଜା ଶୁଦ୍ଧୋଦନ ଚାହୁଁଥିଲେ ଗୌତମ ସଂସାର ଭିତରେ ବାନ୍ଧି ହୋଇ ରହୁ । ଜଣେ ରାଜଚକ୍ରବର୍ତ୍ତୀ ହେଉ । ଏଥିପାଇଁ ତାଙ୍କୁ ବିବାହ ବନ୍ଧନରେ ବାନ୍ଧିଦେଲେ ରାଜକନ୍ୟା ଯଶୋଧାରାଙ୍କ ସହିତ କିନ୍ତୁ ବିଳାସ ବ୍ୟସନ ଓ ସଂସାର ପ୍ରତି ସେ ଆସକ୍ତ ନହୋଇ ବିରାଗ ଥିଲେ । ଦିନେ ରାଜଧାନୀ ପରିକ୍ରମା ସମୟରେ ସେ ଜଣେ ବୃଦ୍ଧ, ଜଣେ ରୋଗୀ, ଗୋଟେ ଶବ ଏବଂ ଜଣେ ସନ୍ନ୍ୟାସୀଙ୍କୁ ଦେଖି ରାଜପ୍ରସାଦରେ ରହିବାପାଇଁ ମନ ବଳାଇଲେ ନାହିଁ । ଦିନେ ରାତିରେ ପତ୍ନୀ ଓ ପୁତ୍ର ରାହୁଲକୁ ଛାଡି ଅରଣ୍ୟକୁ ପଳାଇଲେ । ସେଦିନ ଥିଲା ଆଷାଢ ପୂର୍ଣ୍ଣିମା ଆଉ ତାଙ୍କ ବୟସ ମାତ୍ର ୨୯ ବର୍ଷ । ବହୁ ସ୍ଥାନ ସତ୍ୟ ସନ୍ଧାନରେ ଭ୍ରମି ଭ୍ରମି ଶେଷରେ ନିରାଶ ହେବାରୁ ମଧ୍ୟମ ମାର୍ଗର ଅନୁସରଣକରି , ନିରଞ୍ଜନା ନଦୀକୂଳରେ ଏକ ଅଶ୍ୱତ୍ଥ ବୃକ୍ଷମୂଳରେ ବସି ଧ୍ୟାନ କଲେ । ସେହି ସମୟରେ ସୁଜାତା ନାମ୍ନୀ ଜଣେ କନ୍ୟାଠାରୁ କ୍ଷୀରି ଖାଇଥିଲେ । ଧ୍ୟାନ ତପସ୍ୟାରେ ବସି ଶେଷରେ ସେ ସିଦ୍ଧି ଲାଭ କଲେ ସେଦିନ ଥିଲା ବୈଶାଖ ପୂର୍ଣ୍ଣିମା । ଯେଉଁ ବୃକ୍ଷ ମୂଳରେ ବସି ଧ୍ୟାନରତ ଥିଲେ ସେହି ବୃକ୍ଷକୁ ବୋଧିଦ୍ରୁମ କୁହାଗଲା । ସେହି ସ୍ଥାନର ନାମ ବୁଦ୍ଧଗୟା ରଖାଗଲା ଯାହା ବିହାର ଜିଲ୍ଲାର ଅନ୍ତର୍ଗତ । ତପସ୍ୟା ପରେ ସେ ବୁଦ୍ଧତ୍ୱ ଲାଭ କଲେ । ସିଦ୍ଧାର୍ଥରୁ ଗୌତମବୁଦ୍ଧ ନାମରେ ପରିଚିତ ହେଲେ । ଶ୍ରୀରାମ ମନୁଷ୍ୟକୁ ଆତ୍ମ ମର୍ଯ୍ୟାଦା ଶିଖାଇଥିଲେ । ଶ୍ରୀକୃଷ୍ଣ ଦର୍ଶାଇଥିଲେ ସଂସାର ରୀତି । ବୁଦ୍ଧ ଶିଖାଇଥିଲେ ଦୁଃଖ ନିରୋଧର ମାର୍ଗ । କାମନାର ବିନାଶରେ ଦୁଃଖର ବିନାଶ ।

ବୁଦ୍ଧତ୍ୱ ପ୍ରାପ୍ତି ପରେ ସେ ଆସିଲେ କାଶୀକୁ । ସାରନାଥ ଠାରେ ସେ ତାଙ୍କର ପାଂଚଜଣ ଶିଷ୍ୟକୁ ପ୍ରଥମ ଉପଦେଶ ଦେଇଥିଲେ । ଉପଦେଶ ଗୁଡିକ ଥିଲା ଆର୍ଯ୍ୟ ଚତୁରାଙ୍ଗ ବା ଚତୁ ଆର୍ଯ୍ୟସତ୍ୟ ଯଥା- ଏ ସଂସାର ଦୁଃଖମୟ । ଦୁଃଖର କାରଣ କାମନା ବା ତୃଷ୍ଣା । କାମନାର ବିନାଶରେ ଦୁଃଖର ବିନାଶ । ଦୁଃଖ ବିନାଶ ପାଇଁ ମଣିଷକୁ ଆଠଟି ବା ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ କୁ ଆପଣେଇବାକୁ ହେବ ତାଦ୍ୱାରା ମଣିଷ କାମନା ବା ଇଚ୍ଛାରୁ ନିଜକୁ ମୁକ୍ତି କରିପାରି ସୁଖରେ ଜୀବନ କାଟିପାରିବ । ସେଗୁଡିକ ହେଲା ୧. ସମ୍ୟକ ଦୃଷ୍ଟି, ୨.ସମ୍ୟକ ସଂକଳ୍ପ, ୩. ସମ୍ୟକ ବାକ୍ୟ, ୪.ସମ୍ୟକ କର୍ମ, ୫.ସମ୍ୟକ ଜୀବିକା, ୬. ସମ୍ୟକ ବ୍ୟାୟାମ ୭.ସମ୍ୟକ ସ୍ମୃତି ୮. ସମ୍ୟକ ସମାଧି । ଜନ୍ମ ଜରା ମୃତ୍ୟୁକୁ ବୁଦ୍ଧ ବାରମ୍ବାର ଦୁଃଖ ବୋଲି କହି ଭଲ କର୍ମ କରିଲେ ଜନ୍ମରୁ ଜନ୍ମ ସଂସ୍କାରିତ ହୋଇ ପ୍ରାଣୀ ମୃତ୍ୟୁମୁଖରୁ ମୁକ୍ତ ହୋଇ ମହାନିର୍ବାଣ ଲାଭ କରିପାରିବ । ଏହା ହିଁ ମୋକ୍ଷ ବା ମହା ପରିନିର୍ବାଣ ଚରମ ପନ୍ଥା ବୋଲି ଉପଦେଶ ଦେଉଥିଲେ । ପରେ ପରେ ତାଙ୍କ ଉପଦେଶର ଗଭୀର ପ୍ରଭାବ ପଡିବାରୁ ରାଜା ପ୍ରଜା ବୁଦ୍ଧଙ୍କୁ ଅନୁସରଣ କଲେ । ବୌଦ୍ଧଧର୍ମକୁ ଗ୍ରହଣ କରି ତାଙ୍କର ଶିଷ୍ୟ ହେଲେ । ତାଙ୍କ ଶିଷ୍ୟ ଅଛବ ସାରିପୁତ, ନାପିତ ଉପାଳିଙ୍କ ପରି ଶ୍ରମଣ ଜ୍ଞାନ ସଂଯମ ଆଚରଣରେ ତାଙ୍କ ଉଚ୍ଚତାକୁ ଛୁଇଁ ପାରିଥିଲେ । ସେ ଜାତି ବର୍ଣ୍ଣ ଭେଦଭାବର ଉର୍ଦ୍ଧ୍ୱରେ ରହି ବାରାଙ୍ଗନା ଆମ୍ରପାଲ୍ଲୀ ବାସବଦତ୍ତା ମାନଙ୍କୁ କାହିଁ କେଉଁ ଚେତନାର ଉର୍ଦ୍ଧ୍ୱ ସ୍ତରକୁ ନେଇ ଯାଇଥିଲେ । ବୌଦ୍ଧଧର୍ମକୁ ମୌର୍ଯ୍ୟରାଜା ଅଶୋକ, କନିଷ୍କ. ହର୍ଷ ମଧ୍ୟ ଆପଣେଇଲେ । ବୌଦ୍ଧଧର୍ମର ପ୍ରଚାର ପ୍ରସାର ଶ୍ରୀଲଙ୍କା, ବର୍ମା ସୁମାତ୍ରା, ଜାଭା, ଚୀନ, ଜାପାନ ତିବତ୍ ଥାଇଲାଣ୍ଡ, କୋରିଆ, ମଙ୍ଗୋଲିଆରେ କରାଇଥିଲେ । ତାଙ୍କର ସଂଘ ବୌଦ୍ଧସଂଘ ନାମରେ ନାମିତ ହେଲା । ବୌଦ୍ଧ ଧର୍ମରେ ବୌଦ୍ଧଭିକ୍ଷୁର ସଂଖ୍ୟା ବଢିଲା । ରାଜା ପ୍ରଜା ସ୍ତ୍ରୀ ମାନଙ୍କୁ ବି ସଂଘରେ ନିଆଗଲା । ବୁଦ୍ଧ ବହୁଜନ ହିତାୟ ସୂତ୍ରରେ ଜନକଲ୍ୟାଣ ପାଇଁ ଦେଶ ବିଦେଶରେ ବୌଦ୍ଧଧର୍ମକୁ ପ୍ରଚାର କଲେ । ସେ ସବୁବେଳେ କହୁଥିଲେ ସୌନ୍ଦର୍ଯ୍ୟ କ୍ଷଣସ୍ଥାୟୀ । ସୌନ୍ଦର୍ଯ୍ୟ ବ୍ୟକ୍ତିର ବେଶପୋଷାକରେ ନ ଥାଏ ବ୍ୟକ୍ତିର ହୃଦୟରେ ଥାଏ । ସେହି ଗୁଣକୁ ଚିହ୍ନିଲେ ବ୍ୟକ୍ତି ଜୀବନରେ ଦୁଃଖର ବିଲୋପ ଘଟେ । ବୈଶାଖ ପୂର୍ଣ୍ଣିମାର ଅନ୍ୟନାମ ବୁଦ୍ଧ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ ଗୌତମ ବୁଦ୍ଧଙ୍କର ଜନ୍ମ, ବୋଧିପ୍ରାପ୍ତି ଓ ମହାନିର୍ବାଣ ଗୋଟିଏ ପୂର୍ଣ୍ଣିମାରେ ହୋଇଥିଲା ତାହା ଥିଲା ବୈଶାଖ ପୂର୍ଣ୍ଣିମା । ସେ ଥିଲେ, ପୂର୍ଣ୍ଣମୀ ସଂଯୋଗର ଜଣେ ମହାପୁରୁଷ । ଏହିଦିନର ମହତ୍ୱ ହେଉଛି ଗୌତମବୁଦ୍ଧଙ୍କର ଜନ୍ମ ଜୟନ୍ତୀ ପାଳିବା ତାଙ୍କୁ ସ୍ମରଣ କରିବା । ଏହିଦିନ ପୂର୍ବଏସିଆର ଲୋକମାନେ ପାଳନ କରନ୍ତି ତାଙ୍କର ଜୟନ୍ତୀ । ସାରା ବିଶ୍ୱର ବୌଦ୍ଧଧର୍ମାବଲମ୍ବୀ ମାନେଏହିଦିନକୁ ଏକ ପବିତ୍ର ଦିବସ ରୂପେ ମାନନ୍ତି ।

ବୁଦ୍ଧଦେବଙ୍କୁ ଯେତେବେଳେ ୮୦ ବର୍ଷ ବୟସ ହୋଇଥିଲା ସେ ଚାହିଁଥିଲେ ନିର୍ବାଣ । ସେଦିନ ବି ଥିଲା ବୈଶାଖ ପୂର୍ଣ୍ଣିମା ଦିନ । କୁଶୀନଗରରେ ତାଙ୍କର ମହାପ୍ରୟାଣ ହୋଇଥିଲା ୪୮୩ ଖ୍ରୀ.ରେ । ବୌଦ୍ଧଭିକ୍ଷୁମାନେ ଧର୍ମପ୍ରଚାର କଲାବେଳେ ଉଚ୍ଚାରଣ କରୁଥିଲେ –

ବୁଦ୍ଧଂ ଶରଣଂ ଗଚ୍ଛାମି । ସଂଘଂ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି ।

ଶ୍ରୀମନ୍ଦିର ପରିସରରେ ମୁକ୍ତିମଣ୍ଡପ ନିକଟରେ ସର୍ବପ୍ରାଚୀନ ଶ୍ରୀ ନୃସିଂହ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାରରେ ଦଶାବତାରଙ୍କ ନବମ ସ୍ଥାନରେ ବୁଦ୍ଧମୂର୍ତ୍ତି ରହିଛନ୍ତି । ୨୨ ପାବଚ୍ଛର ପ୍ରତ୍ୟେକ ପାବଚ୍ଛ ଏକ ନିର୍ଦ୍ଦିଷ୍ଟ ଅବତାର ପାଇଁ ଉଦ୍ଦିଷ୍ଟ । ତନ୍ମଧ୍ୟରେ ୨୧ ତମ ପାବଚ୍ଛ ବୁଦ୍ଧ ଅବତାର ପାଇଁ ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି । ଜଗନ୍ନାଥଙ୍କ ଅବତାର ଭାବେ ବୁଦ୍ଧଙ୍କୁ ପୂଜା କରାଗଲା । ଶ୍ରୀମନ୍ଦିର ବେଢାସ୍ଥ ଅନ୍ନବଜାରରେ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ଆଚାଣ୍ଡାଳ ବ୍ରାହ୍ମଣ ଏକତ୍ର ମହାପ୍ରସାଦ ସେବନ କରିବା ବିଧି ବୌଦ୍ଧଧର୍ମ ପ୍ରଥାର ଏକ ଜୀବନ୍ତ ନିଦର୍ଶନ । ଶ୍ରୀ ମନ୍ଦିରରେ ଦୀପ ପ୍ରଜ୍ୱଳନ ବିଧି ବୁଦ୍ଧଙ୍କ ପ୍ରବର୍ତ୍ତିତ ଦିବ୍ୟ ଜ୍ଞାନର ପରିପ୍ରକାଶ । ଆହୁରି ଜଗନ୍ନାଥଙ୍କ ସଂପର୍କ ରହିଛି ବୁଦ୍ଧଙ୍କ ସହିତ । ଶ୍ରୀ ଜଗନ୍ନାଥଙ୍କ ଉତ୍ପତି ଓ ଉପାସନା ରେ ଡକ୍ଟର ମହତାବ ଉଲ୍ଲେଖ କରିଛନ୍ତି, ଅଶୋକଙ୍କ ସମୟରେ ଓଡିଶାର ଶବର ମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ପୁରୀର ବୌଦ୍ଧସ୍ତୁପ ନିର୍ମିତ ହୋଇଥିଲା ଓ ସେଥିରେ ବୌଦ୍ଧ ତ୍ରିରତ୍ନ ଚିହ୍ନ (ବୁଦ୍ଧ, ଧର୍ମ, ସଂଘ) ଅଙ୍କିତ ହୋଇଥିଲା । ଏ ସ୍ତୁପ ଶବର ମାନଙ୍କର ପୂଜାପୀଠ ଥିଲା। ଏହି ଚିହ୍ନ ତ୍ରୟକୁ ଜଗନ୍ନାଥ ବୋଲି କୁହା ଯାଉଥିଲା । ବୁଦ୍ଧଙ୍କର ଅପର ନାମ ଜଗନ୍ନାଥ । ଏହା ପୁରାତନ ପାଲି ସାହିତ୍ୟ ଓ ନେପାଳରୁ ମିଳିଥିବା ତନ୍ତ୍ର ସାହିତ୍ୟରୁ ମିଳେ । ଜଗନ୍ନାଥଙ୍କୁ ବୁଦ୍ଧଙ୍କର ଅବତାର ରୂପେ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ଉପସ୍ଥାପିତ କଲାବେଳେ ଜଗନ୍ନାଥ ବୋଲି ସମ୍ବୋଧନ କରାଯାଏ । କବି ଜୟଦେବ ରଚିତ ଗୀତଗୋବିନ୍ଦରେ ନବମ ଅବତାର ରେ ବୁଦ୍ଧରୂପୀ ଜଗନ୍ନାଥଙ୍କର ଗୁଣ ଗାନ କରାଯାଇଛି । ମହାକବି ସାରଳା ଦାସ ମଧ୍ୟ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ବର୍ଣ୍ଣନା କରିଛନ୍ତି । ପଂଚସଖାର କବିମାନେ ମଧ୍ୟ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ଅଭିହିତ କରିଛନ୍ତି ।

ଭୁବନେଶ୍ୱର
ମୋ:୭୯୭୮୧୧୦୪୭୪





### ଜୀଅନ୍ତା ଶବ

#### ଦିପ୍ତିମୟୀ ପଣ୍ଡା



ଚିରଇପ୍ସିତ ଏକ କାମନା
ଆଜି ବାଟବଣା
ଜୀବନ ଜଞ୍ଜାଳର
ଚାରିଛକରେ
ପଥରୁଦ୍ଧ ପଥିକ
ନା ଅଛି
ଆଗକୁ ବଢିବାର ଇଚ୍ଛା
ନା ପଛକୁ ଫେରିବାର ସାମର୍ଥ୍ୟ ।
ପରିସ୍ଥିତି ଓ କର୍ତ୍ତବ୍ୟର
ବନ୍ଧାପଡିଛି ହାତ ଗଣ୍ଠି
ପାଦରେ ପଡିଛି
ଲୋକେ ବୋଲିବେ କ'ଣର
ଦୁଷ୍କର ଶିକୁଳି ।
ଅସଂଖ୍ୟ ଗୁଞ୍ଜରଣ ପରେ
ଚାହେଁ ସେ ସାଜିଯିବା ପାଇଁ
ଦାନୀ ହରିଶ୍ଚନ୍ଦ୍ର
ସର୍ବସ୍ୱ ହରେଇ ଜଗିବ ମଶାଣିପଦା
ମୃତ୍ୟୁ ଚାହୁଁନଥିବା ଆତ୍ମା ଗୁଡିକର
ସେ ହେବ ନିରବ ଶ୍ରୋତା
ଶୁଣିବ ସଭିଙ୍କ କରୁଣ କାହାଣୀ ।
ନିଜେ ତ ହରେଇସାରିଛି
ସୁଯୋଗ ଆଉ ଅଧିକାର
ପାଲଟିସାରିଛି ଜୀଅନ୍ତା ଶବ
ନା ଅଛି ବଞ୍ଚିବାର କାମନା
ନା ବଞ୍ଚେଇବାର ।

ଦେଓଗାଁ, ବରଗଡ଼



### ସମ୍ପର୍କ

#### ସୁଧାଂଶୁ ଶେଖର ଦ୍ୱିବେଦୀ

ନିଜ ଅଂଶ ଯେବେ
ମା' ଗର୍ଭକୁ ଆସେ
ସେଇ କ୍ଷଣରୁ
ଏକ ନୂଆ ସମ୍ପର୍କ
ଅଙ୍କୁରିତ ହୁଏ
ମା'-ବାପାଙ୍କର
ସନ୍ତାନ ରୂପେ
ଜେଜେ-ଜେଜିଙ୍କ
ଉତ୍ତରାଧିକାରୀ ରୂପେ
ଘର-ପରିବାର-ପରିଜନ
ସବୁଠି ସମ୍ପର୍କର
ମହକ ଭରିଯାଏ ।

ବିସି-୭୪, ସଲଟ ଲେକ,
କଲକତା-୬୪
ମୋ: ୯୬୮୧୩୭୩୫୧୨

### ବୁଦ୍ଧ ଜୟନ୍ତୀ

#### ଜଗଦୀଶ ସାହୁ

ରାଜଉଆସ ଭୋଗ ବିଳାସ
ଠାରୁ ଦୂରେଇ ମନ
ସଂସାର ହିତେ ସନ୍ୟାସୀ ମତେ
କାଟିଲେ ବାକି ଦିନ !
ନିରାଡ଼ମ୍ବର ଧର୍ମ ପ୍ରଚାର
କରିଲେ ସତ୍ୟ କହି
ଦୟା ଅହିଂସା ନିର୍ବାଣ ଭାଷା
ମନକୁ ନେଲା ମୋହି !
ଶାନ୍ତି ସ୍ତୁପର କୀର୍ତ୍ତି ଅପାର
ଦୟାନଦୀର ତୀରେ
ଦେଖିଲେ ଥରେ ମନ ଭିତରେ
ପ୍ରଶାନ୍ତି ଭାବ ଭରେ !
ଦଶବତାର ଭିତରେ ସାର
ବଉଦ୍ଧ ଅବତାର
କାମନା ନାଶ ଦୁଃଖ ବିନାଶ
ମୋକ୍ଷ ପ୍ରାପ୍ତିର ଦ୍ୱାର !
ବୈଶାଖ ମାସେ ପୂର୍ଣ୍ଣିମା ଆସେ
ପବିତ୍ର ଭାବ ନେଇ
ବୁଦ୍ଧ ଜୟନ୍ତୀ ଭକ୍ତ ପାଳନ୍ତି
ବୁଦ୍ଧଙ୍କ ସ୍ତୁତି ଗାଇ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ-୭୫୯୧୨୮
ମୋ : ୯୦୭୮୧୮୫୬୧୬

### ପାଉଁଜି

#### ବର୍ଷାରାଣୀ ମହାମଲ୍ଲିକ



ପାଉଁଜି, ଭାରି କଥାକୁହା ଝିଅଟେ ନା ?
ସବୁବେଳେ ଛମ୍ ଛମ୍ ତାକୁ ଥକ୍କା ଲାଗେନି..
କେଜାଣି ବାଟରେ ଯାହାକୁ ଭେଟୁଥିବ
କହୁଥିବ କେତେ କଥା..
ଆଉ ଖୁବ ଆତ୍ମୀୟ ଭଳି ଲୋକେ ବି ତା ଶବ୍ଦକୁ କାନ
ଡେରିଥାନ୍ତି ।
କେଜାଣି କଣ କହୁଥାଏ ବାଟସାରା...
ତା ସ୍ୱରଟା କିନ୍ତୁ ବେଶ୍ ମିଠା ଯଦିଓ ତା ଭାଷା ବୁଝି ହୁଏନା ।
ଛୋଟ ବେଳେ ଝିଅ ଚାଲିବ ବୋଲି ମାଁ ବାନ୍ଧିଦିଏ
ହଲେ ପାଉଁଜି ଝିଅର କୁନି ପାଦରେ..
ଝିଅ ଆହୁରି ଆହୁରି ଆଗକୁ ଯାଏ ଛମ୍ ଛମ୍ କରି ।

ପ୍ରେମିକ ଟେ କିଣି ଦିଏ ତା ପ୍ରଣୟୀକୁ ପାଉଁଜି
ପାଉଁଜିର ଗୋଟେ ଗୋଟେ ଝୁମୁକାର ଶବ୍ଦ
ପ୍ରେମିକାକୁ ଲାଗେ ଯେମିତି ତା ପ୍ରେମୀ
କିଛି ମିଠା ମିଠା କଥା ତା କାନରେ ଚୁପିଚୁପି କହୁଛି ।
ଲାଗେ ଯେମିତି ସେ ଏଇଠି କେଉଁଠି ଅଛି ଅଦୃଶ୍ୟ ଭାବରେ
ଅନୁଭବ କରିପାରେ ତାର ଉପସ୍ଥିତି ପାଉଁଜିର ଶବ୍ଦରେ...
ପାଉଁଜି ଶୋଭା ପାଏ ନବବିବାହିତା ରମଣୀର ପାଦରେ
ତାର ସେ ଛମ୍ ଛମ୍ ସୁରରେ..

ପ୍ରତିଧ୍ୱନିତ ହୁଏତ ପୁରା ଘର
ପରିବାର କହୁଥାନ୍ତି ହେଇ ବୋହୂ ଉଠିଲାଣି, ବୋହୂ
ରାନ୍ଧୁଛି, ବୋହୂ ଆସୁଛି..
ମା'ର ପାଦର ପାଉଁଜିର ଛମ୍ ଛମ୍ ଶବ୍ଦରେ
ଅନ୍ତର ଖୋଜୁଥିବା ମା'କୁ ଆସିବାର ଖବର ପାଏ
ଅପେକ୍ଷା ସନ୍ତୁଷ୍ଟି ଆଣେ...

ବହି ଛାଡ଼ି ଯଦି ମୁଁ ଫୋନ୍ ଦେଖୁଥାଏ
ମା'ର ପାଉଁଜି ଶବ୍ଦର ସୁରାକ୍ ପାଇଁ ହୋଇଉଠେ
ସଚେତନ...
ଖୋଲିବସେ ଚେତନାଧର୍ମୀ ପୁସ୍ତକ..
ଏ ପାଉଁଜି ଯେତେ ସୁନ୍ଦର ତା ଠୁଁ ବି ସୁନ୍ଦର ତାର କଥା.
ହଁ ପାଉଁଜି ଭାରି କଥାକୁହା ଝିଅଟେ ନା ?

ଜିଲ୍ଲା : ବରଗଡ଼
ମୋ: ୮୨୬୦୬୫୯୩୩୨





# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୫)

## ରାବଣଠାରୁ ଶ୍ରୀରାମଙ୍କର ରାଜନୀତି ଶିକ୍ଷା ଓ ରାବଣର ମୃତ୍ୟୁ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅହଂକାରୀ, ଶକ୍ତିଶାଳୀ, ବେଦଜ୍ଞ ଓ ପ୍ରବଳପ୍ରତାପୀ ରାବଣର ପତନ ହୋଇଥିଲା । ସେ ବ୍ରହ୍ମାସ୍ତ୍ର ଦ୍ୱାରା କ୍ଷତାକ୍ତ ହୋଇ ଭୂମିରେ ଲୋଟି ପଡ଼ିଥିଲା । ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

ରାବଣର ପ୍ରାଣ ଯିବାକୁ କିଛି ସମୟ ବାକିଥିଲା । ଶ୍ରୀରାମ ଜାଣିଥିଲେ ରାବଣ ଜଣେ ମହାନ ଯୋଦ୍ଧା ଓ ବେଦଜ୍ଞ ପୁରୁଷ । ସେ ଜଣେ ନୀତିବାନ ରାଜା ମଧ୍ୟ । ରାବଣଠାରୁ ରାଜନୀତି ଶିଖିବାକୁ ଇଚ୍ଛା ପ୍ରକଟ କଲେ ଶ୍ରୀରାମ ଓ ଏକଥା ମଧ୍ୟ ତାଙ୍କ ସୈନ୍ୟ ବାହିନୀକୁ କହିଲେ - "ରାବଣର ଉପଯୁକ୍ତ ଶବ-ଶତ୍କାର ହେବ ।" ଅସୁର ସୈନ୍ୟଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ଶ୍ରୀରାମ ଆଦେଶ ଦେଲେ ।

ରାବଣର ପତନରେ ଦୁଃଖୀ ହୋଇଥିଲେ ବିଭୀଷଣ । ଶ୍ରୀରାମ ମଧ୍ୟ ଦୁଃଖୀ ହୋଇ ଚିନ୍ତା କରିଥିଲେ- ସୀତାଙ୍କୁ ସସମ୍ମାନେ ଫେରେଇ ଦେଇଥିଲେ ରାବଣର ବଂଚିଯାଇଥାନ୍ତା ଓ ଯୁଦ୍ଧକୁ ଏଡ଼େଇ ଦେଇ ହୋଇଥାନ୍ତା ।



ଶ୍ରୀରାମଙ୍କ ବାର୍ତ୍ତାବହ ହୋଇ ଲକ୍ଷ୍ମଣ ରାବଣଙ୍କ ପାଖରେ ପହଂଚିଗଲେ ଓ ଶ୍ରୀରାମଙ୍କ ଇଚ୍ଛା ବ୍ୟକ୍ତ କଲେ । ରାବଣ ମଧ୍ୟ ମୃତ୍ୟୁ ଆଗରୁ ଶ୍ରୀରାମଙ୍କ ଦର୍ଶନ କରିବାକୁ ଚାହୁଁଥିଲା ।

ଶ୍ରୀରାମ ଧରାଶାୟୀ ରାବଣ ପାଖରେ ପହଂଚିଲେ ଓ ନମ୍ରତା ସହିତ କହିଲେ- ହେ ବେଦଜ୍ଞ ଓ ନୀତିଜ୍ଞ ରାବଣ, ରାଜା ହେବା ପୂର୍ବରୁ ମୁଁ ପିତୃ ସତ୍ୟପାଳନ କରି ବନବାସୀ ହେଲି । ଏଣୁ ରାଜନୀତି ସମ୍ପର୍କରେ ମୁଁ କିଛି ଜାଣିନି । ଦୟାକରି ଆପଣ ମୋତେ ରାଜନୀତି ଶିକ୍ଷା ଦିଅନ୍ତୁ । ଶ୍ରୀରାମଙ୍କ ନମ୍ର ବ୍ୟବହାର ଦେଖି ରାବଣ ଆଶ୍ଚର୍ଯ୍ୟ ହୋଇଥିଲା ଓ କହିଥିଲା- ହେ ଶ୍ରୀରାମ, ମୋର ମୃତ୍ୟୁ ସମୟ ଉପଗତ । ଆପଣଙ୍କ ଦ୍ୱାରା ବଧ ହୋଇ ମୁଁ ଅସୁର ଜନ୍ମରୁ ମୁକ୍ତି ପାଇବି । ତେବେ ରାଜନୀତି ସଂପର୍କରେ ମୋର ଯେତିକି ଜ୍ଞାନ ଅଛି ସେ ସଂପର୍କରେ କହୁଛି ।

ଭୂମିରେ ଶୋଇଥିବା ରାବଣ ପାଖରେ ରାମ ଲକ୍ଷ୍ମଣ ଓ ଅନ୍ୟମାନେ ବସି ରହିଲେ ।

ରାବଣ ରାଜନୀତି କଥା କହିବା ଆରମ୍ଭ କରିଥିଲେ- "ହେ ଶ୍ରୀରାମ, ଯେତେବେଳେ କିଛି ଶୁଭକାମ କରିବାକୁ ଇଚ୍ଛା ହେବ, ସେ କାମକୁ ତୁରନ୍ତ କରିବେ । ବିଳମ୍ବ କଲେ ସେ କାମ କେବେ ବି ହେବନି ।

ରାବଣ ନିଜ ଜୀବନର କିଛି ଘଟଣାର ବର୍ଣ୍ଣନା କରି ଏହି ଉପଦେଶର ଯଥାର୍ଥତା ପ୍ରତିପାଦନ କରିଥିଲେ ।

ରାବଣ ତାଙ୍କ କଥା ଆରମ୍ଭ କରିଥିଲେ ।

ଥରେ ମୁଁ ଇନ୍ଦ୍ରଙ୍କୁ ଦେଖା କରି ଫେରିଲା ବେଳେ ଦୂରରେ ଯମଙ୍କ ପୁର ମୋତେ ଦେଖାଗଲା । ସେଠାରେ ତିନୋଟି ଦ୍ୱାରରେ ସାଧୁ ସନ୍ଥ ଥିଲେ, ଅନ୍ୟ ଗୋଟେ ପଟେ (ଦକ୍ଷିଣ ଦିଗରେ) ଯମଦୂତମାନେ ପାପୀମାନଙ୍କୁ କୁଣ୍ଡରେ ଭର୍ତ୍ତିକରି ଦଣ୍ଡ ଦେଉଛନ୍ତି ଓ ସେମାନେ କଷ୍ଟର ଚିତ୍କାର କରୁଛନ୍ତି । ମୋର ବହୁତ ଦୟା ହେଲା ଓ ମୁଁ ଭାବିଲି କେବେ ଆସି ସେ ନର୍କର କୁଣ୍ଡ ଗୁଡ଼ିକ ପୋତି ଦେବି । ଏହା ଭାବି ମୁଁ ଲଙ୍କାପୁରକୁ ଫେରିଲି । ହେଳାରେ ସମୟ ବିତିଗଲା । ଏବେ ମୁଁ ମୃତ୍ୟୁ ମୁଖରେ ପଡ଼ିଛି । ହେଳା କରିନଥିଲେ ସେ ଭଲ କାମ ମୁଁ କରିପାରିଥାନ୍ତି ।

ଦ୍ୱିତୀୟ କଥାଟି ହେଲା ଲବଣ ସାଗରକୁ ନେଇ । ମୋ ରାଜ୍ୟର ଚାରିପାଖରେ ଲବଣ ସାଗର ଅଛି । ମୁଁ ଭାବୁଥିଲି ଦୁଗ୍ଧ ସମୁଦ୍ରକୁ ଏଠାକୁ ଆଣି ଲବଣ ସାଗକୁ ଅନ୍ୟତ୍ର ପଠାଇଦେବି । ମାତ୍ର ହେଳା କରି ତା କରିପାରିଲିନି ।

ଦ୍ୱିତୀୟ କଥାଟି ସମସ୍ତ ଜୀବନ, ସ୍ଥାବର ଓ ଜଙ୍ଗମକୁ ନେଇ । ସମସ୍ତେ ଚାହାଁନ୍ତି ସ୍ୱର୍ଗକୁ ଯିବାକୁ । ମୁଁ ଚିନ୍ତା କରିଥିଲି ସ୍ୱର୍ଗକୁ ଗୋଟେ ବାଟ ନିର୍ମାଣ କରିବି । ଯେଉଁଥିରେ ସମସ୍ତେ ସ୍ୱର୍ଗରେ ପହଂଚି ପାରିବି । ହେଳାରୁ ତାହା ମୁଁ କରିପାରିଲିନି । ଏବେ ମୁଁ ମରିବାକୁ ଯାଉଛି । କିଛି ଭଲକାମ ଯାହା ମୁଁ ଚିନ୍ତା କରୁଥିଲି ତାହା ପୂରଣ କରି ପାରିଲିନି । ତେଣୁ ଭଲ କାମରେ ହେଳା କରିବ ନାହିଁ ।

ରାବଣଙ୍କ ଦ୍ୱିତୀୟ ଉପଦେଶଟି ଥିଲା ପାପ କର୍ମକୁ ନେଇ । 'ହେ ଶ୍ରୀରାମ, ପାପକର୍ମକୁ କେବେ ବି ଶୀଘ୍ର କରିବ ନାହିଁ । ତାର ଏକ ଉଦାହରଣ ମୁଁ ଦେଉଛି ।

ଲକ୍ଷ୍ମଣ ସୁର୍ପଣଖାର ନାକ କାନ କାଟିଦେଲେ । ସେ ବିକଳରେ ଆସି ମୋ ପାଖରେ ପହଂଚିଲା । ପ୍ରଥମେ ମୁଁ କାଲି ଯାଇ ସୀତାଙ୍କୁ ଆଣିବି ବୋଲି ଭାବିଲି । ବିଳମ୍ବ କରିଥିଲେ ମୋ ମନରେ ପରିବର୍ତ୍ତନ ଘଟିଥାନ୍ତା । ମାତ୍ର ମୁଁ ସଂଗେ ସଂଗେ ସେଠାକୁ ଗଲି ଓ ସୀତାଙ୍କୁ ହରଣ କଲି । ତାହା ଏବେ ମୋର ମୃତ୍ୟୁର କାରଣ ହେଲା । ଏଣୁ ଖରାପ କାମକୁ ଶୀଘ୍ର କରିବା ଉଚିତ୍ ନୁହେଁ ।

ଏହା କହିବା ପରେ ପରେ ରାବଣ ନୀରବ ହୋଇଗଲେ ଓ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଶ୍ରୀରାମଙ୍କ ଦର୍ଶନକରି ସେ ଦେହ ତ୍ୟାଗ କଲେ ଓ ଏ ସଂସାର ରାବଣର ଦୌରାତ୍ମ୍ୟରୁ ମୁକ୍ତି ପାଇଲା ।

ଭଗବାନ ବିଷ୍ଣୁଙ୍କ ଅବତାର ଶ୍ରୀରାମ ତାଙ୍କ କାମ ସମାପ୍ତ କଲେ ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ମ୍ୟାଲେରିଆ ଜ୍ୱର ମାରିଲା ଛୁ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଆରବ ଆଉ ଅମନ ଦୁହେଁ ଘନିଷ୍ଠ ସାଙ୍ଗ। ଆରବର ଘର ଅମନ ଘରଠୁ ମାତ୍ର ଡାକେବାଟ ଦୂର । ସ୍କୁଲବସ ପହିଲେ ଆରବକୁ ନିଏ ଓ ପରଦିନ ମାମା ଆରବ ଆଡେ ମୁହଁ ବୁଲେଇ ପଚାରିଲେ ।

-ନାଇଁ, ଆଜି ବି ସ୍କୁଲ ଆସିନି ମାମା,ତମେ ଫୋନ ଯୋଗେ ପଚାରୁନା ସେ କେବେ ଆସୁଚି ।

ସାଙ୍ଗ ଅମନ ସ୍କୁଲ ନ ଆସିବା ଚିନ୍ତାରେ ଖାଲି ଘାରି ହେଉଥିଲା ଆରବ । ଫୋନ କରିବାରୁ ଜଣାପଡିଲା ସେ ମ୍ୟାଲେରିଆ ଜ୍ୱରରେ ପୀଡିତ । ଏ କଥା ଶୁଣିବା ମାତ୍ରେ ଆରବର ହଲକ ଶୁଖିଗଲା । ଖୁବ୍ ମନଦୁଃଖ କଲା । ସଙ୍ଗେ ସଙ୍ଗେ ମାମାକୁ ସାଙ୍ଗରେ ଘେନି ହୋଇଥାନ୍ତି । କିନ୍ତୁ ଆମ ଦେଶ ଭାରତରେ ଏ ମ୍ୟାଲେରିଆ ମଶା ବର୍ଷସାରା ଦେଖବାକୁ ମିଳିଥାଏ । ଜମା ହୋଇଥିବା ଅସନା ଅଳିଆ ଆବର୍ଜନା ମିଶା ପାଣିରେ ଏ ମ୍ୟାଲେରିଆ ମଶାର ବଂଶବୃଦ୍ଧି ଘଟିଥାଏ ।

ତା'ହେଲେ ଏବେ ବତାଅ ଆମେ କେମିତି ଏ ମଶା ଦାଉରୁ ନିଜକୁ ରକ୍ଷା କରି ପାରିବା । ଯୋଉ ଜାଗାରେ ଅସନା ପାଣି ଜମା ହୋଇଛି ତାକୁ ଘୋଡାଇ ରଖି ଶୁଖାଇ ଦେବା ଅବା ପାଣିରେ ପୃଷ୍ଠଭାଗରେ ତେଲମିଶା ମାଟି ଅଜାଡି ଦେବା । ଘର ଆଖପାଖରେ ଅଳିଆ ଆବର୍ଜନା ସ୍ତୁପଭଳି



ପରବର୍ତ୍ତୀ ବସରହଣି ଜାଗାଟି ଠିକ ଅମନର ଘର ମୁହାଁମୁହିଁ ।

ଆରେ ତୁ ଆଜି ବି ନ ଖାଇ ଆସିଲୁ । ଅମନକୁ ଟିଫିନ୍ ବାକସ୍‌ଟି ଖୋଲିବା ଦେଖି ଆରବ ପଚାରିଲା ।

-ହଁ,ମୁଁ ପ୍ରସ୍ତୁତ ହେଉ ହେଉ ଏତେବେଳ ଲାଗିଲା ଯେ କିଛି ବି ଗେଣ୍ଡ ପାଟି ନାକେର ଗେଫି ପାରିଲି ନାଇଁ ।

-ତା'ହେଲେ ତୁ କ'ଣ ରାତିରେ ଠିକ ସମୟେର ଶୋଇ ବି ସହଳ ଉଠିପାରୁ ନାହିଁ । ପିଠିରେ ବସ୍ତାନି ଲଦି

ଅମନ ଉଦ୍ଦେଶ୍ୟରେ କହିଲା ଆରବ ।

ଅମନର ମାମା ଯେତେବେଳେ ଜାଣନ୍ତି ଯେ ଅମନ କିଛି ଖାଇ ପାରିନି ବୋଲି ସେ ସଙ୍ଗେ ସଙ୍ଗେ ବସ୍ ଭିତରେ ତା' ଖାଇବା ଲାଗି ଅଲଗା ବାକସରେ ଖାଦ୍ୟ ଭର୍ତ୍ତିକରି ବସ୍ତାନି ଭିତରେ ପୂରାଇ ଦିଅନ୍ତି । କିନ୍ତୁ ଏବେ ବସରେ ଖାଇବା ତାର ଗୋଟେ ନିୟମିତ ଅଭ୍ୟାସ ହୋଇଗଲାଣି ।

ଅମନ କିଛିଦିନ ଧରି ବିଦ୍ୟାଳୟ ଯାଉ ନ ଥାଏ । ଯେତେବେଳେ ଅମନ ସ୍କୁଲ ନ ଆସିବାର ଚାରିଦିନ ବିତିଗଲା ରାହୁଲ ଖାଲି ତା କଥା ଭାଳି ହେବାକୁ ଲାଗିଲା । ଆରବ ଉଦାସ ମୁହଁରେ ମାମାକୁ କହିଲା -ମାମା, ଅମନ ଚାରିଦିନ ଧରି ସ୍କୁଲ ଆସୁନାହିଁ ।

-ତା' ଦେହପା ହୁଏତ ଅସୁସ୍ଥ ଥିବ । ମା' ଚଟ୍‌କିନା କହି ପକାଇଲେ ।

-ପୁଅ , ଅମନ ଆଜି ଆସିଥଲା ନା ! ଅମନ ଘରେ ଆଡେ ମୁହାଁଇଲା । ଅମନ ଘରେ ପହଁଚି ପଚାରିଲା -ଅମନ ଏବେ ତୋ ଦେହପା କେମିତି ଅଛି ? ବହୁତ ଦୁର୍ବଳ ଲାଗୁଚି । ସ୍କୁଲରେ ତୋ ବିନା ମୋ ମନ ପାଠପଢାରେ ଲାଗୁନାହିଁ । ଆରବ ମୁହଁ ଶୁଖାଇ କହିଲା । ପାଠପଢା ତ ବହୁତ ଆଗେଇ ଯାଇଥିବ । ମୋତେ ଅତିଶୀଘ୍ର ସ୍କୁଲ ଯିବାର ଅଛି ।

-ଆରେ ସ୍କୁଲ ଯିବା ଚିନ୍ତା ମନରେ ପୂରାନା, ମୁଁ ତତେ ପାରୁପର୍ଯ୍ୟନ୍ତ ସହାୟତାର ହାତ ବଢାଇବି . . . . .

କିନ୍ତୁ ଏ କଥା ଆଗ କହ ତତେ କେମିତି ମ୍ୟାଲେରିଆ ଜ୍ୱର ହେଲା ।

-ମତେ ମାଲୁମ ନାଇଁ । ମୁଁ ତ ନିଜ ପ୍ରତି ଖୁବ୍ ନିଘା ରଖିଚି । ଘରେ କୋଉଠି ତ ପାଣି ଜମା ହୋଇନାହିଁ ।

ଅମନ କହିଲା ।

-ଗତକାଲି ସ୍କୁଲେର ମ୍ୟାଲେରିଆ ବିଷୟରେ କୁହାଯାଇଛି । ଆରବ ଆଗ୍ରହରେ କହିଲା ।

-ମତେ ଟିକେ ବତେଇ ଦେଏ ନା ! ଅମନ ନଜ କୌତୂହଳକୁ ଚାପି ନ ରଖି ଜାଣିବାକୁ ଚାହୁଁଥିଲା ।

ମ୍ୟାଲେରିଆ ମଶା ଯୋଗୁ ଏ ବେମାରି ହୋଇଥାଏ । ମାଈ ମ୍ୟାଲେରିଆ ମଶାଠାରେ ଏକପ୍ରକାର ଜୀବାଣୁ ଦେଖିବାକୁ ମିଳେ ଯାହାକୁ ପ୍ଲାଜ୍‌ମିଡିୟମ କହନ୍ତି । ବିଶେଷକରି ବର୍ଷାଦିନେ ଅଧକ ଲୋକ ଏ ରୋଗର ଆକ୍ରାନ୍ତ ଗଦା ନ କରିବା ଉଚିତ । ଏଥିସହିତ ମଶାବତିର ବ୍ୟବହାର କରିବା ଏକାନ୍ତ ପ୍ରୟୋଜନ । ଆରବ ବୁଝାଇ କହିଲା ସୁମନକୁ ।

ଆରେ ଏବେ ସାବଧାନ ହୋଇ ରହିବା ଅବା ଘର ଚାଲିଯିବା । ହୁସିଆର ହେଇ ଆରବ ମାମା କହିଲେ । ପୁଣି କେବେ ଆସିବ ଆରବ ? ଅମନ ମାମା ଆରବ ଉଦ୍ଦେଶ୍ୟରେ ପଚାରିଲେ । ହଁ ,ମୁଁ ବି ତମ ଆସିବା ବାଟକୁ ଚାହିଁ ରହିବି-ଏଇଆ କହି ଅମନ ଆସନରୁ ଉଠିପଡି ପୁଣି ବସିପଡିଲା । ଏବେ ମୁଁ ନୁହଁ, ତୁ ଆଶୁ ଆାରୋଗ୍ୟ ଲାଭକରି ସ୍କୁଲ ବେଗି ଆସ । ଅମନ ହାତରେ ନିଜ ହାତକୁ ଛନ୍ଦି ଆରବ କହିଲା । କିଛିଦିନ ପରେ ଅମନ ସୁସ୍ଥ ହୋଇଗଲା । ଆରବ ଆଉ ଅମନ ଦୁହେଁ ଆଖପାଖରେ ଯୋଉଠି କୁଢକୁଢ ଅଳିଆ ଆବର୍ଜନା ଦେଖନ୍ତି ସେଠିକାର ଲୋକଙ୍କୁ ବୁଝାଇବାରେ ଲାଗି ପଡନ୍ତି । ଆବର୍ଜନାଯୁକ୍ତ ପାଣିକୁ ସଫା ସୁତର କରିବାରେ ଜୁଟିଯାନ୍ତି । ଏହିପରି ଭାବେର ସେ ଦୁହେଁ ମ୍ୟାଲେରିଆ ମଶାକୁ ରୋକିବା ନିମନ୍ତେ କାମ କରିବାକୁ ଲାଗିଲେ । ଏବେ ଦୁହିଁଙ୍କ ମାମା ବାପା ଖୁସିରେ ଉଲ୍ଲସିତ ହୋଇ ଉଠିଲେ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କବିତା
ତୁମ ପାଇଁ

## ଖରାଦିନିଆ ବାତ୍ୟା

### ନିରଞ୍ଜନ ସାହୁ

ଖରାଦିନରେ ବାତ୍ୟା ଆସୁଛି
ଶୁଣିକି ଲାଗେ ଭୟ
ଯେତେ ଯା' କଲେ ଆମରି ମନ
ହୁଏନି ଜମା ଥୟ ।

ବାତ୍ୟା ଆସିବା ଖବର କହେ
ରେଡ଼ିଓ , ଟିଭି ଯେବେ
ମନରେ କେତେ ଛନକା ପଶେ
ଡର ଲାଗଇ ଏବେ ।

ସ୍କୁଲ ପିଲାଙ୍କ ଛୁଟି ହୁଅଇ
ଗ୍ରୀଷ୍ମର ଅବକାଶେ
ଦଶରା ' ଛୁଟି ହୁଅଇ ପୁଣି
ଦୁର୍ଗାପୂଜାଟି ଆସେ ।

ଛୁଟି ହୋଇଲେ ସଭିଏଁ ପିଲା
ଥାଆନ୍ତି ମାମୁଁଘରେ
ବାତ୍ୟା ଭାବୁଛି ତା ମାମୁଁଘର
ଓଡ଼ିଶା ରାଇଜରେ ।

ପିଲାଏ ମାମୁଁଘର ବୁଲିଲେ
ବାତ୍ୟା ବି ଆସେ ବୁଲି
ଖରାଦିନିଆ , ଆଶ୍ୱିନ ମାସ
ବାତ୍ୟା ଯାଏନା ଭୁଲି ।

ପ୍ରତି ବରଷ ଆସି ଯାଉଛି
ଏବର୍ଷ ଆସିଯିବ
ମାମୁଁଘରର ଅନେକ କ୍ଷତି
କରିକି ବାହୁଡ଼ିବ ।

କାହିଁକି ବାତ୍ୟା ଆସୁଛ ତୁମେ
ବାଟରୁ ଫେରିଯାଅ
ସବୁ ଲୋକଙ୍କୁ ଶାନ୍ତିରେ ରଖି
ଶାନ୍ତିରେ ତୁମେ ଥାଅ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩



## ଛୁଟି ମଉଜ

### କୁନା ସେଠୀ

ହୋଇଲା ଛୁଟି ଆଉ ସ୍କୁଲ ଯିବାନି
ବହି ସଜା ପାଇଁ ବ୍ୟସ୍ତ ହେବାନୀ
ଘରେ କରିବା ମଜା
ଖେଳିବା ଖେଳ ହୋଇଣ ମେଳ
ରାଣୀ ସାଥିରେ ରଜା ।

ଅଜା ଘରକୁ ଆମେ ଯିବାରେ ବୁଲି
ଦାଣ୍ଡରେ ବସି ଆମେ ଖେଳିବା ବାଲି
ଖାଇବା କେତେ ଖଜା
ଆଇ ଆଣିବେ ପୋଡ଼ ପିଠାକୁ
ଅଜା ଆଣିବେ ଖଜା ।

ଦଉଡି ଯିବା ବାଡ଼ି ବଗିଚା ଆଡେ
ଦେଖିବା ଆମେ ପରଜାପତି ଉଡେ
ଖେଳିବା ସେଠି ଦୋଳି
ତୋଳିବା ଫୁଲ ହୋଇଣ ମେଳ
ଖାଇବା ମିଶି କୋଳି ।

ବଣ ଭୋଜିଟେ କରିବା ଆମେ ମିଶି
କେତେ ପ୍ରକାର ଖାଦ୍ୟ ଖାଇବା ହସି
ମଜା ଲାଗିବ ଭାରି
ଭୋଜି ସାଥିରେ ହାପୁରୀ ଯିବା
ମିଠା ମିଠା ଯେ କ୍ଷୀରି ।

ରଜ ଆସିବ ସଜ ହୋଇବା ସବୁ
ମନ ଖୁସିରେ ଦଉଡି ଯିବା ବାବୁ
ଖେଳିବା ମିଶି ଖେଳ
ଖରା ଛୁଟିଟା କଟାଇ ଦେବା
ସଭିଏଁ ହୋଇ ମେଳ ।

+ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ
ମୋ: ୯୧୭୮୫୯୯୯୩୯

## ଲେଖାପଢ଼ାରେ ଦିଅ ମନ

### ଅରୁଣ କୁମାର ପଣ୍ଡା

'ଅ' ଲେଖିବା ଆସରେ ପିଲେ
'ଆ' ଲେଖିବା ଆସ
ଲେଖି ଶିଖିବା ପଢ଼ି ଶିଖିବା
ଗଢ଼ିବା ନୂଆ ଦେଶ ।
ପଢ଼ିଲେ ପାଠ ଦିଶିବ ବାଟ
ହେବାନି ବାଟବଣା
ମୂରୁଖ ପାଇଁ ଅଜଣା ଯାହା
ପାଠୁଆଙ୍କୁ ତା' ଜଣା ।
ପାଠ ବତାଏ ଭଲ ଓ ମନ୍ଦ
ନୀତି-ଅନୀତି ଭେଦ
ଖୋଲିଦିଏ ସେ ଆଖି ଆଗରେ
ଗୁମର ଘର ମୁଦ ।
ଡେରି କରିବା ନୁହେଁରେ ଭଲ
ମନେ ସାହସ ଧର
ଭେଳା ବୁଡ଼ିବା ଆଗରୁ ତୁମେ
ପାଠକୁ ସାଥୀ କର ।
ପାଠ ନଥିଲେ ମଣିଷ ପଶୁ
ଜୀବନ ଅକାରଣ
ଆସରେ ଭାଇ- ଭଉଣୀ ଲେଖା
ପଢ଼ାରେ ଦିଅ ମନ ।

+ତୋଟାପଡ଼ା, ଘଣ୍ଟେଶ୍ୱର,
ଭଦ୍ରକ-୭୫୬୧୨୯
ମୋ: ୯୯୩୭୬୭୨୭୦୮



## କାହା ମନ୍ଦ ଚିନ୍ତା କରିବାନି

### କୀର୍ତ୍ତନ ସାହୁ

ଦୁଇ ସାଙ୍ଗ ଦିନେ ମଜା କରୁଥିଲେ
ବସି ଚାନ୍ଦିନୀ ଉପରେ
ପକ୍ଷୀ ଟିଏ ଉଡ଼ି ଆସି ବସିଗଲା
ବଉଳ ଗଛ ଡାଳରେ ।

ଜଣେ ସାଙ୍ଗ ଆର ସାଙ୍ଗକୁ କହିଲା
ପକ୍ଷୀଟି କେଡ଼େ ସୁନ୍ଦର
ଦେଖିଦେଲେ ମନ ଖୁସି ହେଉ ଅଛି
ଡାକିଲା କରି ଆଦର ।

ଆର ସାଙ୍ଗ କହେ ଏଡ଼େ ସୁନ୍ଦରିଆ
ପକ୍ଷୀର ମାଂସ ସୁଆଦ
କହୁ କହୁ ଖଣ୍ଡେ ପଥର ଫିଙ୍ଗିଲା
ବୁଦ୍ଧି ତ ତାହାର ମନ୍ଦ ।

ପଥର ଖଣ୍ଡିକ ଫେରି ଯେ ଆସିଲା
ବାଜିଲା ନିଜ ମୁଣ୍ଡରେ
ଅନ୍ଧାର ଦିଶିଲା ତଳେ ପଡି ଗଲା
ଚିତ୍କାର କଲା ତୁଣ୍ଡରେ ।

ପକ୍ଷୀ ଉଡିଗଲା ସଙ୍ଗେ ସଙ୍ଗେ କେଣେ
ମୁଣ୍ଡରୁ ରକତ ବହେ
ସାଙ୍ଗ ତାକୁ ଆଣି ଘରେ ପହଞ୍ଚାଇ
ବାପାଙ୍କୁ ଏ କଥା କହେ ।

ବାପା ସଙ୍ଗେ ସଙ୍ଗେ ଔଷଧ ଲଗାଇ
ପଟି ସେଠି ବାନ୍ଧି ଦେଲେ
କହିଲେ କାହାର ମନ୍ଦ ଚିନ୍ତା କଲେ
ନିଜ ଉପରେ ସେ ଫଳେ ।

ଭଲ ଚିନ୍ତା କରି ଭଲ କାମ କଲେ
ନିଜର ମଙ୍ଗଳ ହୁଏ
ପଶୁପକ୍ଷୀ ସଙ୍ଗେ ପରିବେଶ ଭଲ
ରହିଲେ ସୁଖଟି ଥାଏ ।

ବାପାଙ୍କ କଥାକୁ ବୁଝିଗଲେ ଦୁହେଁ
ପଶୁପକ୍ଷୀ ଭଲ ପାଇ
ପରିବେଶ ପ୍ରତି ସଚେତନ ହେଲେ
ଆନନ୍ଦ ମିଳେ ଯେ କାହିଁ !

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧



# ଲାଞ୍ଚ ମାଗିବା ଅଭିଯୋଗରେ ୩ ଜଣ ମାନବାଧିକାର କର୍ମୀ ଗିରଫ

ମାଲକାନଗିରି, ୦୫/୦୫ (ନି.ପ୍ର): ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଏମଭି-୪୯ ଗାଁରେ ଅଭାବନୀୟ ଘଟଣା । ନାବାଳିକାଙ୍କୁ ହତ୍ୟା କରି ଶବ ସତ୍କାର କରିଦେଇଥିବା ନେଇ ମୃତକଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ମାନବାଧିକାର କର୍ମୀ ଗ୍ରାମବାସୀଙ୍କୁ ଭୟଭୀତ କରାଇ ଟଙ୍କା ମାଗୁଥିବା ନେଇ ଗ୍ରାମବାସୀ ମାଲକାନଗିରି ଥାନାରେ କରିଛନ୍ତି । ଏନେଇ ମାମଲା ରୁଜୁ କରି ୩ ଜଣ ମାନବାଧିକାର କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି ଯେ, ଗତମାସ ୨୭ ତାରିଖ ରାତିରେ ତାଙ୍କ ଝିଅ ନିଖୋଜ ହୋଇଯାଇଥିଲେ । ସେ ଝିଅକୁ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ପରଦିନ ତାଙ୍କ ଘର ପଛରେ ଥିବା ଆମ୍ବ ଗଛରୁ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣା ଦିନ ଗାଁର କିଛି ବ୍ୟକ୍ତି ଶବକୁ ଶ୍ମଶାନକୁ ନେଇ ସତ୍କାର କରିଦେଇଥିଲେ । ଏହା ସହ ନାବାଳିକା ଝୁଲି ପଡ଼ିଥିବା ଆମ୍ବଗଛକୁ କାଟି ତଳେ ପକାଇ ଦେଇଥିଲେ । ମୃତ୍ୟୁର ୭ ଦିନ ପରେ ନିଜକୁ ମାନବାଧିକାର କର୍ମୀର ପରିଚୟ ଦେଇ ୨ ମହିଳା ଓ ୩ ଜଣ ପୁରୁଷ ଏମଭି-୪୯ ଗାଁକୁ ଯାଇଥିଲେ । ମୃତ୍ୟୁ ବିଷୟରେ ପୋଲିସକୁ ନଜଣାଇ ଶବ ସତ୍କାର କରିଥିବାରୁ ଗ୍ରାମବାସୀଙ୍କୁ ୨ ଲକ୍ଷରୁ ଅଧିକ ଟଙ୍କା ଲାଞ୍ଚ ମାଗିଥିଲେ । ମାନବାଧିକାର କର୍ମୀ ଟଙ୍କା ମାଗୁଥିବା ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଲାଞ୍ଚ ମାଗିବା ଅଭିଯୋଗରେ ୩ ଜଣ ମାନବାଧିକାର କର୍ମୀଙ୍କୁ ଗିରଫ କରିଛି ।

# ଅସହାୟ ମହିଳା ମାନଙ୍କ ପାଇଁ ଆଶ୍ରୟ ଏବଂ ଥଇଥାନ କେନ୍ଦ୍ର ଉଦଘାଟିତ

ମାଲକାନଗିରି, ୦୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ମିଶନ ଆଶ୍ରା ମାଧମରେ ମାନସିକ ରୋଗରେ ପୀଡିତ ଅସହାୟ ମହିଳା ମାନଙ୍କ ପାଇଁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ ଆଶ୍ରୟ ଏବଂ ଥଇଥାନ କେନ୍ଦ୍ର ଉଦଘାଟନ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଘାଟନୀ ସମାରୋହରେ ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ଓ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଏହି କେନ୍ଦ୍ରକୁ ଉଦଘାଟନ କରିଛନ୍ତି । ଉଦଘାଟନୀ ସମାରୋହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ, ଉପ ଜିଲ୍ଲା ପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଡା ପ୍ରଫୁଲ୍ଲ ନନ୍ଦ, ସୁପରିଟେଣ୍ଡେଂଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା ଅନିଲ ମିଶ୍ର, ଏଡିଏମଓ ଡ଼ା ସଂଧାରାଣୀ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂ କହିଛନ୍ତି ଯେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ୧୦୦ ଶଯ୍ୟା ବିଶିଷ୍ଟ ଥଇଥାନ କେନ୍ଦ୍ର ନିମନ୍ତେ ଅନୁମୋଦନ କରିଛନ୍ତି। ଆଗାମୀ ଦିନରେ ମାନସିକ ରୋଗରେ ପୀଡିତ ଅସହାୟ ପୁରୁଷ ମାନଙ୍କ ପାଇଁ ମଧ ଆଉ ଏକ ୱାର୍ଡ କାର୍ଯ୍ୟ କରିବ ବୋଲି ସୂଚନା ଦେଇଛନ୍ତି । ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶ୍ରୀ ରାବା ଏହି କେନ୍ଦ୍ର ନିମନ୍ତେ ଆବଶ୍ୟକ ହେଉଥିବା ଆମ୍ବୁଲାନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମାଲକାନଗିରି ବିଧାୟକ ଶ୍ରୀ ମାଢି ଏହି କେନ୍ଦ୍ର ଉଦଘାଟନରେ ନିଜର ଖୁସି ବ୍ୟକ୍ତ କରି କହିଥିଲେ ଯେ ଏହା ମାନସିକ ରୋଗରେ ପୀଡିତ ଅସହାୟ ମହିଳା ମାନଙ୍କ ନିମନ୍ତେ ବହୁତ ସହାୟକ ହେବ ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ । ଉପଜିଲ୍ଲାପାଳ ଶ୍ରୀ ଖେମୁଣ୍ଡୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ ଏହି କେନ୍ଦ୍ର ସୁଚାରୁ ରୂପେ ପରିଚାଳିତ ହେବା ପାଇଁ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିବ । ଏହି କେନ୍ଦ୍ରକୁ ପିପୁଲ୍ସ ଫୋରମ୍ ସଂସ୍ଥା ପରିଚାଳନା କରିବ। ଆଜିର କାର୍ଯ୍ୟକ୍ରମରେ ପିପୁଲ୍ସ ଫୋରମର ନିର୍ଦ୍ଦେଶକ ଆଶୋକ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଏହି କେନ୍ଦ୍ର ସ୍ଥାପନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ମାନସିକ ବିକାରଗ୍ରସ୍ତ, ସ୍ୱପରାଣୟାତା, ମସ୍ତିଷ୍କ ପକ୍ଷାଘାତ ଓ ମାନସିକ ଅସୁସ୍ଥତା ଭଳି ଚାରିଟି ଶ୍ରେଣୀର ମାନସିକ ଅସୁସ୍ଥ ମହିଳା ମାନଙ୍କ ନିମନ୍ତେ ଏହି ଥଇଥାନ କେନ୍ଦ୍ର ଉଦ୍ଦିଷ୍ଟ। ଏହି ମହିଳା ମାନଙ୍କୁ ସେମାନଙ୍କର ଖାଦ୍ୟ ପାନୀୟ , ରହଣି ବ୍ୟବସ୍ଥା ସହ ଉପଯୁକ୍ତ ଚିକିତ୍ସା ଓ ଧନ୍ଦାମୂଳକ ତାଲିମ ଦିଆଯିବ। ଯାହାଦ୍ୱାରା ସେହି ମହିଳା ମାନେ ପରବର୍ତୀ ମୁହୂର୍ତରେ ଆତ୍ମନିର୍ଭରଶୀଳ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ।

## ସରକାରୀ ସୁବିଧା ପାଇବାରୁ ବଞ୍ଚିତ ବିଧବା ମହିଳା ଜୟନ୍ତୀ

ମାଲକାନଗିରି, ୦୫/୦୫ (ନି.ପ୍ର): ଦେଢ଼ ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଦୁଇ ସନ୍ତାନଙ୍କୁ ନେଇ ଏକ ଭଙ୍ଗାଘରେ ପଲିଥିନ୍ ଢାଙ୍କି ରହୁଛନ୍ତି ଜୟନ୍ତୀ ।ସରକାରଙ୍କ ତରଫରୁ ମିଳୁଥିବା ଯୋଜନା ଗୁଡିକ ତାଙ୍କ ପାଇଁ ସାତଶପନ ପାଲଟିଛି !ଆଜି ପର୍ଯ୍ୟନ୍ତ ତାଙ୍କୁ ନା ମିଳିଛି ବିଧବା ଭତା,ରାସନ କାର୍ଡକି ଘର ।କୁଲି କଲେ ପରିବାର ଚଳେ ନଚେତ୍ ଭୋକ ଉପାସରେ ରହିବାକୁ ପଡୁଛି। ଏହି ଭଳି ଦୁର୍ବିସହ ଜୀବନ ବିତାଉଛନ୍ତି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ପୋଡ଼ଘାଟା ପଞ୍ଚାୟତ ଅନ୍ତର୍ଗତ କାଲାପାଲି କୋଲନି ଗ୍ରାମର ଜୟନ୍ତୀ ଖରା। ପତ୍ନୀ ଦୁଇ ପୁଅ ଝିଅକୁ ନେଇ କାଲାପାଲି କୋଲନି ଗ୍ରାମରେ ରହୁଥିଲେ ରାମ ଖରା ।ରାମ କୁଲି କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳୁଥିଲା। କିନ୍ତୁ ଦେଢ଼ ବର୍ଷ ତଳେ ରାମଙ୍କ ମୃତୁ ହେବା ପରେ ପତ୍ନୀ ଜୟନ୍ତୀ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏହାପର ଠାରୁ ନିଜର ଦୁଇ ସନ୍ତାନଙ୍କୁ ବଡ଼ ମଣିଷ କରିବା ପାଇଁ କୁଲି କରୁଛନ୍ତି। ଯୋଉ ଦିନ କାମ ମିଳିନଥାଏ ସେହିଦିନ ଉପାସରେ ରହିବାକୁ ପଡୁଛି। ଅନ୍ୟପଟେ ଜୟନ୍ତୀ ଏକ ଭଙ୍ଗା ଘରେ ପଲିଥିନ୍ ଟାଙ୍ଗୀ ଦୁଇ ସନ୍ତାନଙ୍କ ସହିତ ଦୟନୀୟ ଅବସ୍ଥାରେ ରହୁଛନ୍ତି ।ଘର ଚାରିପଟ ଖୋଲା ଥିବାରୁ ସରୀସୃପ ଭୟ ରହୁଛି। ସେହିପରି ଘରଟି ଅତି ଦୟନୀୟ ଅବସ୍ଥାରେ ଥିବାରୁ କେତେବେଳେ କୌଣସି ଅଘଟଣ ଘଟିବା ନେଇ ଆଶଙ୍କା ରହିଛି ବୋଲି ଜୟନ୍ତୀ କହିଛନ୍ତି। ଅନ୍ୟପଟେ ସ୍ୱାମୀଙ୍କ ମୃତୁର ଦେଢ଼ ବର୍ଷ ପରେ ମଧ ବିଧବା ଭତା ମିଳିପାରିନାହିଁ । ଏପରିକି ରାସନ୍ କାର୍ଡ ମଧ ମିଳିନି କି ଆବାସ ଯୋଜନାରେ ଘର ମିଳିପାରିନି। ଦୁଇ ସନ୍ତାନଙ୍କୁ ଆଶ୍ରମ ବିଦ୍ୟାଳୟରେ ପଢ଼ାଇବା ବ୍ୟବସ୍ଥା କରାଗଲେ ଭଲ ହୋଇଥାନ୍ତା ବୋଲି ଜୟନ୍ତୀ କହିଛନ୍ତି। ଏଥି ସହିତ ପକାଘର, ବିଧବା ଭତା ଓ ରାସନ୍ କାର୍ଡ ଯୋଗାଇ ଦେବା ପାଇଁ ସରକାରଙ୍କୁ ଜୟନ୍ତୀ ଓ ଗ୍ରାମବାସୀ ଗୁହାରି କରିଛନ୍ତି।

# ନଦୀରୁ ଯୁବକର ମୃତଦେହ ମିଳିବା ଘଟଣା

## ୨ ଅଭିଯୁକ୍ତ ଗିରଫ ହୋଇଥିବା ସୂଚନା ଦେଲେ ଏସପି

ରାଉରକେଲା, ୦୫/୦୫ (ନି.ପ୍ର): ୧୧ ଦିନ ତଳେ ଘଟିଥିବା ଏକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଥିବା ବିଷୟ ରାଉରକେଲା ଏସପି ମୁକେଶ କୁମାର ଭୋମା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆଜି ରଘୁନାଥପାଲ୍ଲୀ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଶ୍ରୀ ଭୋମା କହିଛନ୍ତି ଯେ ଗତ ମାସ ୨୪ ତାରିଖ ଜଣେ ଯୁବକର ମୃତଦେହ ନଦୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲା। ମୃତକ ଥିଲେ ରୁପ ଟୋଲାର ଛବିଲାଲ ହେମ୍ବ୍ରମ (୨୬)। ସେହି ମାମଲାର ତଦନ୍ତ କରାଯାଇ ୨ଜଣ ହତ୍ୟା ଅଭିଯୁକ୍ତ ଙ୍କୁ ଧରାଯାଇଛି । ତଦନ୍ତ ପରେ ଜଣାପଡିଥିଲା ଯେ, ସେହି ଅଂଚଳରେ ରହୁଥିବା ଅମରଜିତ ସାହୁ ଓ ମନୋଜ ସମାସୀଙ୍କ ପରିବାର ଲୋକଙ୍କ ଉପରେ ଭିନ୍ନ ନଜର ପକାଇବା ଓ ତାଙ୍କର ନାନା କ୍ଷତି କରିବାରୁ ଛବିଲାଲକୁ ଏମାନେ ଟାର୍ଗେଟ କରିଥିଲେ। ପରେ ବାଡି ଓ ଅନ୍ୟ ମାରଣାସ୍ତ୍ର ରେ ତାକୁ ହତ୍ୟାକରି ମୃତଦେହକୁ ନଦୀରେ ଫୋପାଡି ଦେଇଥିଲେ । ପୋଲିସ୍ ହତ୍ୟାରେ ବ୍ୟବହାର ହୋଇଥିବା ଅସ୍ତ୍ରଶସ୍ତ୍ର, ଗୋଟିଏ ମୋପେଡକୁ ଜବତ କରିଛି। ତେବେ ୧୧ଦିନ ତଳେ ହୋଇଥିବା ହତ୍ୟାକାଣ୍ଡର ପର୍ଦ୍ଦା ଫାଶ କରି ଆଜି ରାଉରକେଲା ପୁଲିସି ମୁଖ୍ୟ ସାମ୍ବାଦିକ ସମ୍ମିଳନୀ କରିଥିବା ବେଳେ ଏଠାରେ ୨ବର୍ଷ ତଳେ ଦୁଇ ଦୁଇଟି ଗୁଳିକାଣ୍ଡ ଓ ହତ୍ୟା ଲୁଟ ମାମଲାର ପର୍ଦ୍ଦାଫାଶ କାହିଁକି ହୋଇପାରୁନାହିଁ ସେ ନେଇ ଉଠିଛି ପ୍ରଶ୍ନ । ୨ବର୍ଷ ତଳେ ଏସଟିଆ ଓଭର ବ୍ରିଜ ଉପରେ ରାତି ୧୦ଟାରେ ଜଣେ ସୁନା ଦୋକାନୀ କର୍ମଚାରୀଙ୍କୁ ଗୁଳିକରି ହତ୍ୟାକାଣ୍ଡ ମାମଲାର ତଦନ୍ତ କେତେ ଦୁର ଗଲା ଏସପି ଙ୍କୁ ପଚରିବାରୁ ଏସପି କହିଲେ ସେ ମାମଲା ମୋ ସମୟର ନୁହେଁ ମୁଁ ଆସିବାର ଅଳ୍ପ ଦିନ ଆଗରୁ ସେ ମାମାଲା ହୋଇଥିଲା । ସେହିଭଳି ବ୍ରାହ୍ମଣୀ ତରଙ୍ଗ ଥାନା ଅଂଚଳରେ ସୁନା ଦୋକାନୀ ନିର୍ମଳା ସାହା ଓ ପୁଅ ନିଜ ସୁନା ଦୋକାନ ବନ୍ଦ କରି ଫେରୁଥିବା ବେଳେ ତାଙ୍କ ପାଖରେ ଥିବା ୨୦ ଲକ୍ଷ ଟଙ୍କାର ସୁନାକୁ ଲୁଟ କରି ଗୁଳିକରି ନିର୍ମଳାଙ୍କୁ ହତ୍ୟା କାରାଯିବା ମାମଲାର ଆଜିଯାଏ ପର୍ଦ୍ଦାଫାଶ ହୋଇପାରିଲାନି । ଏହି ଘଟଣା ୨୦୨୦ ମସିହା ଡିସେମ୍ବର ୨୦ ତାରିଖରେ ହେବା ପରେ ଏସଟିଆଇ ଓଭରବ୍ରିଜ ଉପରେ ନିଜ ସୁନା ଦୋକାନ ବନ୍ଦ କରି ବାଇକରେ ନିଜ ଘରକୁ ଯାଉଥିବା ସୁନା ଦୋକାନର କର୍ମଚାରୀ ସରୋଜ କୁମାର ସାହୁଙ୍କୁ ୨ଜଣ ଦୁର୍ବୃତ ମୋଟର ସାଇକେଲରେ ଆସି ଗୁଳିକରିଥିଲେ । ସରୋଜଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ତାରେ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ତାଙ୍କୁ ବଂଚାଯାଇପାରିଲାନି । ଏହି ୨ଟି ଘଟଣାକୁ ୨ବର୍ଷ ପୁରିଲାଣି , ମାଲାର ତଦନ୍ତ ଓ ପୁଲିସିର ଖାମଖିଆଲି ପାଇଁ ଲୋକେ ରଘୁନାଥପାଲ୍ଲୀ ଥାନା ଘେରାଉ କରି ଅଭିଯୁକ୍ତକୁ ଧରିବା ଲାଗି ଦାବି କରିଥିଲେ, କିନ୍ତୁ ୨ବର୍ଷ ପରେ ବି ଫଳ ଶୁନ । ଏ ହତ୍ୟାକାରୀ ଏତେ କ୍ଷମତାଶାଳୀ ଯେ, ରାଉରକେଲାର ପାରିବା ପୁଲିସି ଏଯାଏ ତାକୁ ହାତ ମାରି ପାରୁନାହିଁ । ଥାନା ଅଧିକାରୀ ପରେ ଅଧିକାରୀ ବଦଲୁଛନ୍ତି ଏସପି ମଧ ଯାଇଛନ୍ତି ଏ ବି ଦିନେ ଜିବେ କିନ୍ତୁ ହତ୍ୟାକାରୀ ଧରାପଡିବନି ବୋଲି ତାଙ୍କ ପରିବାର ଲୋକେ କହିବା ସହ ତାଙ୍କର ପୁଲିସି ଉପରୁ ଭରଷା ଉଠି ସାରିଛି ବୋଲି କହୁଥିବା ଜଣା ପଡିଛି । ତେବେ ୧୧ ଦିନ ତଳେ ଘଟିଥିବା ହତ୍ୟା ମାମଲାକୁ ଯଦି ପୁଲିସି ପର୍ଦ୍ଦା ଫାଶ କରିପାରୁଛି, ଅନେକ ମାମାଲର ତଦନ୍ତ କରିପାରୁଛି କିନ୍ତୁ ଏହି ୨ଟି ମାମାଲର ଅପରାଧୀଙ୍କୁ ଧରିବାରେ ଅସୁବିଧା କେଉଁଠି ରହିଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି ।

# ଶ୍ରୀମନ୍ଦିରରେ ନୃସିଂହ ଜନ୍ମନୀତି ପାଳିତ

ପୁରୀ, ୦୫/୦୫ (ନି.ପ୍ର): ପବିତ୍ର ନୃସିଂହ ଚତୁର୍ଦ୍ଦଶୀ । ଶ୍ରୀମନ୍ଦିରରେ ଶ୍ରୀନୃସିଂହଙ୍କ ଜନ୍ମନୀତି ପାଳିତ ହୋଇଯାଇଛି। ସନ୍ଧ୍ୟା ଧୂପ ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା । ନୃସିଂହଙ୍କ ଜନ୍ମ ତିଥିରେ ରଥ ଖଳାରେ ରୂପକାର ସେବାୟତ କୋଣ ଗୁଜ ଅନୁକୂଳ କରିଥିଲେ । ଏହା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଯନ୍ତା ଗାଡ଼ ଖୋଳା ଯାଇ ସିଂହଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ ହୋଇଥିଲା। ଭୂବେଦୀ, ଶ୍ରୀଦେବୀ ଓ ମଦନମୋହନ ନରେନ୍ଦ୍ର ପୁଷ୍କରଣୀରୁ ଚାପ ଖେଳି ଫେରିବା ପରେ ଏକ ପଟୁଆରରେ ଦୋଳମଣ୍ଡପ ସାହି ଦେଇ ଚକ୍ରତୀର୍ଥ ରୋଡ଼ ସ୍ଥିତ ଚକ୍ର ନାରାୟଣ ମନ୍ଦିରକୁ ବିଜେ କରିଥିଲେ । ସଂଧ୍ୟା ଧୂପ ନୀତି ପରେ ମହାଜନ ସେବକ ମୁକ୍ତି ମଣ୍ଡପ ଉପରକୁ ନୃସିଂହଙ୍କୁ ଖଟୁଲିରେ ନେଇ ବିଜେ କରାଇଥିଲେ । ନୃସିଂହ ମନ୍ଦିରେ ଭିତରେ ପତିମହାପାତ୍ର ଓ ମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପଣ୍ଡା ମହାସ୍ନାନ ପୂଜା କରିଥିଲେ । ଏହାପରେ ଉଭୟଙ୍କ ପାଖରେ ଶୀତଳ ଭୋଗ ପଞ୍ଚୋପଚାରରେ ପୂଜା ବଢି ବନ୍ଦାପନା ହୋଇଥିଲା । ମହାଜନେ ନୃସିଂହଙ୍କୁ ହାତରେ ବିଜେ କରାଇ ଝୁଲଣ ମଣ୍ଡପରେ ବିମାନରେ ବିଜେ କରାଇଥିଲେ । ବିମାନବଡୁମାନେ ଶ୍ରୀ ନୃସିଂହଙ୍କୁ ଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ । ସେଠାରେ ଭୋଗ ବନ୍ଦାପନା ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ । ରଥ ଖଳାରେ ରଥ ନିର୍ମାଣ ୧୨ ଦିନରେ ପହଞ୍ଚିଛି । ମହାରଣା ସେବାୟତ, ଭୋଇ ସେବାୟତ କରତି ସେବାୟତ ରଥ ନିର୍ମାଣରେ ନିମଗ୍ନ ଅଛନ୍ତି । ରଥ ଖଳାରେ ନୃସିଂହ ଚତୁର୍ଦ୍ଦଶୀ ନୀତି ବିଧି ପରମ୍ପରା ଅନୁଯାୟୀ ଗୁଜ କାଠରେ ନୃସିଂହଙ୍କ ମୂର୍ତି ଖୋଦେଇ କରାଯାଇଥିଲା । ପ୍ରତି ରଥର ୪ଟି ଲେଖାଏଁ ୧୨ଟି ଧଉରା କାଠ ଭୋଇ ସେବାୟତମାନେ ରୂପକାରଙ୍କୁ ଗୁଜ ଅନୁକୂଳ ପାଇଁ କାଠ ରଖିଥିଲେ । ରୂପକାର ସେବାୟତମାନେ କୋଣ ଗୁଜ ଅନୁକୂଳ କରିଥିଲେ । ଅର ସଂଯୋଗ ପାଇଁ ଯନ୍ତା ଗାତରେ ସିଂହଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ ହୋଇଥିଲା । ପବିତ୍ର ଭଉଁରୀ ତିଥିରେ ଦୁଇଟି ଚକ ସହ ଅଖ ସଂଯୋଗ କରାଯାଇ ଖଳାରେ ଢ଼େରା ଯିବ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜ୍ୟସଭା ସାଂସଦ

ବଲାଙ୍ଗିର , ୦୫/୦୫ (ନି.ପ୍ର): ବନ୍ୟପ୍ରାଣୀ ଙ୍କ ଦ୍ୱାରା କ୍ଷୟ କ୍ଷତି ସହୁଥିବା ଲୋକଙ୍କ ପାଇଁ ରାଜ୍ୟ ସରକାର ସହାୟତା ରାଶି ବୃଦ୍ଧି କରିଛନ୍ତି । ମନୁଷ୍ୟ ଏବଂ ବନ୍ୟପ୍ରାଣୀ ସଂଘର୍ଷ ରେ ମୃତ୍ୟୁ ମୁଖରେ ପଡୁଥିବା ଲୋକଙ୍କ ନିକଟ ଆତ୍ମୀୟ ମିଳୁଥିବା ଅନୁକମ୍ପା ରାଶି ୪ ଲକ୍ଷରୁ ୬ ଲକ୍ଷକୁ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଛନ୍ତି । ଅନୁରୂପ ଭାବରେ ଗୃହ ପାଳିତ ପଶୁ ଙ୍କ ମୃତ୍ୟୁ, ବନ୍ୟ ପ୍ରାଣୀ ଦ୍ୱାରା ଫସଲ ନଷ୍ଟ ଆହତ ଙ୍କୁ ଦିଆଯାଉଥିବା ସହାୟତା ରାଶି ମଧ ବୃଦ୍ଧି କରାଯାଇଛି । ୬୦%ରୁ ଅଧିକ ଅକ୍ଷମତା କ୍ଷେତ୍ରରେ ମିଳିବ ଅଢ଼େଇ ଲକ୍ଷ ଟଙ୍କା ସେହିପରି ୬୦%ରୁ କମ୍ ଅକ୍ଷମତା କ୍ଷେତ୍ରରେ ସହାୟତା ମିଳିବ ଦେଢ଼ଲକ୍ଷ ଟଙ୍କା ଏବଂ ଗାଇ, ମଇଁଷି, ବଳଦଙ୍କ ମୃତ୍ୟୁ ପାଇଁ ବି ସହାୟତା ରାଶି ବୃଦ୍ଧି କରାଯାଇଛି ଅର୍ଥାତ ଗାଈ, ମଇଁଷିର ମୃତ୍ୟୁ ହେଲେ ମିଳିବ ୩୭ ହଜାର ୫୦୦ ଟଙ୍କା,ବଳଦ ମୃତ୍ୟୁ ପାଇଁ ୩୨ ହଜାର, ବାଛୁରୀ ପାଇଁ ୫ ହଜାର ମିଳିବ,ଛେଳି ମେଣ୍ଢାଙ୍କ ପାଇଁ ୪ ହଜାର, ଛେଳିମେଣ୍ଢା ଛୁଆ ମୃତ୍ୟୁ ପାଇଁ ୧୫୦୦ ଟଙ୍କା ବୃଦ୍ଧି କରାଯାଇଛି, ଯାହାକି ସାରା ଦେଶରେ ପ୍ରଥମ ଘଟଣା । ମୁଖ୍ୟମନ୍ତ୍ରୀ ଙ୍କ ଏଭଳିଆ ଜନକଲ୍ୟାଣକାରି ଯୋଜନା ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ରାଜ୍ୟସଭା ସାଂସଦ ତଥା ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ର ସଂସଦୀୟ ସ୍ଥାୟୀ କମିଟି ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିପ୍ଳବୀ ଧରଣୀଧରଙ୍କ ସ୍ମୃତି ରକ୍ଷା ପାଇଁ ଆଜୀବନ ବ୍ରତୀ ଥିଲେ କବି କୁମକୁମ ନବକିଶୋର ମହାନ୍ତ

ଚମ୍ପୁଆ , ୦୫/୦୫ (ନି.ପ୍ର): କେନ୍ଦୁଝର ପ୍ରଜା ବିଦ୍ରୋହ (୧୮୯୧) ର ନେତା ସ୍ୱର୍ଗତ ଧରଣୀଧର ନାଏକଙ୍କ ଜନ୍ମ ଦିବସ ପ୍ରତିବର୍ଷ ମଇ ମାସ ୫ ତାରିଖରେ ତାଙ୍କ ଜନ୍ମ ସ୍ଥାନ କୁସୁମିତା ଗାଁ '' ସମେତ ବିଭିନ୍ନ ଅନୁଷ୍ଠାନ ତଥା ବିଭିନ୍ନ ଅଞ୍ଚଳରେ ମହା ସମାରୋହ ରେ ପାଳିତ ହେଉଛି । ଏପରିକି ଭୁବନେଶ୍ୱର ଠାରେ ମଧ୍ୟ ରାଜ୍ୟ ସରକାରଙ୍କ ସୂଚନା ଓ଼ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇ ଆସୁଛି ବିପ୍ଳବୀ ଧରଣୀଧରଙ୍କ ଜନ୍ମ ବାର୍ଷିକୀ ଉତ୍ସବ । କିନ୍ତୁ ଏ କଥା ଏବେବି ଅନେକେ ଲୋକ ଅବଗତ ହୋଇ ପାରି ନ ଥିବାବେଳେ ବିପ୍ଳବୀ ଧରଣୀଧରଙ୍କୁ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟ ସ୍ତରରେ ପରିଚିତି କରାଇବା ପାଇଁ ଲୋକ ଲୋଚନକୁ ଆଣିବାରେ ପ୍ରାଥମିକ ଉଦ୍ୟମ କରିଥିଲେ, କେନ୍ଦୁଝରର ମହାନ କବି, ଗବେଷକ, ସାମ୍ବାଦିକ, ସମ୍ପାଦକ କବି କୁଙ୍କୁମ ନବ କିଶୋର ମହାନ୍ତ (୧୯୧୫ - ୧୯୯୧) । ସେ କେନ୍ଦୁଝର ଜିଲ୍ଲା ପୋଇପାଣି ଠାରେ ଜନ୍ମିତ ଓ଼ ତେଲକୋଇ ଅଞ୍ଚଳ କାଳିଆହତା ଅନ୍ତର୍ଗତ ପୁରଯୋଡ଼ା ଗାଁ ର ବାସିନ୍ଦା ଥିଲେ । ଧରଣୀଙ୍କ ସ୍ମୃତି କୁ ସାଉଁଟିବାକୁ ଯାଇ କେନ୍ଦୁଝର ର କୋଣ ଅନୁକୋଣ ପଦଯାତ୍ରା କରିବା ସହିତ କେନ୍ଦ୍ରାପଡ଼ା ର ଆଳି ଯେଉଁଠି ଧରଣୀ ଶେଷ ଜୀବନ କଟାଇ ଥିଲେ, ଧରଣୀଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ତାଙ୍କ ସ୍ମୃତିକୁ ତାଙ୍କ ଟିପା ଖାତାରେ ଟିପି ଯାଇଛନ୍ତି । ପ୍ରବନ୍ଧ ଆଲୋଚନା ମାଧ୍ୟମ ରେ ଓଡିଶା ର ସାଧୁ ସନ୍ଥ, ଆକାଶ ବାଣୀ କଟକରେ ମଧ କଥିକା ପ୍ରଚାରିତ କରେଇଛନ୍ତି । ଶତାବ୍ଦୀ ର ଶତଦଳ ରେ ରତନା ବିଦ୍ରୋହ କଥା ରଚନା କରିଥିବା ବେଳେ ୧୯୮୪ ରେ ପୁସ୍ତକ ସଂକ୍ଷିପ୍ତ ବିପ୍ଳବୀ ଧରଣୀଧର ପ୍ରକାଶ କରିଥିଲେ । ଯାହା କି ସେତେବେଳେ ପୂର୍ବତନ ମନ୍ତ୍ରୀ ନିରଂଜନ ପଟ୍ଟନାୟକ ଉନ୍ମୋଚନ କରିଥିଲେ । ୧୯୮୨ ରେ ଚାରି ଶହ ପୃଷ୍ଠାର ସଚିତ୍ର ବିପ୍ଳବୀ ଧରଣୀଧର ପ୍ରସ୍ତୁତ କରି ସାରି ଥିଲେ ମଧ ଅର୍ଥାଭାବ ରୁ ତାହା ଆଜି ଯାଏ ଲୋକଲୋଚନକୁ ଆସି ପାରି ନାହିଁ କ୍ଷ ଆମେ ଯେଉଁ ବିପ୍ଳବୀ ଧରଣୀଙ୍କ ଫଟୋ ଚିତ୍ର ଦେଖୁଛନ୍ତି ତାହା ମଧ ସେତେବେଳେ କବି କୁଙ୍କୁମ ନବ କିଶୋରଙ୍କ ଉଦ୍ୟମରେ ସମ୍ଭବ ପର ହୋଇ ପାରିଥିଲା । ଧରଣୀଙ୍କ ସ୍ମୃତି ରକ୍ଷା ପାଇଁ ଏପରି ନିରନ୍ତର ଉଦ୍ୟମ କରିଥିବା ନବକିଶୋର ଙ୍କୁ ଧରଣୀ ସମ୍ମାନ ସହିତ ତାଙ୍କ ଅପ୍ରକାଶିତ ପାଣ୍ଡୁଲିପି ଲେଖା ଗୁଡିକୁ ଲୋକଲୋଚନକୁ ଆଣିବାକୁ ଭଣ୍ଡା, ସଂଜୀବନୀ ସାହିତ୍ୟ ସଂସଦ ର ସମ୍ପାଦକ ଜୀବନୀ ଲେଖକ ଶ୍ରୀ ଡମ୍ବରୁ ମହାନ୍ତ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କୁ ନିବେଦନ କରିଥିବା ଜଣାଯାଇଛି ।

# ପର୍ଯ୍ୟଟକଙ୍କ ମୃତଶରୀର ପଶ୍ଚିମବଙ୍ଗ ପଠାଗଲା

ପୁରୀ, ୦୫/୦୫ (ନି.ପ୍ର): ଗତକାଲି ପୁରୀ ସମୁଦ୍ରରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ ଶରୀର ବ୍ୟବଚ୍ଛେଦ ପରେ ପଶ୍ଚିମବଙ୍ଗ ପଠାଯାଇଛି। ସମୁଦ୍ରରେ ସ୍ନାନବେଳେ ପଶ୍ଚିମବଙ୍ଗ ହାଓଡା ଜିଲ୍ଲା ସିପୁର, ଖୁରୁଟ ଆଚାର୍ଯ୍ୟପଡ଼ାର ଅଧିବାସୀ ୫୧ ବର୍ଷୀୟ ରଞ୍ଜନ ଦାସ ଓ ୧୫ ବର୍ଷୀୟ ତାଙ୍କ ପୁତ୍ର ରେସୋଭ ଦାସ ବୁଡିଯାଇ ମୃତ୍ୟୁବରଣ କରିଥିଲେ। ତେବେ ଅନ୍ୟ ଦୁଇଜଣ ମୃତକ ରଞ୍ଜନଙ୍କ ପତ୍ନୀ ମୋନାଲିଶା ଦାସ ଓ ରଞ୍ଜନଙ୍କ ଭଣଜା ଶାୟନ ମାଇତି ଉଦ୍ଧାର ହୋଇଥିଲେ। ମୁଖ୍ୟ ଚିକିତ୍ସାଳୟରେ ଉଭୟ ମୃତକଙ୍କ ପୋଷ୍ଟମର୍ଟମ ପରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ରେଡ଼କ୍ରସ ସହାୟତାରେ ସେମାନଙ୍କ ମୃତଦେହକୁ ସେମାନଙ୍କ ନିବାସ ସ୍ଥାନକୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପ୍ରେରଣ କରାଯାଇଥିଲା। ଉପଜିଲ୍ଲାପାଳ ଭବତାରଣ ସାହୁ ଓ ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ।

## ଦଶାହ ଭୋଜି ଖାଇ ୫୦ରୁ ଅଧିକ ଅସୁସ୍ଥ

କୋଇଡା ,୦୪ ମଇ (ହି.ସ.)- ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ୍ ଅନ୍ତର୍ଗତ ସାନଇନ୍ଦିପୁର ଗାଁ ରେ ଦଶାହ ଭୋଜି ଖାଇ ୫୦ରୁ ଅଧିକ ଗ୍ରାମବାସୀ ଅସୁସ୍ଥ ହୋଇଛନ୍ତି। ଗତକାଲି ସଂଧ୍ୟା ରେ ଗାଁ ର ଜଣକ ଦଶାହ କର୍ମରେ ଭୋଜି ଖାଇ ୨୦ ଜଣ ଅସୁସ୍ଥ ଥିଲେ। ଝାଡ଼ା ବାନ୍ତି ସହ ଅସୁସ୍ଥ ଅନୁଭବ କରିଥିଲେ। ବର୍ତମାନ ସୁଦ୍ଧା ୫୦ ରୁ ଅଧିକ ଅସୁସ୍ଥ ଥିବା ଜଣାପଡିଛି। ସମସ୍ତଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ସମସ୍ତଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି।

# ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶକୁ ଅବମାନନା: କାଟି ନେଉଛନ୍ତି ଶହ ଶହ ଗଛ

କେନ୍ଦ୍ରାପଡା, ୦୫/୦୫ (ନି.ପ୍ର): ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ସ୍ଥିତାବସ୍ଥା ବଜାୟ ରଖିବା ନିର୍ଦ୍ଦେଶକୁ ଖୋଲା ଖୋଲି ଅବମାନନା କରାଯାଇ ଚାଲିଛି ଗଛକଟା । ନିକିରାଇ ଥାନା ପଛ ପଟେ ଏଭଳି କରା ଯାଉଥିଲେ ମଧ ପୋଲିସ୍ ଚୁପ୍ ରହିବା ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି। ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶନାମା କପି କେନ୍ଦ୍ରାପଡା ତହସିଲଦାର, ଉପ ଜିଲ୍ଲପାଳ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ତଥା ନିକିରାଇ ଥାନା ଅଧିକାରୀଙ୍କୁ ଦିଆଯାଇ ଥିଲେ ମଧ ପ୍ରଶାସନ ମାନ୍ୟବର ଉଚ୍ଚତମ ଅଦାଲତଙ୍କ ଆଦେଶ ପାଳନ ନ କରିବାରେ ଆନ୍ତରିକତା ଦେଖାଉ ନଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ନିକିରାଇ ମୌଜାର ଖାତା ନଂ-୯୧୩, ପ୍ଲଟ୍ ନଂ-୧୯୩୦ , ଏରିଆ ଏ୦.୨୯ ଡିସିମିଲ ତଥା ହାଲ ଖାତା ନଂ-୧୧୬୮, ପ୍ଲଟ୍ ନଂ-୨୬୧୭ , ଏରିଆ-ଏ୦.୨୯ ଡିସିମିଲ ଜମିକୁ ନେଇ ଦୀର୍ଘ ୩୫ ବର୍ଷ ହେଲା ସେହି ଗ୍ରାମର ମନ୍ଦାକିନୀ ଜେନା ଓ କାହ୍ନୁ ଚରଣ ଜେନାଙ୍କ ମଧରେ ଆଇନଗତ ଲଢେଇ ଚାଲିଛି । ଏନେଇ ମନ୍ଦାକିନୀଙ୍କ ଆବେଦନ ଉପରେ ୬୧୩୭/୨୦୨୩ ତା-୨୭.୦୩.୨୩ ରିଖ ନିର୍ଦ୍ଦେଶ ନାମା ପ୍ରଦାନ କରି ସଂପୃକ୍ତ ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ମାନ୍ୟବର ଉଚ୍ଚତମ ଅଦାଲତ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଅପରପକ୍ଷ କାହ୍ନୁ ଚରଣ ଜେନାଙ୍କ ପକ୍ଷରୁ ଏହି ନିର୍ଦ୍ଦେଶକୁ ଅବମାନନା କରାଯାଇ ଜମି ଉପରେ ଥିବା ବହୁ ପୁରୁଣା ବଡ ବଡ ଆମ୍ବ, ପଣସ, ଚାକୁଣ୍ଡା ପ୍ରଭୃତି ଫଳନ୍ତି ଓ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ୍ ଗଛ ଗୁଡିକୁ କାଟି ନିଆ ଯାଉଛି। ଏହା ସହ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେହି ବିବାଦୀୟ ଜମି ଉପରେ କାହ୍ନୁ ଚରଣ ଜେନାଙ୍କ ପକ୍ଷରୁ ୨ ବଖରା ଆଜ୍‌ବେଷ୍ଟ ଘର ତିଆରି କରାଯାଇ ଗାଈ ଗୋରୁ ରଖା ଯାଉଥିବା ନେଇ ମନ୍ଦାକିନୀ ନିକିରାଇ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏନେଇ ବିଧବା ମନ୍ଦାକିନୀଙ୍କ ବିନା ଅନୁମତିରେ ଫଳନ୍ତି ଗଛ କଟାଯିବା ନେଇ ରାଜନଗର ଡି.ଏଫ୍.ଓ, କେନ୍ଦ୍ରାପଡା ଜିଲ୍ଲାପାଳ, ଉପ ଜିଲ୍ଲାପାଳ, କେନ୍ଦ୍ରାପଡା ତହସିଲଦାର ଓ ନିକିରାଇ ଥାନାରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ନାମାର କପି ଦାଖଲ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ପିଡିଏସ୍ ଚାଉଳ ଦୁର୍ନିତି ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଦାବି କଲା କଂଗ୍ରେସ

ବଲାଙ୍ଗୀର, ୦୫/୦୫ (ନି.ପ୍ର): ଖାଦ୍ୟ ସୁରକ୍ଷା ଆଇନକୁ ସୁରକ୍ଷିତ କରିବା ପାଇଁ ସରକାର ଗରିବ ଜନସାଧାରଣଙ୍କ ପାଇଁ ପିଡିଏସ୍ ଚାଉଳ ପ୍ରଦାନ କରୁଛନ୍ତି । କିନ୍ତୁ ଖୁଦ୍ ଶାସକ ଦଳର ନେତା ଚାଉଳ ଦୁର୍ନିତିରେ ସାମିଲ ହୋଇଥିବା ନେଇ ପରସ୍ପର ଦୋଷାରୋପ କରୁଛନ୍ତି । ଅନ୍ୟପଟେ କିଛି ମାସ ହେବ ବଲାଙ୍ଗିର ବାସୀ ଚାଉଳ ପାଇପାରି ନ ଥିଲେ ହେଁ ସେହି ବକେୟା ଚାଉଳ ଏସ୍‌ଏଚ୍‌ଜି ଗ୍ରୁପମାନଙ୍କ ପାଖରେ ନ ଥିବା ବିଭାଗ କହିଛି । ତା ସତ୍ତ୍ୱେ ଉକ୍ତ ଦୁର୍ନିତିଗ୍ରସ୍ତ ଗ୍ରୃପମାନଙ୍କୁ କ୍ଲିନ ଚିଟ୍ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏହିସବୁ ଘଟଣା ପିଡିଏସ୍ ଚାଉଳ ଦୁର୍ନିତିରେ ବିଜେଡି ନେତା, ବଂଟନ ବିଭାଗ ଓ କିଛି ଦୁର୍ନିତିଗ୍ରସ୍ତ ଏସ୍‌ଏଚ୍‌ଜି ଗ୍ରୃପର କଳା କାରନାମା ସର୍ବସମ୍ମୁଖରେ ଆଣୁଛି । କିନ୍ତୁ ତା ସତ୍ତ୍ୱେ ଜିଲ୍ଲା ପ୍ରଶାସନ କାହା ସ୍ୱାର୍ଥରେ ଏହି ଦୁର୍ନିତି ପ୍ରତି ଆଖି ବନ୍ଦ କରିଦେଇଛି ବୋଲି ଆଜି ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ଅଜୟ ବାଲି ପ୍ରଶ୍ନ କରିଛନ୍ତି । ଆଜି ସକାଳୁ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ଗରିବ ଜନସାଧାରଣଙ୍କ ଚାଉଳ ବାଟମାରଣା କରିଥିବା ଘଟଣାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା । ଦାବି ପତ୍ରରେ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ଘଟଣାବଳିର ପର୍ଦ୍ଦାଫାସ ତଥା ଦୋଷୀମାନଙ୍କ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ତିନି ଦିନର ମହଲତ ଦେଇଥିଲା । ତିନି ଦିନ ମଧରେ ଦୋଷୀମାନଙ୍କ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହନ ନ କଲେ ଆଗାମୀ ଦିନରେ କଂଗ୍ରେସ ଦଳ ହଜାର ହଜାର ହିତାଧିକାରୀଙ୍କୁ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିବାକୁ ବାଧ ହେବ ବୋଲି କଂଗ୍ରେସ ପକ୍ଷରୁ ଚେତାଇ ଦିଆଯାଇଛି । ପ୍ରକାଶ ଯେ ବିଗତ ତିନି ମାସ ହେବ ବଲାଙ୍ଗିର ର ଗରିବ ହିତାଧିକାରୀମାନେ ତାଙ୍କର ପିଡିଏସ୍ ଚାଉଳ ପାଇ ପାରୁନାହାନ୍ତି । ବିଭାଗ ପକ୍ଷରୁ ନିଯୁକ୍ତ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ ଚାଉଳ ବଂଟନ ପାଇଁ କରାଯାଇଥିବା ସମସ୍ତ ନିତି ନିୟମର ଖୁଲମଖୁଲ୍ଲା ଉଲଙ୍ଘନ କରୁଛନ୍ତି । ଷ୍ଟକ୍ ଡାଟା କୌଣସି ଏସ୍‌ଏଚ୍‌ଜି ପୁରଣ କରୁ ନ ଥିବା ବେଳେ ମାସକୁ ମାତ୍ର ୫/୭ ଦିନ ଖୋଲି ବଣ୍ଟନ କାମ ସାରି ଦେଉଛନ୍ତି । ଫଳରେ ଅନେକ ହିତାଧିକାରୀ ତାଙ୍କର ଚାଉଳ ପାଇବାରୁ ବଂଚିତ ରହୁଥିବା ବେଳେ କେତେ ମାତ୍ରାର ଚାଉଳ ବଂଟନକାରୀମାନଙ୍କ ପାଖରେ ବକେୟା ରହୁଛି ତାହାର ମଧ ହିସାବ ମିଳିପାରୁ ନାହିଁ । ତେବେ ଏ ସବୁ ସମସ୍ୟାର ସମାଧାନ କରିବା ସହିତ ଚାଉଳର ବାଟମାରଣା କରୁଥିବା ବିଜେଡି ନେତୃବୃନ୍ଦ, ବିଭାଗୀୟ ଅଧିକାରୀ ଓ ଦୁର୍ନିତିଗ୍ରସ୍ତ ଏସ୍‌ଏଚ୍‌ଜି ଗ୍ରୃପମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ କଂଗ୍ରେସ ହିତାଧିକାରୀମାନଙ୍କ ଏହି ଦାବିକୁ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି କହିଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଦାବିପତ୍ର ଗ୍ରହଣ କରିବା ସହ ଯଥାଶିଘ୍ର ଏହା ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ଆଜିର ଏହ କାର୍ଯ୍ୟକ୍ରମାରେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କଂଗ୍ରେସ ଉପ-ସଭାପତି ମନୀଷ ମିଶ୍ର, କାଉନସିଲର ପ୍ରଦୀପ ମିଶ୍ର, ବଜରଂଗ ବନଛୋର, ଅରବିନ୍ଦ ପରୁଆ, ଅସୀତ ମିଶ୍ର, ଜିଲ୍ଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, କୋଷାଧକ୍ଷ ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ଦଳିତ ନେତା ସମିର କୁମ୍ଭାର, ଜେ.ପି. ରଣା, କିରନ ସେଠ, ସୁରେନ୍ଦ୍ର ଅଶ୍ୱପାଲ, ସୁଦାମ ସିଂହ, ସଂଜୟ ମିଶ୍ର, ଅନନ୍ଦ ମଚ୍ଛଖଣ୍ଡ, ନାରୀ ନେତ୍ରୀ ବବିତା ସାହୁ, ସାଇନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।

## ତ୍ରିସ୍ତରୀୟ ଅପରେସନ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପାକ୍ ଟିଭିରେ ବ୍ରିଟେନର ମୂଳବାସିନ୍ଦା ପଲ୍ ଆଡାମ୍ସ ନୱାଜ ସରିଫଙ୍କ ଦୁର୍ନୀତିକୁ କେନ୍ଦ୍ରକରି ବିସ୍ଫୋରକ ବର୍ଣ୍ଣନା ଦେଲେ, ଯାହା ଇମରାନ ଖାଁଙ୍କ ସରକାର ପାଇଁ ଲାଭଜନକ ହେଲା । ଆଣ୍ଡ୍ରୁ କୋରିବ୍କୋ ନାମକ ଜଣେ ରୁଷୀୟ ବ୍ୟକ୍ତି ପାକ୍ ଗଣମାଧ୍ୟମରେ ଭାରତ ବିରୁଦ୍ଧରେ ବିଷୋଦଗାର କରିବାକୁ ଲାଗିଲେ । ହେଲେନେ ସେଜଲର୍ଟ ନାମକ ଜଣେ ସ୍ୱିଡେନ ଜନ୍ମିତ ମାନବାଧିକାର କର୍ମୀ ୨୦୧୬ରେ କାଶ୍ମିର ମୁକ୍ତି ପାଇଁ ଯୁକ୍ତି ବାଢିବାକୁ ଲାଗିଲେ । ହାଲେ ଡୁଷ୍ଟିନ୍ସ୍କି ନାମ୍ନୀ ଜଣେ ମହିଳା ନୃତତ୍ତ୍ୱବିତ୍ ୨୦୧୬ରେ କାଶ୍ମୀର ବିଷୟରେ ବଢିବଢି କହିବାକୁ ଆରମ୍ଭ କଲେ । ତା'ପୂର୍ବରୁ ସେ ଏହି ବିଷୟରେ ପଦେ ହେଲେ କଥା କହିନଥିଲେ ।

ଉପରବର୍ଣ୍ଣିତ ଲୋକଙ୍କ ମଧ୍ୟରେ ଦୁଇଟି ବିଷୟ ସାଧାରଣ ଥିଲା ସେମାନେ ସମାନ ସମୟରେ ଦେଖାଦେଉଥିଲେ । ସେମାନେ ପାକ୍ ସମର୍ଥନରେ ଭାରତ ବିରୁଦ୍ଧରେ କହୁଥିଲେ । ମୁଜାମ୍ମିଲ ଠାକୁର ୨୦୧୬ରେ ନିଜ ପିତାଙ୍କର ଜଷ୍ଟିସ୍ ଫାଉଣ୍ଡେସନ କାଶ୍ମୀର ଇନ୍ଷ୍ଟିଚ୍ୟୁଟ ଅଫ୍ ଇଣ୍ଟରନେସନାଲ ଆଫେୟାର୍ସର କାର୍ଯ୍ୟକୁ ହାତକୁ ନେଲା । ୨୦୧୬ରେ ଇକ୍ୱାଲିଟୀ ଲାବ୍ସର କାର୍ଯ୍ୟ ଆରମ୍ଭ ହୋଇସାରିଥିଲା । ସେମିତି ୨୦୧୬ରେ ହିନ୍ଦୁତ୍ୱ ବିରୋଧରେ ପ୍ରଚାର ଚଳାଇବାକୁ 'ଦି ପୋଲିସ ପ୍ରୋଜେକ୍ଟ' ଆରମ୍ଭ ହୋଇଯାଇଥିଲା । ଏମାନେ ସମସ୍ତେ ଭାରତରେ ମାନବାଧିକାର ବିଷୟକୁ ନେଇ ଚିନ୍ତା ପ୍ରକଟ କରୁଥିଲେ । ଧାରା ୩୭୦କୁ ୨୦୧୯ରେ ହଟାଯିବା ପରେ ଜମାତେ ଇସଲାମୀ ସହ ଯୋଡି ହୋଇଥିବା ସଂଗଠନ କାଶ୍ମୀର ବିଷୟକୁ ନେଇ ମଇଦାନକୁ ଗୋଟିଏ ସମୟରେ ଡେଇଁପଡିଲେ । ସେମାନଙ୍କ ମଧ୍ୟରେ ଆମେରିକାନ୍ସ ଫର କାଶ୍ମୀର ଷ୍ଟାଣ୍ଡ ୱିଥ୍ କାଶ୍ମୀର, ଫ୍ରେଣ୍ଡସ୍ ଅଫ୍ କାଶ୍ମୀର ସଂଗଠନ ରହିଥିଲେ । ୨୦୧୯ରେ ଅନ୍ୟ ଏକ ସଂଗଠନ ହିନ୍ଦୁଜ ଫର୍ ହ୍ୟୁମାନ୍ ରାଇଟ୍ସ ଗଢାଯାଇଥିଲା ।

ସମୟ ବଦଳିବା ସହ ସଂଗଠନଗୁଡିକର ନାମ ମଧ୍ୟ ବଦଳିଛି । ନୂଆ ନୂଆ ସଂଗଠନ ମଧ୍ୟ ମୁଣ୍ଡ ଟେକିବାରେ ଲାଗିଛନ୍ତି । ଦି କୋଆଲିସନ୍ ଏଗେନେଷ୍ଟ କମ୍ୟୁନାଲିଜମର ନାମ ବଦଳିଯାଇ ହିନ୍ଦୁଜ ଫର ହ୍ୟୁମାନ ରାଇଟ୍ସ ହୋଇଛି । ସମୟ ଅନୁଯାୟୀ ସଂଗଠନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହିସବୁ ସଂଗଠନଗୁଡିକର ମୂଳରେ ରହିଥିବା ସଂଗଠନ କଥା ଦେଖିଲେ ଜଣାପଡିବ ଯେ ସବୁଠି ଜମାତ ହିଁ ରହିଛି । ଲକ୍ଷ୍ୟ ଗୋଟିଏ ରହିଛି ଭାରତକୁ କ୍ଷତିଗ୍ରସ୍ତ କରିବା, ରକ୍ତାକ୍ତ କରିବା।

ଦ୍ୱନ୍ଦ୍ୱର କାରଖାନା ମାଧ୍ୟମରେ ଅପରେସନ ଟୁପାକକୁ ଆର୍ଥିକ ସହାୟତା ଏବେ ମଧ୍ୟ ଜାରିରହିଛି । ତେବେ କଥା ହେଉଛି ଆର୍ଥିକ ଦୁଃସ୍ଥିତି ମଧ୍ୟରେ ପାକ୍ ପରି ଏକ ଦୁର୍ବଳ ରାଷ୍ଟ୍ର ଭାରତ ବିରୁଦ୍ଧରେ ଏତେଗୁଡିଏ ସଂଗଠନକୁ କିପରି ସକ୍ରୀୟ ରଖିପାରିବ, ଏତେଗୁଡିଏ ଗୃଧ୍ର କର୍ମୀଙ୍କୁ କେମିତି ପୋଷିବ? ଏହାର ଉତ୍ତରରେ କୁହାଯାଇପାରେ ଯେ ପାକ୍ ସରକାର ଯେ ପର୍ଯ୍ୟନ୍ତ ମିଛ ଆକ୍ରମଣର ଟୁଲ୍କିଟ ଧରି ଚାଲିଥିବେ, ସେତେଦିନ ଯାଏ ସ୍ଥିତିକୁ ସୁନ୍ଦର ଭାବେ ବଜାୟ ରଖିପାରିବାର କୌଶଳ ଶିକ୍ଷା କରିଛନ୍ତି । ଅତୀତ ଦିନମାନଙ୍କରେ ତାଲିବାନ ପ୍ରକଳ୍ପକୁ ଚାଲୁ ରଖିବା ପାଇଁ ଆଫଗାନିସ୍ଥାନରେ ନିଶା କାରବାରକୁ ଜାରିରଖି ପାକ୍ ସରକାର ସାହାଯ୍ୟ କରି ଆସିଥିଲେ । ଏବେ ସେମିତି ବିଶ୍ୱବ୍ୟାପି ପ୍ରଚାର ଏବଂ ଲବିଂ ମାଧ୍ୟମରେ ସୂଚନାଯୁଦ୍ଧ ଜାରି ରଖିବାଲାଗି ଉଦ୍ୟମ ଚଳାଇଛନ୍ତି । ଫଳସ୍ୱରୂପ ଆମେରିକାର ମାନବାଧିକାର ସଂଗଠନ ପକ୍ଷରୁ ଭାରତ ବିରୁଦ୍ଧରେ କଟକଣା ଜାରି କରିବା ଲାଗି ଦାବି କରାଯାଇଛି । ସେଥିରେ ଭାରତରେ ମୁସଲମାନଙ୍କ ବିରୋଧରେ ହିଂସାକାଣ୍ଡ ବୃଦ୍ଧି ପାଉଥିବା ଏବଂ ମୁସଲିମମାନଙ୍କୁ ଭାରତରେ ହଇରାଣ ହରକତ କରାଯାଉଥିବା ବିଷୟ ଦର୍ଶାଯାଇଛି । ଆମେରିକାର ସଂସଦ ନିକଟରେ ଉପସ୍ଥାପିତ ଏକ ରିପୋର୍ଟରେ ଏହି ସଂସ୍ଥା ଭାରତରେ ବିନାପରାଧରେ ମୁସଲିମଙ୍କ ଉପରେ ଆକ୍ରମଣ ହେବା, ପ୍ରାର୍ଥନା ସ୍ଥଳୀକୁ ଭାଙ୍ଗିପକାଇବା ପରି କାର୍ଯ୍ୟ ହେଉଥିବାର ଅଭିଯୋଗ ଅଣାଯାଇଛି । ଅଥଚ ଇସଲାମିକ ସନ୍ତ୍ରାସବାଦ, ଲଭ୍ଜିହାଦ, ଜମିଜିହାଦ, ହଲାଲ ଜିହାଦ ମାଧ୍ୟମରେ କିପରି ଇସଲାମିକ ଉଗ୍ରବାଦ ଭାରତରେ ବୃଦ୍ଧିପାଉଛି ସେ ବିଷୟରେ କିଛି କୁହାଯାଇନାହିଁ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଭୋଇ ସେବାୟତଙ୍କ ଦ୍ୱାରା ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରି

ପୁରୀ, ୦୫/୦୫ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, କରତିଆ ସେବାୟତ ମାନେ ରଥ ନିର୍ମାଣରେ ଲାଗି ପଡିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଚକ ନିର୍ମାଣ କାର୍ଯ୍ୟ ଚାଲିଛି । ଇତିମଧ୍ୟରେ ତିନି ରଥର ୪୨ ଚକ ପାଇଁ ୪୨ଟି ତୁମ୍ବ ନିର୍ମାଣ ହେବା ସହ ସେଥିରେ ବିନ୍ଧ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏବେ ଅର ଗୁଡିକ ସାଲ କରାଯାଇ ବିନ୍ଧରେ ସଂଯୋଗ କରାଯିବା ପରେ ଯନ୍ତାଗାଡ଼ରେ ଭୋଇ ସେବାୟତ ମାନେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ କରୁଛନ୍ତି । ୧୨ ତାରିଖ ଶ୍ରୀକ୍ଷେତ୍ର ଭଉଁରି ଦିନ ପ୍ରତି ରଥର ଦୁଇଟି ଚକ ଅଖ ସହ ସଂଯୋଗ କରାଯାଇ ରଥଖଳାର ତିନୋଟି ସ୍ଥାନରେ ଡେରାଯିବ । ପରେ ରଥର ଅନ୍ୟ ଚକ ଗୁଡିକ ନିର୍ମାଣ ହେବା ପରେ ସେହି ସ୍ଥାନରେ ଡେରା ଯିବ । ରୂପକାର ସେବାୟତ ମାନେ ନୃସିଂହ ଚତୁର୍ଦ୍ଦଶୀ ଠାରୁ ଗୁଜରେ ନୃସିଂହ ମୂର୍ତି ଖୋଦେଇ ଅନୁକୂଳ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ୭ରେ ଲଘୁଚାପ....

ଧୀରେଧୀରେ ଖରାର ମାତ୍ରା ବଢ଼ିବ ଓ ଦିନର ସର୍ବୋଚ୍ଚ ତାପମାତ୍ରା ୩ରୁ ୫ ଡିଗ୍ରି ଯାଏ ବୃଦ୍ଧି ପାଇବ। ଆଜି (ଶୁକ୍ରବାର) ରାଜଧାନୀ ଭୁବନେଶ୍ୱର ଓ ଏହାର ସଂଲଗ୍ନ ଅଞ୍ଚଳର ପାଗ ଆଂଶିକ ମେଘୁଆ ରହିବ। ସାମାନ୍ୟ ବର୍ଷା ବି ହୋଇପାରେ। ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରି ଓ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରି ରହିବ।

### ମଣିପୁରରେ...

ସେଠାରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରିବା ସହ ବରିଷ୍ଠ ପୁଲିସ ଅଧିକାରୀମାନେ ଦାୟିତ୍ୱ ତୁଲାଉଛନ୍ତି । ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ସହ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଛି । ହିଂସାବେଳେ ୭-୮ଟି ପୁଲିସ ପୋଷ୍ଟରୁ ଲୋକମାନେ ଲୁଟି ନେଇଥିବା ଅସ୍ତ୍ରଶସ୍ତ୍ରକୁ ଯଥାଶୀଘ୍ର ଫେରାଇଦେବାକୁ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ଯେଉଁମାନେ ଅସ୍ତ୍ରଶସ୍ତ୍ର ଫେରାଇଦେବେ ସେମାନଙ୍କ ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରାଯିବ । ଯେଉଁମାନେ ଅସ୍ତ୍ରଶସ୍ତ୍ର ଜମା କରିବାରେ ବିଫଳ ହେବେ ସେମାନଙ୍କୁ ଗୁରୁତର ଆଇନଗତ ପରିଣାମ ଭୋଗିବାକୁ ପଡ଼ିବ। ଏହା ସହ ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିବାରେ ବିଫଳ ହେଲେ ମାମଲାକୁ ମଧ୍ୟ ଏନଆଇଏକୁ ହସ୍ତାନ୍ତର କରାଯାଇପାରେ ବୋଲି ଚେତାବନୀ ଦିଆଯାଇଛି ।

# ଜଉକଣ୍ଢେଇ ଲାବଣ୍ୟବତୀ-ଚନ୍ଦ୍ରଭାନୁଙ୍କ ଲଗ୍ନଧରା ଶେଷ

## ୧୫ରେ ବୈଦିକ ରୀତିନୀତିରେ ହେବ ପାଣିଗ୍ରହଣ



ବାଲେଶ୍ୱର,୫।୫(ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ବାଲେଶ୍ୱରର ଜଉକଣ୍ଢେଇ ଲାବଣ୍ୟବତୀ-ଚନ୍ଦ୍ରଭାନୁଙ୍କ ବାହାଘର ପାଇଁ ଶୁକ୍ରବାର ଲଗ୍ନଧରା କାର୍ଯ୍ୟକ୍ରମ ବିଧିମତେ ସମ୍ପନ୍ନ ହୋଇଯାଇଛି। ଆସନ୍ତା ୧୪ ତାରିଖରେ ବିବାହ ଉତ୍ସବ ଆରମ୍ଭ ହୋଇ ୧୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆଜିର ଲଗ୍ନଧରାରେ ନିଷ୍ପତ୍ତି ନିଆଯାଇଛି। ପବିତ୍ର ଚନ୍ଦନ ପୂର୍ଣ୍ଣିମା ଅବସରରେ କନ୍ୟାଘର ପାତ୍ରପଡ଼ା ସୁନାରି ସାହି ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲଗ୍ନଧରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରକର୍ତ୍ତା ଶମ୍ଭୁନାଥ ଦାସ ଓ ତାଙ୍କର ସହଧର୍ମିଣୀ ଅନାମିକା ଦାସ ସହରର ସିନେମାଛକ ସ୍ଥିତ ସିଦ୍ଧିବିନାୟକ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସହଯୋଗୀଙ୍କ ସମେତ ବିଧି ଅନୁସାରେ ଭାର ଓ ଆନୁସଙ୍ଗିକ ସାମଗ୍ରୀ ନେଇ ଶୋଭାଯାତ୍ରାରେ କନ୍ୟାଘରକୁ ବାହାରିଥିଲେ। କନ୍ୟାଘର ଲୋକେ ବାବା ଭୂଜାଖିଆପୀର ଛକ ନିକଟରୁ ଶଙ୍ଖ ହୁଳହୁଳି ଦେଇ ସମସ୍ତଙ୍କୁ ପାଛୋଟି ନେଇଥିଲେ ସ୍ୱପ୍ନେଶ୍ୱର ମନ୍ଦିରକୁ। ବାରିକ ସଂଘର ସଂପାଦକ ବିମଳ ବାରିକ ଓ ବ୍ରାହ୍ମଣ ସଂଘର ସଦସ୍ୟ ବିମଳ ପଣ୍ଡା କୂଳ ପୁରୋହିତ ଭାବେ ବୈଦିକ ରୀତିନୀତିରେ ଲଗ୍ନଧରା କର୍ମକାଣ୍ଡ ଶୁଭାରମ୍ଭ କରିଥିଲେ। କନ୍ୟା ମାତା ପିତା ଭାବେ ଜିଲାପରିଷଦ ସଭ୍ୟା ସୋନାଲି ବିଶ୍ୱାଳ ଓ ତାଙ୍କ ସ୍ୱାମୀ ସୁଶାନ୍ତ କୁମାର ବିଶ୍ୱାଳ ଏଥିରେ ଉପସ୍ଥିତ ଥିଲେ। ବର ପିତାମାତା, କନ୍ୟା ପିତାମାତାଙ୍କ ସମେତ ବ୍ରାହ୍ମଣ ଓ ଦୁଇପକ୍ଷର ପରିବାର ଲୋକଙ୍କ ସହମତିରେ ଆସନ୍ତା ୧୫ ତାରିଖରେ ବିବାହ ପାଇଁ ସ୍ଥିର କରାଯାଇଥିଲା। ସେହି ସ୍ୱପ୍ନେଶ୍ୱର ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଅନୁଷ୍ଠିତ ହେବ ବୋଲି ଉଭୟ ପକ୍ଷ ମତ ଦେଇଥିଲେ। ଏନେଇ ଆସନ୍ତା ୧୪ ତାରିଖ ମଙ୍ଗଳପାକ ଠାରୁ ଆରମ୍ଭ କରି ଚତୁର୍ଥୀ ଅର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ସହରର ଆଇଟିଆଇ ପଡ଼ିଆରେ ଉତ୍ସବ ଜାରି ରହିବ। ସେଠାରେ ମୀନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଷ୍ଟଲମାନ ମଧ୍ୟ ଖୋଲାଯିବ। ପ୍ରତ୍ୟକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ବୋଲି ଲଗ୍ନଧରାରେ ସର୍ବସମ୍ମତି କ୍ରମେ ଧାର୍ଯ୍ୟ ହୋଇଛି। ତେବେ ଆଜିର ଲଗ୍ନଧରା କାର୍ଯ୍ୟକ୍ରମରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ସଭାପତି ସୁବାସିନୀ ଜେନା, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ର, ଉପ-ସଭାପତି ଅଞ୍ଜଳି ପଣ୍ଡା, ଯୁଗ୍ମ ସମ୍ପାଦକ ରଘୁନାଥ ଲେଙ୍କା ଓ ରାଜେଶ ଗିରି, ବ୍ରହ୍ମନାଥ ରଥ, ଉପଦେଷ୍ଟା କେଶୁ ଦାସ, ଇଂ. ହୃଷୀକେଶ ସାହୁ, ସଭ୍ୟ ଆଲୋକ ସାହୁ, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ପରେଶ ଦାଶ, ମଧୁସୁଦନ ଦାସ, ମନସ୍ୱିନୀ ଦେବୀ, ଗୋପାଳ ଜେନା, ଲକ୍ଷ୍ମୀନାରାୟଣ ଘୋଷ, ମନୋଜ ଦାସ, ରବୀନ୍ଦ୍ର କୁମାର ସାହୁ, କନକଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କନ୍ୟାପକ୍ଷର ମୁଖିଆ ମିତ୍ରକାନ୍ତି ବିଶ୍ୱାଳ, ଚିନ୍ମୟ ବିଶ୍ୱାଳ, ପୀତାମ୍ବର ବିନ୍ଧାଣୀ, ମଣି ଚରଣ ଦାସ, ରାକେଶ ମହାନ୍ତି, ରାଜେନ୍ଦ୍ର ରାଉତ, ଗୌର ମୋହନ ମହାନ୍ତି, ହୃଦାନନ୍ଦ ନାୟକ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ନାଏବ ସରପଞ୍ଚ ଜ୍ୟୋତି ପ୍ରକାଶ ହୋତା, ରାମଚନ୍ଦ୍ର ପାଢ଼ୀ, ସୁକାନ୍ତ ସିଂ, ଅସିତ ଦାସ, ଶ୍ରୀଧର ବିନ୍ଧାଣୀ, ଜଗନ୍ନାଥ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ପାରାଦୀପ ବନ୍ଦର ଓ ଏନଡିଆରଏଫ୍ ମିଳିତ ମକ୍ ଡ୍ରିଲ୍




ପାରାଦୀପ, ୦୫/୦୫ (ନି.ପ୍ର): ପାରାଦୀପ ବନ୍ଦର ଓ କଟକ ଜିଲ୍ଲା ମୁଣ୍ଡୁଳିଠାରେ ଥିବା ଏନ୍ଡିଆରଏଫ୍ ତୃତୀୟ ବାଟାଲିୟାନ୍ ମିଳିତ ମକ୍ ଡ୍ରିଲ୍ ବୁଧବାର ଦିନ ପାରାଦୀପ ବନ୍ଦର ମୁଖ୍ୟ ଫାୟାର ଷ୍ଟେସନ ପରିସରରେ ଆୟୋଜିତ ହୋଇଥିଲା । ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ କିପରି ଉଦ୍ଧାର କାର୍ଯ୍ୟ କରାଯିବା ସେ ନେଇ ଏକ ନମୁନା ପ୍ରଦର୍ଶିତ ହୋଇଥିଲା । ଏଥି ସହିତ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ, ଆମୋନିୟମ ନାଇଟ୍ରେଟ୍ ଫାୟାର ଫାଇଟିଙ୍ଗ, ରୋପ୍ ରେସକ୍ୟୁ ପରିଚାଳନା ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ପାରାଦୀପ ବନ୍ଦରର ସହଯୋଗିମାନେ ଏହି ମିଳିତ ମକ୍ ଡ୍ରିଲ୍ରେ ସାମିଲ ହୋଇଥିଲେ । ପାରାଦୀପ ବନ୍ଦର ସଚୀବ ଡ. ପି.ଏନ୍.ବାହେକରଙ୍କ ସମେତ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇ ଏହି ମକ୍ ଡ୍ରିଲ୍କୁ ଦେଖିଥିଲେ । ପୂର୍ବ ସଂଧ୍ୟାରେ ବନ୍ଦର ପ୍ରଶାସନିକ ଭବନରେ ଏନ୍ଡିଆରଏଫ୍ର କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର ବନ୍ଦର ବ୍ୟବହାରକାରୀମାନଙ୍କୁ ଉଦ୍ଧାର ଓ ଥଇଥାନ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ବନ୍ଦର ସଚୀବ ଡ. ବାହେକର ଏନ୍ଡିଆରଏଫ୍ ଟିମ୍କୁ ସେମାନଙ୍କ ନିଷ୍ଠାପର ସେବା ପାଇଁ ସାଧୁବାଦ ଜଣାଇଥିଲେ । ସିଆଇଏସଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ରୋପ୍ ରେସକ୍ୟୁ, ରାସାୟନିକ ବିପତ୍ତି ପରିଚାଳନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ ସ୍ୱରୂପ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କମ୍ପାନୀ କମାଣ୍ଡର ଭାସ୍କର ଦାସ ।

# ଯୁବ କଂଗ୍ରେସ କର୍ମୀଙ୍କ ଅକାଳ ବିୟୋଗ

ଜଳେଶ୍ୱର ୫/୫ (ନି.ପ୍ର): ଜଳେଶ୍ୱର ବ୍ଲକର ଆମ୍ବଳିଅଠା ଗ୍ରାମର ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ଜେନାଙ୍କ ଜ୍ୟେଷ୍ଠ ପୁତ୍ର ଆତ୍ମାରାମ ଜେନା (୫୨) ଓରଫ ରାମଙ୍କ ଅକାଳ ବିୟୋଗ ଘଟିଛି । ସେ ଏକ ବର୍ଷ ପୂର୍ବେ ରାସ୍ତା ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧିନ ରହିଥିଲେ ମଧ୍ୟ ଦୀର୍ଘଦିନ ଧରି ସଂଜ୍ଞାହିନ ଅବସ୍ଥାରେ ରହିଥିଲେ । ଗୁରୁବାର ରାତ୍ରୀ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁ ଶଯ୍ୟାନିକଟରେ ଦୁଇ ପୁତ୍ର ଓ ଏକ ଝିଅ ଉପସ୍ଥିତ ଥିବା ବେଳେ ଧର୍ମପତ୍ନୀ ରଂଜୁବାଳା ଓ ବଂଧୁବାନ୍ଧବ ଉପସ୍ଥିତ ଥିଲେ । ସେ ଜଣେ କଂଗ୍ରେସର ତୃଣମୂଳ ସଂଗଠକ ଥିଲାବେଳେ ଜଣେ ବଂଧୁ ବତ୍ସଳ ଓ ପରୋପକାରୀଭାବେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ଅକାଳ ବିୟୋଗରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜିବ ପରିଡା, ସପନ ଜେନା, ଦୀପାଳୀ ଜେନା, ଜ୍ୟୋସ୍ନା ଜେନା, ସୁବିର ଜେନା, ବିନୟ ଜେନା, ସରପଂଚ ରାଜେଶ ଜେନା, ସପନ ଜେନା(ଶିବୁ), ଗ୍ରାମ୍ୟ ମୁଖ୍ୟ ପ୍ରଦୀପ ଜେନା, ଚିତ୍ତରଂଜନ ପରିଡା, ସୁଶାନ୍ତ ଦେ, ଲକ୍ଷ୍ମୀଧର ଗିରି, ରାଧାରାଣୀ ପାତ୍ର, ଉତ୍ତମ କର, ସୁଶୀଲ ମହାନ୍ତି, ସୁଦାମ ପାତ୍ର, ହେମନ୍ତ ଗିରି ପ୍ରମୁଖ ଶୋକବକ୍ତ କରିଛନ୍ତି ।

# ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ପୂଜା ପାଇବେ ମା' ଲକ୍ଷ୍ମୀ ସାଆନ୍ତାଣି: ଅଞ୍ଚଳରେ ଖୁସିର ଲହରୀ

ନୀଳଗିରି, ୦୫/୦୫ (ନି.ପ୍ର): ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାଲେଶ୍ୱର ଜିଲ୍ଲା ନୀଳଗିରି ଜଗନ୍ନାଥ ମନ୍ଦିର ପରିସରରେ ମାଆ ଲକ୍ଷ୍ମୀ ସାଆନ୍ତାଣିଙ୍କ ମନ୍ଦିର ନିର୍ମାଣ ପାଇଁ ଦୀର୍ଘଦିନ ଧରି ହଜାର ହଜାର ଭକ୍ତ ଦାବି କରିଆସୁଥିଲେ ।ଏହାକୁ ଗୁରୁତର ସହ ନେଇ ନୀଳଗିରି ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ନିର୍ମାଣ ପାଇଁ ଅଣ୍ଟାଭିଡିଥିଲେ। ଶେଷରେ ମାଆଙ୍କର ମନ୍ଦିର ସୁନ୍ଦର କାରୁକାର୍ଯ୍ୟ ଭରା ହୋଇ ସମ୍ପୂର୍ଣ୍ଣ ହୋଇଛି ।ଚଳିତ ମେ ମାସ ୨୮ ତାରିଖରୁ ୪ ଦିନ ଧରି ମହାସମାରୋହରେ ରୀତିନୀତି ଅନୁସାରେ ଏହି ମନ୍ଦିରକୁ ପ୍ରତିଷ୍ଠା କରାଯିବା ସହ ମାଆ ଲକ୍ଷ୍ମୀଙ୍କର ମୂର୍ତ୍ତି ସ୍ଥାପନ କରାଯିବ ।ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛି ନୀଳଗିରି ଠାକୁରମାହାଲର ବଂଶାନୁକ୍ରମିକ ସଭାପତି ରାଣୀ ମନୋଜା ମଞ୍ଜରୀ ଦେବୀ ।ଏଥିରେ ଭକ୍ତ ହଜାର ହଜାର ସଂଖ୍ୟାରେ ଯୋଗଦେଇ ଏହି ଉତ୍ସବକୁ ସଫଳ କରିବା ସହିତ ମାଆଙ୍କର ଆଶିଷ କାମନା କରିବାକୁ କୁହାଯାଇଛି ।ଏହି ମନ୍ଦିରକୁ ଅବସରରେ ପ୍ରାପ୍ତ କର୍ମଚାରୀ ଖାଲି ଅର୍ଥନୁହଁ ଶାରିରୀକ ଭାବେ ସହଯୋଗ କରିବା ଘରେ ଘରେ ପହଂଚି ମାଆଙ୍କ ପାଇଁ ଅର୍ଥ ସାହାଯ୍ୟ ଆଣିବା ଭଳି ଘଟଣା ବେଶ ପ୍ରସଂଶନିୟ ବୋଲି ରାଣୀ କହିଥିଲେ।୨୮ ତାରିଖରେ ଅଙ୍କୁରାରୋପଣ ଓ ଅଧିବାସ କାର୍ଯ୍ୟ ରହିଥିବାବେଳେ ୨୯ ତାରିଖରେ ଦେବୀ ସ୍ଥାପନା ଓ ପ୍ରତିଷ୍ଠା କାର୍ଯ୍ୟକ୍ରମ ନିର୍ଘଣ୍ଟ ହୋଇଛି। ୩୦ ତାରିଖରେ ଉପଚାର ପୂଜା,ଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ବେଳେ ୩୧ ତାରିଖରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ ବୋଲି ବ୍ରହ୍ମା ସରୋଜ କୁମାର ନନ୍ଦ ପ୍ରକାଶ କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ବ୍ରାହ୍ମଣ ସମାଜର ସଭାପତି ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ,ବ୍ରହ୍ମା ପୁଣ୍ୟଶ୍ଲୋକ ନନ୍ଦ, ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଯୋଗେନ୍ଦ୍ର ନାରାୟଣ ମିଶ୍ର, ଦେବାଶିଷ୍ ଦାସ,ହରିବନ୍ଧୁ କର, ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘର ସଭାପତି ମାୟାଧର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ମୁରଲୀଧର ନାୟକ,କଟି ସିଂ ଉପସ୍ଥିତ ରହିଥିବା ବେଳେ ମା ଲକ୍ଷ୍ମୀ କମିଟିର ସଦସ୍ୟ ବିକାଶ ସାହୁ, ରଶ୍ମିରଞ୍ଜନ ରାଉତ, ବୁଦ୍ଧଦେବ ସରକାର, ଶୁଭାଶିଷ ଆଚାର୍ଯ୍ୟ, ଉମେଶ ପଣ୍ଡା ପ୍ରମୁଖ ଉଅସ୍ଥିତ ରହି ମା ଲକ୍ଷ୍ମୀଙ୍କ ପ୍ରତିଷ୍ଠା ଉତ୍ସବରେ ଶ୍ରଦ୍ଧାଳୁ ମାନଙ୍କ ଉପସ୍ଥିତ ରହିଥିବା ବେଳେ ରାଣୀ ସାହେବା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇଚାରା ଓ ଅସ୍ମିତାର ମହାପର୍ବ ୫ମ ଜାତୀୟ ଗ୍ରାମୀଣ ମହୋତ୍ସବ

ଢ଼େଲାଙ୍ଗ, ୦୫/୦୫ (ନି.ପ୍ର): ଭାରତୀୟ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରମୁଖ ଅନୁଷ୍ଠାନ 'ବିଶ୍ୱମୁକ୍ତି' ଓ ପୁରାତନ ଛାତ୍ର ପରିଷଦ ଦ୍ୱାରା ଆୟୋଜିତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,ଓଡିଶା ସରକାର ଦ୍ୱାରା ପ୍ରାୟୋଜିତ ଭାଇଚାରା ଓ ଅସ୍ମିତାର ମହାପର୍ବ ୫ମ ଜାତୀୟ ଗ୍ରାମୀଣ ଉତ୍ସବର ୨ୟ ସଂନ୍ଧ୍ୟାରେ କେ.ପି.ପି. ଉଚ୍ଚ ବିଦ୍ୟାଳୟ ମୁନିନ୍ଦା, ଢ଼େଲାଙ୍ଗ ପରିସରରେ ମୁଖ୍ୟ ଅତିଥି ସାଂସଦ ତଥା ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଜାତୀୟ ସଂସ୍ଥା ପାୱାରଗ୍ରୀଡ୍ ଦ୍ୱାରା ନିର୍ମିତ ଗ୍ରାମାଚଂଳରେ ହେରିଟେଜ୍ ହଲ୍କୁ ଉଦ୍ଘାଟନ କରିବା ସହ ବିଦ୍ୟାଳୟର ପ୍ରତିଷ୍ଠାତା, ଶଶାଂଙ୍କ ଚୂଡାମଣି କ୍ରୀଡ଼ା କକ୍ଷକୁ ଅବକରଣ କରିଥିଲେ। ବିଶ୍ୱମୁକ୍ତି ରାଷ୍ଟ୍ରୀୟ ସାହିତ୍ୟ ସମ୍ମାନରେ ଶ୍ରୀ ବିଷ୍ଣୁପଦ ସେଠୀ, ଆଇ.ଏ.ଏସ୍, ଶ୍ରେଷ୍ଠ ପ୍ରଶାସକ ସେବାପାଇଁ ଢ଼େଲାଙ୍ଗ ମାଟିର ଗର୍ବ, ବନମୁଖ୍ୟ ଶ୍ରୀ ଦେବୀଦତ ବିଶ୍ୱାଳ, କ୍ରୀଡ଼ା ସଂଗଠନ ଭାବରେ ଖୋ ଖୋ ଓଡ଼ିଶାର ସମ୍ପାଦକ ଶ୍ରୀ ପ୍ରଦ୍ୟୁମ୍ନ ମିଶ୍ର, ଉସୁ ପ୍ରସିକ୍ଷକ ଶ୍ରୀ ନଟବର ସେଠୀ, ସ୍ୱାସ୍ଥ୍ୟସେବା ପାଇଁ ଡ. ସଂଘମିତ୍ରା ପତି, ନିର୍ଦ୍ଦେଶିକା ଆର.ଏମ୍.ଆର.ସି. ଙ୍କୁ ସମ୍ମାନିତ କରିବା ଅବସରରେ ତାଙ୍କ ବକ୍ତବ୍ୟରେ ଶିକ୍ଷା ହିଁ ସମାଜ ଗଠନର ମୂଳମନ୍ତ୍ର ବୋଲି ପ୍ରକାଶ କରିଥିଲେ। କବି ବିଷ୍ଣୁପଦ ସେଠୀ ଢ଼େଲାଙ୍ଗ ଅଂଚଳର ଗୌରବ ଗାଥାକୁ ସ୍ମରଣ କରିଥିବାବେଳେ ଓଡ଼ିଶା ବନବାହିନୀ ମୁଖ୍ୟ ଶ୍ରୀ ଦେବୀଦତ ବିଶ୍ୱାଳ, ଆଇ.ଏଫ୍.ଏସ୍. ସମ୍ମାନର ଉତରରେ ବେରବୋଇର ଗାନ୍ଧୀଙ୍କ ରହଣି ଓ ତାଙ୍କ ଦର୍ଶନର ପ୍ରଭାବ ସମ୍ପର୍କ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସମ୍ପାଦକ ଅଧ୍ୟାପକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସଭାପତି ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ଅଧକ୍ଷତାର ପାୱାରଗ୍ରୀଡ୍ର କାର୍ଯ୍ୟପାଳ ନିର୍ଦ୍ଦେଶକ ଯୁଗେଶ ଦୀକ୍ଷିତଙ୍କୁ ସମ୍ମାନିତ କରାଯାଇଥିଲା। ସିନେ ଶିଳ୍ପୀ ଗୁଡୁ ଓ ଅର୍ପିତାଙ୍କ ସହ ରାଜ୍ୟ ସଂସ୍କୃତି ବିଭାଗର କଳାକାର ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ୧୯୩୮ ମସିହାରେ ଢ଼େଲାଙ୍ଗରେ ଅବସ୍ଥାନ କରିଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସହ ତାଙ୍କ ନାତି ଅରୁଣ ଗାନ୍ଧୀ ଓ ସ୍ଥାନୀୟ ବ୍ଲକର ପଂଚାୟତ ପ୍ରତିନିଧି ଶ୍ରୀ ଟୁଲୁ ରାଉତରାୟଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱମୁକ୍ତି କାର୍ଯ୍ୟ ନିର୍ବାହୀ ଶ୍ରୀମତୀ ସବିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

ଉକ୍ତ ଗରିମାମୟ ଗ୍ରାମୀଣ ଉତ୍ସବକୁ ମେ ୨ ତାରିଖ ସନ୍ଧ୍ୟାରେ ବିଶିଷ୍ଟ କବି ତଥା ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ. ପ୍ରସନ୍ନ ପାଟଶାଣୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜାତୀୟ ମର୍ଡ଼ନ ଆର୍ଟ ଗ୍ୟାଲେରୀର ମହାନିର୍ଦ୍ଦେଶକ ବିଶିଷ୍ଟ ସ୍ଥପତି ଶ୍ରୀ ଅଦ୍ୱୈତ ଗଡ଼ନାୟକ, କଣ୍ଠଶିଳ୍ପୀ ବିଚିତ୍ରାନନ୍ଦ ଦେଓ, ଏମ.ଏସ.ଏମ.ଇ. ସଂସ୍ଥାନର ଉପନିର୍ଦ୍ଦେଶକ ଶ୍ରୀ ସଚ୍ଚିତାନନ୍ଦ ଦାସ, ଆଇ.ଇ.ଏସ୍, ପ୍ରଖ୍ୟାତ ସିନେ ତାରକା ବବି ମିଶ୍ର ଓ ପୁନମ ମିଶ୍ର ଯୋଗଦେଇ ଭାରତୀୟ ଗ୍ରାମ୍ୟ ସଂସ୍କୃତି କିଭଳି ସାମାଜିକ ବନ୍ଧନକୁ ସୁଦୃଢ଼କରି ବିକାଶ ପଥରେ ଆଗେଇଥିଲା, ବକ୍ତବ୍ୟରେ ଉପସ୍ଥାପିତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଓଡ଼ିଶା ସଂସ୍କୃତି ବିଭାଗର ସାଂସ୍କୃତିକ ଦଳ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ମନୋରଂଜନ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧୀ ଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ଉଦ୍ଘାଟନ କରିଥିବାବେଳେ ସଭାକାର୍ଯ୍ୟକୁ ଶ୍ରୀ ସୂର୍ଯ୍ୟନାରାୟଣ ଜେନା। ପରିଚାଳନା କରିଥିଲେ। ଉଦ୍ଯାପନୀ ସଂନ୍ଧ୍ୟାରେ ଓଡ଼ିଶାର ସମବାୟ ନିବଂଧକ ଡ. ଉଦ୍ଧବ ଚରଣ ମାଝୀ, ଉପନିବଂଧକ ଶ୍ରୀ ଶିବପ୍ରସାଦ ସ୍ୱାଇଁ ଓ ବିଖ୍ୟାତ ସମାଜସେବୀ ଶ୍ରୀ ଭବାନୀ ଜଗଦେବ, ଢ଼େଲାଙ୍ଗ ବ୍ଲକ୍ର ଅଧକ୍ଷା ଶ୍ରୀମତୀ ବାସନ୍ତୀ ସାହୁ ଓ ସ୍ଥାନୀୟ ସରପଂଚ ଶ୍ରୀ ଶେଷଦେବ ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଲୋକକଳା ଓ ଲୋକ ସଂସ୍କୃତି କେତେ ଗରିମାମୟ ଥିଲା ତାହା ତାଙ୍କ ବକ୍ତବ୍ୟରେ ଆଲୋକପାତ କରିବାସହ କୃତି ଛାତ୍ରଛାତ୍ରୀ, ଖେଲୋ ଇଣ୍ଡିଆରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରାପ୍ତ ପ୍ରତିଭା ଓ ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ସମ୍ମାନୀତ କରିଥିଲେ। ଉଦ୍ଯାପନୀ ସଂନ୍ଧ୍ୟାକୁ ପୁରାତନ ଛାତ୍ର ପରିଷଦର ସଭାପତି ଅଧ୍ୟାପକ ତ୍ରିନାଥ ପରିଡ଼ା ପରିଚାଳନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ହୃଷିକେଶ ବଳିୟାରସିଂହ ସଭାଧକ୍ଷ ଦାୟିତ୍ୱ ତୁଲାଇଥିଲେ। ଢ଼େଲାଙ୍ଗ ଅଂଚଳରେ ଭାଇଚାରା ଓ ଓଡ଼ିଆ ଅସ୍ମିତାର ବିଶ୍ୱାୟନ ପାଇଁ ବିଶ୍ୱମୁକ୍ତିର ଏହି ପ୍ରୟାସକୁ ବୁଦ୍ଧିଜୀବୀମାନେ ସ୍ୱାଗତ କରିବାସହ ତିନି ଦିନର ସୃଜାତ୍ମକ କାର୍ଯ୍ୟକ୍ରମ ସ୍ମରଣୀୟ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।

# ଜନଜାତି ଅଧ୍ୟୁଷିତ ଅଂଚଳରେ ଗୋଷ୍ଠୀଭିତ୍ତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୫/୦୫ (ନି.ପ୍ର): ରାଜ୍ୟର କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଏବଂ ଫସଲର ବିବିଧିକରଣ ଏକ ଫଳପ୍ରଦ ପଦକ୍ଷେପ ଏବଂ ଏହା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । କୃଷି ସହିତ ଆନୁଷଙ୍ଗିକ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ ଚାଷୀଙ୍କୁ ବର୍ଷସାରା ରୋଜଗାର ଯୋଗାଇବା ସହିତ ଆୟବୃଦ୍ଧିରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଯୋଜନାଗୁଡ଼ିକ ଏକତ୍ର କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । କୃଷି ଭବନଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମନ୍ୱିତ କୃଷି, ଫସଲର ବିବିଧିକରଣ ଏବଂ ଜନଜାତି ଅଧ୍ୟୁଷିତ ଜିଲ୍ଲାରେ ସମନ୍ୱିତ କୃଷିକୁ ପ୍ରୋତ୍ସାହନ ପ୍ରଦାନ ଦିଗରେ କାର୍ଯ୍ୟକାରୀ ହେଉଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ସମନ୍ୱିତ କୃଷି କ୍ଷେତ୍ରରେ ହିତାଧିକାରୀ ଚାଷୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରିତ ବେଗରେ କରିବା ପାଇଁ କହିଥିଲେ । ରାଜ୍ୟର ୯ଟି ଜନଜାତି ଅଧ୍ୟୁଷିତ ଜିଲ୍ଲା ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ ମୟୂରଭଞ୍ଜର ୩୦୦ଟି ଗ୍ରାମ ପଂଚାୟତରେ ଗୋଷ୍ଠୀଭିତ୍ତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିରେ ୩୦୦ଟି ଗ୍ରାମପଂଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷ ଜମିରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରତି ଗ୍ରାମପଂଚାୟତର ଅନ୍ତତଃ ପକ୍ଷେ ୬୦୦ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ସମୁଦାୟ ୧ ଲକ୍ଷ ୮୦ ହଜାର କୃଷକ ପରିବାର ଉପକୃତ ହେବେ । ଏଥି ସହିତ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବ୍ୟକ୍ତିଗତ ଯୋଜନାରେ ୪୨୩୮ଟି ସମନ୍ୱିତ କୃଷି ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରଖାଯାଇଛି ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜନ୍ମଜୟନ୍ତୀ ପାଳିତ



ନୀଳଗିରି, ୦୫/୦୫ (ନି.ପ୍ର): ବୈଶାଖ ପୁର୍ଣମା ଅବସରରେ ସାନ୍ତାଳୀ ସମାଜର ମହାନ ପଣ୍ଡିତ ତଥା ଅଲଚିକ ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୮ତମ ଜନ୍ମ ଜୟନ୍ତୀ ପାଳିତ। ନୀଳଗିରି ବ୍ଲକ ବୈଷ୍ଣବବନ୍ଧ ଠାରେ ମାରାଂ ବୁରୁ ଯୁଆନକ୍ଲବ ଏବଂ ଜେ. କେ. ଏ. ସି ବୈଷ୍ଣବବନ୍ଧ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ରିଜର୍ଭ ବ୍ୟାଙ୍କର ପୂର୍ବତନ ମହାପ୍ରବନ୍ଧକ ମଦନ ମୋହନ ମାଝିଙ୍କ ଆବାହକତ୍ୱରେ ଏବଂ ପୂର୍ବତନ ଜେଲ ଡି ଆଇ ଜି ରଘୁନାଥ ମାଝୀଙ୍କ ପୌରହିତ୍ୱରେ ପ୍ରଥମଥର ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ବେଳେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଅବସରପ୍ରାପ୍ତ ଓ. ଆଇ. ସି ଲମ୍ବୋଦର ମାଝୀ ଅଂଶଗ୍ରହଣ କରିଥିଲେ କ୍ଷ ପ୍ରଥମେ ଆଦିବାସୀ ଙ୍କ ଆରାଧ ଦେବତା ମାରାଂବୁରୁ ଙ୍କୁ ପୂଜାଅର୍ଚ୍ଚନା ପରେ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଲଚିକ ବିଭାଗର ପ୍ରଫେସର ଗୋବିନ୍ଦ ଚନ୍ଦ୍ର ସରେନ ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ଅଲଚିକ ଲିପି ସାନ୍ତାଳୀ ସମାଜ ପାଇଁ ଏକ ଅନବଦ୍ୟ ଅବଦାନ ବୋଲି ମତବ୍ୟକ୍ତ କରିଥିଲେ । ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ବହୁ ସାନ୍ତାଳୀ ସମାଜର ଲୋକ ଉପସ୍ଥିତ ଥିଲେ । ପରେ ସାନ୍ତାଳୀ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

# ନୀଳଗିରିରେ ୩ ଦିନିଆ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଉଦଘାଟିତ

## ଉପାସନା ସାହୁ, ସଂଗୀତା ପାଢୀଙ୍କ ସ୍ୱରରେ ଝୁମିଲେ ଦର୍ଶକ



ନୀଳଗିରି , ୦୫/୦୫ (ନି.ପ୍ର): ପର୍ଯ୍ୟଟନ ସ୍ଥଳୀର ସହର ନୀଳଗିରି, ସେଇ ନୀଳଗିରି ବାସୀ ଓ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ କମିଟିର ଥିବା ୬୦୦ରୁ ଅଧିକ ସଦସ୍ୟଙ୍କ ମିଳିତ ସହଯୋଗରେ ପ୍ରଥମ ଥର ପାଇଁ କେସି ହାଇସ୍କୁଲ ପଡ଼ିଆରେ ୩ ଦିନ ପାଇଁ ନିଆରା ଢ଼ଙ୍ଗରେ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଲୋକସଭା ସାଂସଦ ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିବା ସହ ଯୁବ ସମାଜ ହିଁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ କ୍ଷ ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସମ୍ମାନୀୟ ଅତିଥି ଭାବେ ୨ନଂ ଜିଲ୍ଲାପରିଷଦ ସଭ୍ୟା ଉଷାରାଣି ରାଉଳ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ କୁମାର ଦାସ ଉପସ୍ଥିତ ରହି ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବଖାଣିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ମୁଖ୍ୟ ଉଦ୍ୟକ୍ତା ଶରତ ଦାସ, ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ଦୀପକ ରଞ୍ଜନ ଦାସ, କମଳାକାନ୍ତ ମୁଖି, ପ୍ରୀତିଶଙ୍କର ମହାପାତ୍ର, ବିଦ୍ୟାଧର ଖଟୁଆ, ତାପସ ମହାନ୍ତି, ରାଧାଗୋବିନ୍ଦ ଖଟୁଆ, ବୁଦ୍ଧଦେବ ସରକାର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଜଗନ୍ନାଥଙ୍କ ଫଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଜାଇଥିଲା । ଆବାହକ ସବ୍ୟସାଚୀ ମହାପାତ୍ର ପ୍ରଥମ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲାବେଳେ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କମେଡିଆନ୍ ମିଷ୍ଟର ଗୁଲୁଆ, କଣ୍ଠଶିଳ୍ପୀ ଉପାସନା ସାହୁ ଏବଂ ସଂଗୀତା ପାଢ଼ୀଙ୍କ ଦ୍ୱାରା ମନଛୁଆଁ ଗୀତରେ ହଜାର ହଜାର ଦର୍ଶକଙ୍କ ମନ ମୋହିବା ସହ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବର ମଞ୍ଚ ଦୁଲୁକି ଥିଲା।

# ଜିଲା ଘୋଷଣା ଲାଗି ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡିଲେ ଜଳେଶ୍ୱରବାସୀ

ଜଳେଶ୍ୱର , ୦୫/୦୫ (ନି.ପ୍ର): ଜଳେଶ୍ୱରରକୁ ଏକ ଜିଲା ଘୋଷଣା ଲାଗି ଦାବି ହୋଇ ଆସୁଥିବା ବେଳେ ଆଜି ମହାମହୀମ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲାଗି ଜଳେଶ୍ୱରବାସୀ ନିବେଦନ କରିଛନ୍ତି । ରାଜ୍ୟର ଉପାନ୍ତ ଅଂଚଳରେ ଜଷ୍ଟିସ୍ ଏଟ୍ ଦି ଡୋର ନ୍ୟାୟରେ ଏବଂ ବହୁବିଧ ସମସ୍ୟା ପାଇଁ ଜଳେଶ୍ୱର ଜିଲାର ଆବଶ୍ୟକତା ସଂପର୍କରେ ରାଷ୍ଟ୍ରପତିଙ୍କୁ ଲିଖିତଭାବେ ଜଣାଇ ଜିଲା ଘୋଷଣା ପାଇଁ ନିବେଦନ କରାଯାଇଛି । ଅତୀତରେ ସମ୍ରାଟ ଖାରବେଳଙ୍କ ସମୟରେ ଜଳେଶ୍ୱର ଏକ ସରକାର (ରାଜ୍ୟ)ଭାବେ ପରିଗଣିତ ହୋଇଥିଲା। ଇଂରେଜ ସରକାରଙ୍କ ପୂର୍ବରୁ ଜଳେଶ୍ୱରର ଗୁରୁତ୍ୱ ଅଧିକ ରହିଥିଲା । ସମଗ୍ର ପୂର୍ବ ଭାରତରେ ଜଳେଶ୍ୱର ଏକ ସେନା ଛାଉଣୀ ତଥା ପଦାତିକ ବାହିନୀର ପେଣ୍ଠସ୍ଥଳୀ ଥିଲା । ଏବେ ଓଡିଶାର ବୃହତ୍ ଅଂଶ ପଶ୍ଚିମବଂଗ ଓ ଝାଡଖଣ୍ଡରେ ରହିଥିବାରୁ ବିଭାନ୍ନ ସମସ୍ୟା ନେଇ ଦେଖାଦେଉଥିବା ପ୍ରଶାସନୀକ ଅସୁବିଧା ଦୂର ଲାଗି ଜଳେଶ୍ୱର ଜିଲା ଘୋଷଣା ସହାୟକ ହେବ ବୋଲି ଦର୍ଶାଯାଇଛି । ସୀମା ସମସ୍ୟା, ସୁବର୍ଣ୍ଣରେଖା ବାଲି ସମସ୍ୟା, ବନ୍ୟା, ନିଶାକାରବାର, ସମୁଦ୍ରପଥରେ ବାଂଲାଦେଶୀଙ୍କ ଅନୁପ୍ରବେଶ ଓ ପ୍ରାକୃତିକ ଦୁର୍ବିପାକ ବେଳେ ପ୍ରଶାସନୀକ ତତ୍ପରତା ଲାଗି ଜିଲା ଘୋଷଣା ଆବଶ୍ୟକତା ରହିଛି । ତେଣୁ ଜଳେଶ୍ୱରସ୍ଥିତ ସମାଜ କଲ୍ୟାଣ ବିକାଶ ପରିଷଦ ଦୀର୍ଘବର୍ଷ ଧରି ଜିଲା ଘୋଷଣା ଲାଗି ଦାବି କରି ଆସୁଥିବା ବେଳେ ନିକଟରେ ସର୍ବଦଳୀୟ ବୈଠକରେ ମଧ୍ୟ ଏହି ଦାବିକୁ ଦୁହରାଯାଇଛି । ଜଳେଶ୍ୱର ଠାରୁ କମ୍ ଜନସଂଖ୍ୟା, କମ୍ ସମସ୍ୟାବହୁଳ ଥାଇ ମଧ୍ୟ ଜିଲା ଘୋଷଣାଲାଗି ସରକାର ପଦକ୍ଷେପ ନେଉଥିବାରୁ ଜଳେଶ୍ୱରକୁ ଜିଲା ଘୋଷଣା ଲାଗି ବିଚାର କରିବାକୁ ଦାବି ହୋଇଛି । ଭାରତର ମହାମହୀମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇରଂଗପୁର ଗସ୍ତରେ ଆସିଥିବା ବେଳେ ସମାଜ କଲ୍ୟାଣ ବିକାଶ ପରିଷଦର ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ବହୁ ଜଳେଶ୍ୱରବାସୀ ଜିଲା ଘୋଷଣାର ଯଥାର୍ଥତା ସଂପର୍କରେ ଲିଖିତଭାବେ ରାଷ୍ଟ୍ରପତିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ।

## ବୁଦ୍ଧ ପୂର୍ଣ୍ଣିମାରେ ଧଉଳିରେ ପରିବେଶ ଶୋଭାଯାତ୍ରା

ଭୁବନେଶ୍ୱର, ୦୫/୦୫ (ନି.ପ୍ର): ବୁଦ୍ଧ ପୂର୍ଣ୍ଣିମା ଅବସରରେ ବୁଦ୍ଧଙ୍କ ବିଶ୍ୱ ଐତିହ୍ୟ ସ୍ମାରକୀ ଶାନ୍ତିସ୍ତୂପ ଧଉଳି ଓ ଏହାର ଆଖପାଖ ପରିବେଶକୁ ସୁସ୍ଥ ରଖିବାକୁ ଏକ ପରିବେଶ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥି ସହ ଶାନ୍ତିସ୍ତୂପ ଧଉଳି ଓ ବୌଦ୍ଧ ଧର୍ମର ଜାପାନୀ ଗୃହ ତଥା ସୁଧର୍ମା ଗୃହ ନିକଟରେ ସଫେଇ କରାଯିବା ସହ ବୃକ୍ଷ ରୋପଣ କରାଯାଇଥିଲା। ଆଂଚଳିକ ବିକାଶ ପରିଷଦ, ଧଉଳି ବ୍ୟବସାୟୀ ସଂଘ ମିଳିତ ଭାବେ ଏହାକୁ ଆୟୋଜନ କରିଥିଲେ। ମିଳିତ ମହମଂଚର ଆବାହକ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳିଙ୍ଗ ନିପନ ବୁଦ୍ଧ ସଂଘର ସମ୍ପାଦକ ଲିୟୁ କ୍ୟୋ ଯୁଙ୍ଗ୍, ହାଇକୋର୍ଟ ଆଇନଜୀବୀ ସରୋଜ କୁମାର ସାହୁ, ଆଂଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ତଥା ସାହିତ୍ୟିକ ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ କୁମାର ପୁରୋହିତ ଓ ଅନ୍ୟ ସଦସ୍ୟବୃନ୍ଦ ସାମିଲ ହୋଇଥିଲେ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଯୁବକ ମୃତ



ଖୋର୍ଦ୍ଧା , ୦୫/୦୫ (ନି.ପ୍ର): ଗତ କାଲି ଖୋରଧା ସଦର ଥାନା ଦଧିମାଛ ଗାଡିଆ ଛକ ନିକଟରେ ଏକ ଦାମୀ ସୌକୋନି ହୁଣ୍ଡାଇ ଭେନ୍ୟୁ କାର ନମ୍ବର ଓଡ଼ି ପ ୦ ୨ ପସିବି ପ ୩ ୦ ୪ ୦ ଦୁର୍ଘଟଣା ଘଟିଛି। କାର ଚାଳକ ଖୋର୍ଦ୍ଧାର ଯୁବ ବେବସାୟି ଲୋକେଶ ଅଗ୍ରୱାଲା ,ପିତା, ମାଦନ ରାମ ଅଗ୍ରୱାଲା ,ଖୋର୍ଦ୍ଧା କୋଟି କୋଟି ଟଙ୍କାର ମାଲିକ। ପ୍ରାପ୍ତ ସୂଚନା ଅନୁଯାୟୀ ଲୋକେଶ ତାଙ୍କ ଦଧିମାଛ ଗାଡିଆ ଛକ ପେଟ୍ରୋଲ ଟାଙ୍କୀ ଓ ଅନ୍ୟାନ୍ୟ ବେବଶାୟ ବୁଝି ଖୋର୍ଦ୍ଧା ମାଳୁଆଳି ପଟି ଘରକୁ ଦୃତ ଗତିରେ ଫେରୁ ଥିଲେ। ମାତ୍ର ଦୁଃଖର ବିଷୟ କାରଟି ନିୟନ୍ତ୍ରଣ ହରାଇ ଆଗରେ ଯାଉ ଥିବା ଏକ୍ ଟ୍ରକକୁ ପଛ ପଟୁ ଧକା ଦେଲା ଯୋଗୁ କାର ସମ୍ମୁଖ ଭାଗ ପୁରା ନଷ୍ଟ ହୋଇ ଜାଇ ଥିଲା। କାର ଚାଳକ ଛିଟିକି ତଳେ ପଡି ଯାଇଥିଲେ । ତାକୁ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଡକାଇ ଖୋର୍ଦ୍ଧା ମୁଖ୍ୟ ଚିକିସାଳେୟେକୁ ପଠାଇ ଥିଲେ। ବାଟରେ ଏହି ଯୁବକଙ୍କ ମୃତ୍ୟ ହୋଇ ଥିଲା। ଖୋର୍ଦ୍ଧା। ମାଳୁଆଳୀ ପଟି ଓ ଖୋର୍ଦ୍ଧା ସହର ଲୋକଙ୍କ ଦୁଃଖ ଛାୟା ଖେଳି ଯାଇଥିଲା। ସଡକ ସୁରକ୍ଷା ସପ୍ତାହ ଯେତେ ସଚେତନା କଲେ ମଦ୍ୟ ଏହାର ପ୍ରଭାବ ଯୁବ ସମାଜ ଉପରେ କିଛି ପଡୁନାହିଁ। ଏଣୁ ମୂଲ୍ୟବାନ ଜୀବନ ଚାଲି ଯାଉଛି।

# ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତି ପାଳିତ



ବସ୍ତା , ୦୫/୦୫ (ନି.ପ୍ର): ବସ୍ତା ବ୍ଲକ ପାଉଁଶକୁଲି ଶ୍ରୀନାଥ ଚନ୍ଦ୍ର ଉ:ପ୍ରା: ବିଦ୍ୟାଳୟ ପ୍ରାଙ୍ଗଣରେ ଅଲ୍ ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍ କେ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ଜୟନ୍ତି ପାଲଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମକୁ ସମାଜ ସେବୀ ରାମଚନ୍ଦ୍ର ବେସ୍ରା ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ସିଆରସିସି ଅସିତ୍ କୁମାର ମହାନ୍ତି ଓ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଚାମ୍ପୁ କିସ୍କୁ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଆଦିବାସୀ ଛାତ୍ରଛାତ୍ରୀ ଙ୍କୁ ଅଲ୍ ଚିକି ପୁସ୍ତକ ବଣ୍ଟନ କରାଯିବ ସହିତ,ସରକାରୀ ଓ ପ୍ରଶାସନିକ ସ୍ତରରେ ଅଲ୍ ଚିକି ଭାଷା ର ପ୍ରଚାର ପ୍ରସାର ସହିତ୍, ବିଦ୍ୟାଳୟ ମାନଙ୍କରେ ଅଲ୍ ଚିକି ଭାଷା କୁ ସ୍ଥାନିତ କରିବା ସହିତ ଅଲ୍ ଚିକି ଶିକ୍ଷକ ନିଯୁକ୍ତି ପାଇଁ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟ ମାନଙ୍କ ଭିତରେ ଶିକ୍ଷକ ପରେଶ୍ କୁମାର ହାଁସଦା, କରୁଣାକର ମାରାଣ୍ଡି, ଚାନ୍ଦୁ ମୁର୍ମୁ, ଚୈତନ୍ୟ ମୁର୍ମୁ,ଚାନ୍ଦୁ ସୋରେନ୍, ଗୋପାଲ ସୋରେନ୍, ଜାପାନ କିସ୍କୁ, ସନାତନ ମୁର୍ମୁ, ଲମ୍ବୋଦର ଟୁଡୁ, ବିଶ୍ୱନାଥ ହେମ୍ବ୍ରମ୍, ଦାସ ମୁର୍ମୁ, ଜିତେନ୍ଦ୍ର ଟୁଡୁ ପ୍ରମୁଖ ଉପସ୍ଥିତ ରହି ନିଜର ନିଜର ବକ୍ତବ୍ୟ ରଖି ଥିବା ବେଳେ, ଶିକ୍ଷକ ହରିହର ବେସ୍ରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଜେଡି ପଂଚାୟତ ସଭାପତିଙ୍କ ଘରୁ ବାଇକ୍ ଚୋରି

ଜଳେଶ୍ୱର ୫/୫ (ନି.ପ୍ର): ଜଳେଶ୍ୱର ବ୍ଲକର ନଛିମପୁର ପଂଚାୟତ ଅଧିନ ନାଗୁଡସାହି ଗାଁର ସପଦନ କୁମାର ଜେନା (ଶିବୁ)ଙ୍କ ଘରୁ ଗତକାଲି ରାତିରେ ଏକ ବାଇକ୍ ଚୋରୀ ହୋଇ ଯାଇଛି । ଓଡି୦୧ଏମ୍-୮୧୯୫ କଳା ସିଲଭର ରଂଗର ଗ୍ଲେମର ମଟର ସାଇକେଲ ଟି ଘର ସମ୍ମୁଖରେ ରହିଥିବା ବେଳେ କେହି ଜଣେ ଦୁର୍ବୃର୍ତ୍ତ ଚାବି ଭାଂଗି ତାହାକୁ ଚୋରୀ କରିନେଇଛନ୍ତି । ଏ ସଂପର୍କରେ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସେ ଜଣେ ବିଜେଡି ପଂଚାୟତ ସଭାପତି ଓ ଲକ୍ଷ୍ମଣନାଥ ସମାବାୟ ସମିତି ସଭାପତି ହୋଇଥିବାରୁ ତାଙ୍କର କେହି ଶତ୍ରୁ ଏପରି କାଣ୍ଡ ଭିଆଇଥିବା ଅନୁମାନ କରାଯାଉଛି ।

## କାଲମାର୍କସଙ୍କ ୨୦୬ ତମ ଜୟନ୍ତୀ ପାଳିତ

ଜଳେଶ୍ୱର, ୦୫/୦୫ (ନି.ପ୍ର): ବିଶ୍ୱରେ ଶ୍ରେୟଣୀ ସଂଘର୍ସହିଁ ଶ୍ରେଷ୍ଠ ଇତିହାସ । ଯେତେଦିନ ପର୍ଯ୍ୟନ୍ତ ଶ୍ରେଣୀ ଭିତ୍ତିକ ଶୋଷଣ ରହିଥିବ ସେତେଦିନ ପର୍ଯ୍ୟନ୍ତ ରାଷ୍ଟ୍ରର ସତ୍ତା ରହିବ । କିନ୍ତୁ ଶୋଷଣରୁ ମୁକ୍ତି ପାଇବାକୁ ହେଲେ ଖଟିଖିଆ ମେହନତୀ ମଣିଷକୁ ରାଷ୍ଟ୍ରର କ୍ଷମତା ଦଖଲ କରିବାକୁ ହେବ ବୋଲି ଆଜି କାଲମାର୍କସଙ୍କ ୨୦୬ ତମ ଜୟନ୍ତୀ ଅବସରରେ ମତପ୍ରକାଶ ପାଇଛି । ୨୦୬ ବର୍ଷ ପୂର୍ବ ୧୮୧୮ ମସିହା ମେ ୫ ତାରିଖରେ ବିଶିଷ୍ଟ ଦାର୍ଶନୀକ କାଲମାର୍କସ ଜନ୍ମଗ୍ରହଣ କରିଥିଲେ । ସେ ଓ ତାଙ୍କର ବଂଧୁ ଫେଡେରିକ୍ସ ଏଙ୍ଗେଲର୍ସ ବିଶ୍ୱକୁ ବହୁ ବିଜ୍ଞାନ ସମ୍ମତ ଦର୍ଶନ ପ୍ରଦର୍ଶନ କରିଥିଲେ । ଦୁନିଆର ମଜଦୁର ଏକ ହୁଅ ସ୍ଲୋଗାନ ମାକାର୍ସଙ୍କ ଠାରୁ ସୃଷ୍ଟି ହୋଇଥିଲା । ସେଭଳି ବ୍ୟକ୍ତିଙ୍କ ଜନ୍ମ ଦିନରେ ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ସାମ୍ୟବାଦୀ ନେତା ଶିଶିର ହୁଇ, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ଆରତୀ ପଲାଇ, ରବିନ୍ଦ୍ର ବାରିକ, ରତନ ଦାସ ପ୍ରମୁଖ ଐକ୍ୟବଦ୍ଧଭାବେ ସାମ୍ପ୍ରଦାୟୀକ ଶକ୍ତି ବିରୋଧରେ ଏକଯୁଟ ହେବାକୁ ଆହ୍ୱାନ ଦେଇଥିଲେ ।

# କରୋନା ଛଡ଼ାଇ ନେଲା ପାଠ: ପଢ଼ାରେ ଡ଼ୋରି ବାନ୍ଧିଲେ ଦୁଲାରୀ ଓ ଦୁଷ୍ମନ୍ତ



ଉଦଳା, ୦୫/୦୫ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ସରାସବିଲା ଗ୍ରାମର ବୁଧିଆ ସୋରେନଙ୍କ କନ୍ୟା ଦୁଲାରୀ ଓ ହରିହର ମଳିକଙ୍କ ପୁତ୍ର ଦୁଷ୍ମନ୍ତ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣା ଯାଇଛି । ଏହି ଦୁଇ ଛାତ୍ର ଛାତ୍ରୀଙ୍କୁ ବର୍ତମାନ ବୟସ ୧୨ ଛୁଇଁଲା । ଗ୍ରାମରେ ଥିବା ବିଦ୍ୟାଳୟରେ ସେମାନେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । କରୋନା ସମୟରେ ବିଦ୍ୟାଳୟ ଛୁଟି ପଡ଼ିଯିବା ଫଳରେ ସେମାନେ ପାଠ ପଢ଼ା ଠାରୁ ଦୁରେଇ ଯିବା ସହିତ ବର୍ତମାନ ପାଠ ପଢ଼ା ସମ୍ପୂର୍ଣ୍ଣ ଛାଡ଼ି ଦେଇଛନ୍ତି । ସେମାନଙ୍କୁ କିପରି ପୁଣିଥରେ ବିଦ୍ୟାଳୟକୁ ନିଆଯିବ ଓ ପାଠ ସହିତ ବାନ୍ଧି ରଖାଯିବ, ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ମଧ ପ୍ରକାଶ ପାଇ ନାହିଁ । ମୋଟା ଅଙ୍କରେ ଦରମା ନେଇ ଯେଉଁ ସରକାରୀ ବାବୁ ମାନେ ଏଥିପାଇଁ ନିଯୁକ୍ତି ପାଇଛନ୍ତି ସେମାନେ ତାଙ୍କର କର୍ତବ୍ୟ ଠିକ୍ ଭାବେ ସମ୍ପାଦନ କରୁ ନାହାଁନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ନିର୍ବାଚିତ



ବାରିପଦା , ୦୫/୦୫ (ନି.ପ୍ର): ବାରିପଦା ବ୍ଲକରେ ୧୫ ଗୋଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେତନା ଗ୍ରାମ ପଞ୍ଚାୟତରେ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ଶ୍ରୀମତୀ ପାନମଣି ହାଁସଦାଙ୍କ ଅକାଳ ବିୟୋଗରେ ଉପ-ନିବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ଶ୍ରୀମତୀ ହାଁସଦାଃଙ୍କ କନ୍ୟା ସୁବାସିନୀ ହାଁସଦାଃ ବିଜୁ ଜନତା ଦଳ ତରଫରୁ ପ୍ରାର୍ଥୀ ହୋଇ ବିଜୟଲାଭ କରିଛନ୍ତି । ସେ ସର୍ବମୋଟ ୨୦୧୬ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅନୀମା ସିଂଙ୍କୁ ୧୬୨୧ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ଅନିମା ସିଂ ୩୯୫ ଖଣ୍ଡ ଭୋଟ ପାଇଛନ୍ତି । ଏହି ବିଜୟରେ ବିଜୁ ଜନତା ଦଳର ସଭାପତି ତଥା ବିଧାୟକ ସୁଦାମ ମାରାଣ୍ଡି , ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୟୂରଭ ଜିଲ୍ଲା ବିଜୁ ଜନତା ଦଳର ସଂଯୋଜକ ଶ୍ରୀଯୁକ୍ତ ଜନ୍ମେଜୟ ଲେଙ୍କା, ଆଦିବାସୀ ସ୍ୱତନ୍ତ୍ର ପରିଷଦର ଅଧ୍ୟକ୍ଷ ଡକ୍ଟର ଦେବାଶିଷ ମାରାଣ୍ଡି. ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ଜିଲ୍ଲାପରିଷଦର ଅଧ୍ୟକ୍ଷ ଭାରତୀ ହାଁସଦାଃ, ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, ବାରିପଦା ବ୍ଲକର ଅଧ୍ୟକ୍ଷ ସୁନ୍ଦର ସିଂ, ବାରିପଦା ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ପାତ୍ର, ବିଜେଡି, ମୟୂରଭର ସମ୍ପାଦକ ବୈଦ୍ୟନାଥ ସାହୁ, ରାଜ୍ୟ ଖୋଦିବୋର୍ଡର ସଦସ୍ୟ ସରୋଜ କୁମାର ବୋଷ, ସମିତି ସଭ୍ୟ ମମତା ସେଠୀ, ଗୌତମ ସିଂ, ପୁରୁଷୋତ୍ତମ ସିଂ, ବିଶ୍ୱନାଥ ଟୁଡୁ, ରୁହ୍ୟା ହେମ୍ବ୍ରମ, ବିଜୁ ସିଂ, ଅଶୋକ ସେଠୀ, ସେକ୍ ଫିରୋଜୁଦ୍ଦିନ, ରବି ମହାନ୍ତ ପ୍ରମୁଖ ଅଭିନନ୍ଦନ ଜଣାଇବା ସହିତ ଏହି ବିଜୟ ଆଗାମୀ ଦିନରେ ବିଜୁ ଜନତା ଦଳକୁ ଅଧିକ ସୁଦୃଢ କରିବା ସହିତ ବାରିପଦା ବ୍ଲକ ତଥା ବାରିପଦା ନିର୍ବାଚନ ମଣ୍ଡଳୀରେ ଅଧିକରୁ ଅଧିକ ବିଜୁ ଜନତା ଦଳକୁ ଭୋଟ ଦେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଜନ୍ମଜୟନ୍ତୀ ପାଳିତ

ଜଳେଶ୍ୱର , ୦୫/୦୫ (ନି.ପ୍ର): ଦେଶର ପ୍ରଥମ ମୂଳବାସିନ୍ଦା ଆଦିବାସୀ ସଂପ୍ରଦାୟ ହୋଇଥିଲା ବେଳେ ସେମାନଙ୍କ ଲିପିର ଅନ୍ୟତମ ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁ ଶାନ୍ତାଳୀ ତଶ ଅଲଚିକି ଭାଷା ସର୍ବାଦୃତ କରିଛନ୍ତି । ଆଜି ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ଜଳେଶ୍ୱର ବ୍ଲକର ଖୁଦିଆ ମାଝିସାହୀ ପଂଚାୟତର ୯ ମାଣିଆ ଠାରେ ଜନ୍ମ ଜୟନ୍ତି ପାଳିତ ହୋଇଛି । ବିପ୍ଳବ ପ୍ରଧାନଙ୍କ ନେତୃତ୍ୱରେ ବାଲେଶ୍ୱର ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଓ ଅଲଚିକି ଭାଷାର ଆବଶ୍ୟକତା ସଂପର୍କରେ ସେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ବେଜ, ସମିତି ସଦସ୍ୟ ମୁକୁନ୍ଦ ଜେନା, ସଂଗ୍ରାମ ଜେନା, ଦେବରଂଜନ ପାଠୀ, ଜଗନ୍ନାଥ ଗୋଛାୟତ, ସନ୍ତୋଷ ସାହୁ ପ୍ରମୁଖ ଏଥିରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜବା ମାରାଣ୍ଡି, ସୂର୍ଯ୍ୟକାନ୍ତ ମାରାଣ୍ଡି, ଯଦୁ ମାରାଣ୍ଡି, ସୁନିଲ ମାରାଣ୍ଡି, ରବିନ ମାରାଣ୍ଡି, ଗଜେନ୍ଦ୍ର ମାରାଣ୍ଡି ପ୍ରମୁଖ ବୃକ୍ଷ ଓ ମୂର୍ତ୍ତୀ ପୁଜା ସଂପର୍କରେ ବର୍ଣ୍ଣନା କରିଥିଲେ । ପଣ୍ଡିତ ମୁର୍ମୁ ଅଲଚିକିର ସ୍ରଷ୍ଟା ଭାବରେ ଆଦିବାସୀଙ୍କ ଲାଗି ପରିଚୟ ସୃଷ୍ଟି କରିଥିବା କହିଥିଲେ ।

# ପଣ୍ଡିତ ରଘୁନାଥ ମୁର୍ମୁ ଏବଂ ଧରଣୀଧର ନାଏକଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୦୫/୦୫ (ନି.ପ୍ର): ମହାନ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ) ଏବଂ ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କେନ୍ଦୁଝର ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ୧୫୯ତମ ଜୟନ୍ତୀ ପାଳନ ଉପଲକ୍ଷେ ଶୁକ୍ରବାର ପ୍ରତ୍ୟୁଷରେ ଭୁବନେଶ୍ୱର ଜୟଦେବ ବିହାର ସନ୍ନିକଟ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେହିଭଳି ବିଭାଗ ଆନୁକୂଲ୍ୟରେ ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୮ତମ ଜୟନ୍ତୀ ପାଳନ ଉପଲକ୍ଷେ ଭୁବନେଶ୍ୱର ନିଳାଦ୍ରୀ ବିହାର ସୀତାନାଥ ବସ୍ତିସ୍ଥିତ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ମଧ ମାଲ୍ୟାର୍ପଣ ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo